RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-342 ◆BHUBANESWAR ◆TUESDAY ◆10 JUNE 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୨ ◆ସଂଖ୍ୟା-୩୪୨ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୦ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



‘ଧୁରନ୍ଧର’ ଲିକ୍ ହେଲା ରଣବୀର-ସଞ୍ଜୟଙ୍କ ଲୁକ୍

▶ପୃଷ୍ଠା ୧୧ ଦେଖନ୍ତୁ...

## ଯୌତୁକରେ ୫୮ ଲକ୍ଷ ଟଙ୍କାର ୧୦୦ ବିଲେଇ ଉପହାର

■ **ବେଜିଂ, ୯।୬ (ଏଜେନ୍ସି):** ନିକଟରେ ଭିଏତନାମର ଜଣେ ଯୁବତୀଙ୍କ ବିବାହ ସମୟରେ ତାଙ୍କ ପିତାମାତା ଅନ୍ୟାନ୍ୟ ସାମଗ୍ରୀ ସହ ଉପହାର ଦେଇଛନ୍ତି ସିଭେଟ ପ୍ରଜାତିର ୧୦୦ଟି ବିଲେଇ। ଏହି ବିଲେଇଗୁଡ଼ିକର ଆନୁମାନିକ ମୂଲ୍ୟ ୧.୮ ଭିଏତନାମ ଡ଼ଙ୍ଗ ବା ୭୦ ହଜାର ଆମେରିକୀୟ ଡ଼ଲାର। ଭାରତୀୟ ମୁଦ୍ରାରେ ଏହାର ମୂଲ୍ୟ ପ୍ରାୟ ୫୬ ଲକ୍ଷ ଟଙ୍କା ହେବ। ଚୀନ, ଇଣ୍ଡୋନେସିଆ ସିଭେଟ୍ ପ୍ରଜାତିର ଏହି ବିଲେଇଗୁଡ଼ିକର ଚାହିଦା ଢେର



ଅଧିକ। ସାଧାରଣତଃ କଫି ଉତ୍ପାଦନରେ ଏହି ବିଲେଇକୁ ବ୍ୟବହାର କରାଯାଇଥାଏ। ସିଭେଟ୍ ବିଲେଇ ପାଚିଲା କଫି ଖାଇବା ପରେ ତାହା ସେମାନଙ୍କ ପାଚନ ପ୍ରଣାଳୀ ଦେଇ ଗତିକରେ। ସିଭେଟ୍ ମଳରୁ କଫିର ମଞ୍ଜି ସଂଗ୍ରହ କରାଯାଇ ତାହାକୁ ପ୍ରକ୍ରିୟାକରଣ କରାଯାଇଥାଏ। ସିଭେଟ ମଳରୁ ସଂଗୃହୀତ କଫି ମଞ୍ଜି ବା ବିନ୍ସଗୁଡ଼ିକରୁ ପ୍ରସ୍ତୁତ କଫି ବିଶ୍ୱର ସବୁଠାରୁ ଦାମୀ କଫି ରୂପେ ପରିଚିତ। କଫି ଉତ୍ପାଦନ ବ୍ୟତୀତ ସିଭେଟ ବିଲେଇର ମାଂସ ଚୀନ ଓ ▶ପୃଷ୍ଠା-୭

## ଏଣିକି ରେକର୍ଡ ହୋଇପାରିବ ରାତିରେ ଦେଖୁଥିବା ସ୍ୱପ୍ନ

■ **ଟୋକିଓ, ୯।୬ (ଏଜେନ୍ସି):** ଶୋଇବା ବେଳେ ସମସ୍ତେ ସ୍ୱପ୍ନ ଦେଖନ୍ତି; ମାତ୍ର ଏହାକୁ ମନେ ରଖିବା ଅନେକଙ୍କ ପାଇଁ ସମ୍ଭବ ହୁଏ ନାହିଁ। ଏବେ ଜାପାନର ବୈଜ୍ଞାନିକମାନେ ଏପରି ଏକ ଉପକରଣ ଉଦ୍‌ଭାବନ କରିଛନ୍ତି, ଯାହା ସ୍ୱପ୍ନକୁ ରେକର୍ଡ କରିପାରିବ। ପରବର୍ତ୍ତୀ ସମୟରେ ଏହାକୁ ଭିଡିଓ ପରି ପୁନର୍ବାର ଦେଖିହେବ। କ୍ୟାଟୋର ଏଟିଆର୍ କମ୍ପ୍ୟୁଟେସନାଲ ନ୍ୟୁରୋସାଇନ୍ସ ପ୍ରୟୋଗଶାଳାର ବୈଜ୍ଞାନିକମାନେ ସ୍ନାୟୁର କାର୍ଯ୍ୟକଳାପକୁ ବିସ୍ତୃତ ରେକର୍ଡ



କରିବା ନିମନ୍ତେ ଏପରି ଏକ ଯନ୍ତ୍ରାଂଶର ଉଦ୍‌ଭାବନରେ ଲାଗିଛନ୍ତି, ଯାହା ନିଦ୍ରାବସ୍ଥାରେ ମସ୍ତିଷ୍କରେ ପରିଚାଳିତ ହେଉଥିବା ଦୃଶ୍ୟାଂଶ ଓ ସ୍ନାୟୁର ବିଭିନ୍ନ ଗତିବିଧିକୁ ରେକର୍ଡ କରିପାରିବ। ପ୍ରୟୋଗଶାଳାର ପ୍ରଫେସର ୟୁକିୟାସୁ କାମିତାନୀ ଏ ସଂକ୍ରାନ୍ତରେ କହିଛନ୍ତି ଯେ ସ୍ୱପ୍ନ ହେଉଛି ଅବଚେତନ ମନର ଏକ ପ୍ରତିଫଳନ। ମଣିଷର ମସ୍ତିଷ୍କରେ ନିରନ୍ତର ଭାସମାନ ଚିନ୍ତା ଓ ଚେତନା ଅନେକ ସମୟରେ ସ୍ୱପ୍ନ ଭାବରେ ଦେଖା ଯାଇଥାଏ। ତେଣୁ ▶ପୃଷ୍ଠା-୭

### ଖରିଫ୍‌କୁ ବଳିଗଲା ରବି ଯନ୍ତ୍ରଣା

# ଚାଷୀ ରାସ୍ତାରେ; ନେତା ମଞ୍ଚରେ

■ **ଭୁବନେଶ୍ୱର, ୯।୬(ସମିସ):** ଖରିଫ ଯନ୍ତ୍ରଣାର ଲାଘବ ହୋଇ ନାହିଁ, ରବି ଯନ୍ତ୍ରଣାରେ କଳବଲ ହେଉଛନ୍ତି ଚାଷୀ। ଧାନ ବିକ୍ରି ବେଳେ ୧୨ କିଲୋ ଯାଏ କଟନିଛଟନି ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଛି ଓ ଧାନ ବିକ୍ରିର ମାସମାସ ପରେ ମଧ ବ୍ୟାଙ୍କକୁ ଟଙ୍କା ଆସୁନାହିଁ। ଯାହାକୁ ନେଇ ଚାଷୀ ରାସ୍ତାରେ ବସିଛି, ମାତ୍ର ସରକାର ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ଏକପକ୍ଷରେ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଅଧିକ ଦିଆଯାଉଛି ବୋଲି ସରକାର ଘଣ୍ଟି ପିଟୁଥିବାବେଳେ ଚାଷୀ ନିଜର ଅମଳ ଧାନକୁ ଠିକ୍ ଭାବେ ବିକ୍ରି କରିପାରୁନି। ସେହିଭଳି ଟୋକନ୍ ମିଳିବା ପରେ ବି ଧାନ କଣ୍ଟା ହେଉନି। ମଣ୍ଡିଗୁଡ଼ିକରେ ଧାନ ଦିନ ଦିନ ଧରି ଖୋଲା ଆ।କାଶ ତଳେ ପଡ଼ି ରହୁଛି। ଲଘୁଚାପ ଓ ମୌସୁମୀ ବର୍ଷା ଯୋଗୁଁ ଚାଷୀ ଏଫଏକ୍ୟୁ ମାନର ଧାନ ମଣ୍ଡିକୁ

### ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର

### ୧୨ କିଲୋ ଯାଏଁ କଟ୍‌ନୀଛଟ୍‌ନୀ

ଆଣିଥିଲେ ବି ଓଦା ହେବାରୁ ଧାନର ମାନ ହ୍ରାସ ପାଉଛି। ଖରିଫ୍‌ରେ ଏହି ସମସ୍ୟା ଉପୁଜିଥିଲା ବୋଲି ରବିରେ ଏହାର ସୁଧାର ଆଣିବା ପାଇଁ ସରକାର ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଧାନ କିଣିବା ପୂର୍ବରୁ ଅନୁଷ୍ଠିତ ସମୀକ୍ଷା ବୈଠକରେ ବି ଏ ବାବଦରେ ଆଲୋଚନା ହୋଇଥିଲା। ମାତ୍ର ତୃଣମୂଳସ୍ତରରେ କାର୍ଯ୍ୟକାରୀ ହୋଇପାରିଲାନି। ଏହାକୁ ନେଇ ରାଜ୍ୟବ୍ୟାପୀ ଚାଷୀ ରାଜରାସ୍ତାରେ ଆନ୍ଦୋଳନ କଲେ ବି ସରକାରଙ୍କ ନିଘା ନାହିଁ।

ମେ’ ୧୪ରୁ ରବି ଧାନ କିଣା ଆରମ୍ଭ ହୋଇଛି ଓ ଆସନ୍ତା ଜୁନ୍ ୩୦ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ। ଚଳିତ ରବି ଋତୁରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୩ ଲକ୍ଷ ୩୭ ହଜାର ଚାଷୀ ପଞ୍ଜିକରଣ କରିଛନ୍ତି। ୨୦ଟି ଜିଲ୍ଲାରେ ୯୬୫ଟି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଧାନ କିଣାଯାଉଛି। ମାତ୍ର ରାଜ୍ୟବ୍ୟାପୀ ମାଳମାଳ ସମସ୍ୟା ଥିଲେ ହେଁ ସରକାର ଏଥିପ୍ରତି ସାମାନ୍ୟତମ ଧ୍ୟାନ ଦେଉ ନ ଥିବା ▶ପୃଷ୍ଠା-୭



ମଣ୍ଡିରେ ଭିଜୁଛି ଧାନ; ମିଲର୍-ପ୍ରଶାସନ ବେଫିକର

## ୫ ଘଣ୍ଟା ଜାତୀୟ ରାଜପଥ ଅବରୋଧ କଲେ ଚାଷୀ

■ **ସମ୍ବଲପୁର, ୯।୬ (ସମିସ):** କ୍ଷମତାକୁ ଆସିଲେ ବିଜେପି ପ୍ରଥମେ ଚାଷୀଙ୍କ ସମସ୍ୟା ଦୂର କରିବ ବୋଲି ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଚାଷୀଙ୍କ ସମସ୍ୟା ଦୂର କରିବା ବଦଳରେ ଆନ୍ଦୋଳନ କରିବାକୁ ବାଧ କରୁଛି ଏହି ସରକାର। ମଣ୍ଡିରୁ ଧାନ ଉଠିବା ନେଇ ବାରମ୍ବାର ଚାଷୀମାନେ ଅଭିଯୋଗ କରୁଥିଲେ। ଏପରିକି ଯୋଗାଣ ବିଭାଗଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ମଧ କରିଥିଲେ। କିନ୍ତୁ କେହି ଶୁଣିଲେନି। ବାଧ ହୋଇ ରାଜ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କଲେ। ହଜାର ହଜାର ଗାଡ଼ିକୁ ଅଟକାଇ ଶାନ୍ତି ପୂର୍ଣ୍ଣ ପ୍ରତିବାଦପରେ ବାଧ ହୋଇ ମୁଣ୍ଡ ନୁଆଇଁଛି ଜିଲ୍ଲା ପ୍ରଶାସନ।

ସୂଚନା ଅନୁସାରେ ଜିଲ୍ଲାର ସମସ୍ତ ମଣ୍ଡିରେ ଲକ୍ଷାଧିକ ଧାନ ପ୍ୟାକେଟ ପଡିରହିଛି। ବର୍ଷାରେ ବି ଭିଜୁଛି। ବାରମ୍ବାର ଅଭିଯୋଗ ପରେ ମଧ ୪ଦିନରୁ ଅଧିକ ଦିନ ହେଲାଣି ଧାନ ମଣ୍ଡିରୁ ଉଠୁନି। ଏହାକୁ ପ୍ରତିବାଦ କରି ସମ୍ବଲପୁର ସହରର ମୁମ୍ବାଇ-କୋଲକାତା ୫୩ ନମ୍ବର ଜାତୀୟ ରାଜପଥ ସିନ୍ଦୁର ପଙ୍କ ଛକ ଅବରୋଧ ହୋଇଥିଲା। ସମ୍ବଲପୁର କୃଷକ ସୁରକ୍ଷା ସଂଗଠନ ଓ ପଶ୍ଚିମ ଓଡିଶା କୃଷକ ସଂଗଠନ ସମିତି ପକ୍ଷରୁ ସକାଳ ୭ ଟାରୁ ରାସ୍ତା ଉପରେ ବସି ରହିଥିଲେ। ଚଳିତ ରବି ଋତୁ ଧାନ କ୍ରୟ ପାଇଁ ଚାଷୀ ଧାନ ଅମଳ କରି ସାରିଥିବା ବେଳେ ସରକାର ଟାର୍ଗେଟ ଦେଇନଥିବାରୁ ଚାଷୀ ଅଭାବୀ ▶ପୃଷ୍ଠା-୭



## ଜଳୁଛି ମଣିପୁର

ଏନ୍‌ଏଚ୍ ବନ୍ଦ; ମିଳୁନି ଔଷଧ

■ **ଇମ୍ଫାଲ, ୯।୬ (ଏଜେନ୍ସି):** ସଂରକ୍ଷଣକୁ ନେଇ ଆରମ୍ଭ ହୋଇଥିବା ମଣିପୁର ହିଂସା ଥମିବାର ନା ଧରୁନି। ଏବେ ପୁଣି ଜଳି ଉଠିଛି ମଣିପୁର। ଏଥର ମେଇତି ସମ୍ପ୍ରଦାୟର ନେତାଙ୍କ ଗିରଫକୁ ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି ଲୋକେ। ପୁଲିସ କାର୍ଯ୍ୟାନୁଷ୍ଠାନକୁ ଘୋର ବିରୋଧ କରୁଛନ୍ତି ମେଇତି ସମ୍ପ୍ରଦାୟର ଲୋକେ। ଏହାକୁ ନେଇ ଗତ ୭ ତାରିଖରୁ ଚାଲିଛି ଉଗ୍ର ବିକ୍ଷୋଭ ପ୍ରଦର୍ଶନ। ଗାଡ଼ିମୋଟର, ପୁରୁଣା ଟାଏର, ଆସବାବ ପତ୍ର ଆଦିରେ ନିଆଁ ଲଗାଇ ଦେଇଛନ୍ତି। ▶ପୃଷ୍ଠା-୭

## ଜେଲ୍ ଗଲେ ଲାଞ୍ଚୁଆ ଆଇଏଏସ୍ ଅଧିକାରୀ

ରିମାଣ୍ଡରେ ଆଣି ପଚରାଉଚରା କରିବ ଭିଜିଲାନ୍ସ

ଲାଞ୍ଚ ମାମଲାରେ ଆଇଏଏସ୍ ଗିରଫ ହେବା ଓଡ଼ିଶାର ପ୍ରଥମ ଘଟଣା



■ **ଭବାନୀପାଟଣା/ଧର୍ମଗଡ଼, ୯।୬(ସମିସ):** ଲାଞ୍ଚ ନେଇ ଗତକାଲି ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଯୁବ ଆଇଏଏସ୍ ଅଧିକାରୀ ତଥା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକ୍‌ମାଙ୍କୁ ଆଜି ଗିରଫ କରାଯାଇଛି। କୋର୍ଟରେ ତାଙ୍କର ଜାମିନ ନାମଞ୍ଜୁର ହୋଇଯିବାରୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କୌଣସି ଆଇଏଏସ୍ ଅଧିକାରୀ ଲାଞ୍ଚ ନେବା ସମୟରେ ଧରାପଡ଼ିବାରେ ଓଡ଼ିଶାରେ ଏହା ପ୍ରଥମ ଘଟଣା ହୋଇଥିବାରୁ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି।

କଳାହାଣ୍ଡି ଜିଲ୍ଲା ଜୟପାଟଣା ଅଞ୍ଚଳର ଜଣେ କ୍ରସର ବ୍ୟବସାୟୀଙ୍କୁ ଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଲାବେଳେ ଶ୍ରୀ ଚକ୍‌ମା ଗତକାଲି ଭିଜିଲାନ୍ସ ହାବୁଡ଼ରେ ପଡ଼ିଥିଲେ। ▶ପୃଷ୍ଠା-୭

## ହୋମ୍‌ଗାର୍ଡ ଚାକିରି | ଏମ୍‌ବିଏ, ଏମ୍‌ସିଏ, ବିଟେକ୍ ଆଶାୟୀ

■ **ରାଉରକେଲା, ୯।୬(ସମିସ):** ରାଜ୍ୟରେ ନିଯୁକ୍ତି ସଙ୍କଟ ଏବେ ଚରମସ୍ଥିତିରେ। ରାଜ୍ୟ ସରକାର୨ ବର୍ଷରେ ୩ ଲକ୍ଷ ନିଯୁକ୍ତି ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି । କେନ୍ଦ୍ର ସରକାର ମଧ୍ୟ ଅନୁରୂପ ନିର୍ବାଚନ ପ୍ରତିଶ୍ରୁତି ଦେଇଛନ୍ତି। ମାତ୍ର ଦୈନିକ ୬୧୨ ଟଙ୍କା ପାରିଶ୍ରମିକରେ ୫ମ ଶ୍ରେଣୀର ଶିକ୍ଷାଗତ ଯୋଗ୍ୟତା ସମ୍ପନ୍ନ ଗୃହରକ୍ଷୀ ପଦ ପାଇଁ ରାଜ୍ୟରେ ଧାଡ଼ିବାନ୍ଧି ପରୀକ୍ଷା ଦେଇଛନ୍ତି ଏମ୍‌ବିଏ, ଏମ୍‌ସିଏ, ବିଟେକ୍ ଯୋଗ୍ୟତା ହାସଲ କରିଥିବା ଯୁବଗୋଷ୍ଠୀ । ଯାହାକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି ।

ରାଉରକେଲାର ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମ ଠାରେ ହୋମଗାର୍ଡ ନିଯୁକ୍ତି ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୧୦୭ଟି ହୋମଗାର୍ଡ ପଦବୀ ପାଇଁ ମୋଟ



୧୦୭ ପଦବୀ ପାଇଁ ପରୀକ୍ଷା ଦେଲେ ୯୦୬୧

୯୦୬୧ ପରୀକ୍ଷାର୍ଥୀ ଆଜି ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ଏହି ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅଛନ୍ତି ବିଟେକ୍, ଏମବିଏ, ଏମସିଏ ପରି ବୃତ୍ତିଧାରୀ ଏବଂ ସ୍ନାତକ, ସ୍ନାତକୋତ୍ତର ଡ଼ିଗ୍ରୀ ହାସଲ କରିଥିବା ଯୁବଗୋଷ୍ଠୀ। ଉଚ୍ଚ ଶିକ୍ଷିତ ବେକାର ଯୁବକଯୁବତୀ ସେମାନଙ୍କ ଯୋଗ୍ୟତା ଅନୁସାରେ ଚାକିରି ପାଉ ନଥିବାରୁ ହୋମଗାର୍ଡ ପରି ଚାକିରି ▶ପୃଷ୍ଠା-୭

### ସନ୍ଦେହ ଉଜାଡ଼ିଦେଲା ସଂସାର

## ସ୍ତ୍ରୀକୁ ଶିଳପୁଆରେ ଛେଚି ହତ୍ୟା ପରେ ସ୍ୱାମୀର ଆତ୍ମହତ୍ୟା

■ **ଗୁମ୍ମା, ୯।୬ (ସମିସ):** ସନ୍ଦେହ ଉଜାଡ଼ିଦେଲା ସଂସାର। ଅତି ବୀଭତ୍ସ ଭାବେ ସ୍ତ୍ରୀକୁ ବିରିବଟା ପଥର (ଶିଳିପୁଆ)ରେ ଛେଚିବା ସହ ଧାରୁଆ ଅସ୍ତ୍ରରେ ବେକ କାଟି ହତ୍ୟା କରିବା ପରେ ନିକଟସ୍ଥ କାଜୁ ଜଙ୍ଗଲରେ ଆତ୍ମହତ୍ୟା କରିଛି ସ୍ୱାମୀ। ଏଭଳି ଅଭାବନୀୟ ଘଟଣା ଘଟିଛି, ଗଜପତି ଜିଲ୍ଲା ସେରଙ୍ଗ ଥାନା ଗାଇବା ଗ୍ରାମ ପାଇକସାହିରେ। ମୃତକ ହେଲେ, ମୋନି ପାଇକ (୨୬) ଓ ତାଙ୍କ



ସ୍ୱାମୀ ନରେନ୍ଦ୍ର ପାଇକ (୩୧)। ସୂଚନା। ମୁତାବକ, ଗାଇବା ଗ୍ରାମ ପାଇକସାହିର ଜି. ମାଲେସୁଙ୍କ ଝିଅ ମୋନିଙ୍କୁ କେରଡ଼ାଙ୍ଗର ନରେନ୍ଦ୍ର ବିବାହ କରିଥିଲେ। ବିବାହ ପରେ ସ୍ତ୍ରୀଙ୍କ ସହ ଶଶୁରଘରେ ରହୁଥିଲେ ନରେନ୍ଦ୍ର। କିଛି ଦିନ ଠିକ୍‌ଠାକ୍ ଦାମ୍ପତ୍ୟ ଜୀବନ ବିତିବା ପରେ ମୋନିଙ୍କ ଚରିତ୍ରକୁ ନେଇ ନରେନ୍ଦ୍ର ସନ୍ଦେହ କରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବାରମ୍ବାର କଳି ଝଗଡ଼ା ହେଉଥିଲା। ରବିବାର ରାତିରେ ପୁଣି ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ନରେନ୍ଦ୍ରର ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ମୋନିଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବା ପାଇଁ ସେ ଯୋଜନା କରିଥିଲା। ରାତି ପ୍ରାୟ ସାଢ଼େ ୩ଟାରେ ମୋନି ଶୋଇଥିବା ବେଳେ ନରେନ୍ଦ୍ର ଘରେ ଥିବା ଏକ ଶିଳପୁଆରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲା। ସେତିକିରେ ତା’ ମନ ଶାନ୍ତ ହେଲାନି ଯେ ପରେ ଏକ ଧାରୁଆ ଅସ୍ତ୍ରରେ ମୋନିଙ୍କ ବେକ କାଟି ଦେଇଥିଲା। ସେରଙ୍ଗ ପୁଲିସକୁ ମୃତ ମୋନିଙ୍କ ମା’ ଜି.ସରୋଜିନୀ କହିଛନ୍ତି ▶ପୃଷ୍ଠା-୭



## ଡାକ୍ତରଙ୍କୁ କ୍ଷମା ମାଗିଲେ ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ



ପାନାଜୀ, ୯।୬(ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଜଣେ ଡାକ୍ତରଙ୍କୁ ଖରାପ ବ୍ୟବହାର କରିବା ପରେ ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ୍ ରାଣେ ତାଙ୍କୁ କ୍ଷମା ମାଗିଛନ୍ତି। ହଠାତ୍ ରାଗି ଯାଇ ଏପରି ଆଚରଣ ପ୍ରଦର୍ଶନ କରିଥିଲି। ଏଥିପାଇଁ ବହୁତ ଦୁଃଖିତ ବୋଲି ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଉଲ୍ଲେଖ କରିଛନ୍ତି। ସେ ଜୁନ୍ ୭ରେ ଗୋଆ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଜିଏମ୍‌ସିଏଚ୍)କୁ ଅଚାନକ ଗସ୍ତ କରିଥିଲେ। ଜଣେ ରୋଗୀଙ୍କୁ ଖରାପ ବ୍ୟବହାର କରୁଥିବା ଅଭିଯୋଗରେ ଡ୍ୟୁଟିରେ ଥିବା ଡାକ୍ତର ରୁଦ୍ରେଶ କୁଟିକରଙ୍କୁ ଗାଳିଗୁଲଜ କରିଥିଲେ। ସେ ଡାକ୍ତରଙ୍କୁ ସସ୍‌ପେଣ୍ଡ କରିବାକୁ ଆଦେଶ ଦେଇଥିଲେ। ଏବେ ସେ ଏହାକୁ ପ୍ରତ୍ୟାହାର କରିନେଇଛନ୍ତି। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା। ସମାଜରେ ଡାକ୍ତରଙ୍କ ସ୍ଥାନ ଓ ପ୍ରତିଷ୍ଠା ସବୁବେଳେ ଉଚ୍ଚରେ ଥାଏ ବୋଲି ରାଣେ କହିଛନ୍ତି। ଏହି ଘଟଣାକୁ ରାଜନୀତିକରଣ କରା ନଯାଉ ବୋଲି ସେ ଅପିଲ୍ କହିଛନ୍ତି।

## ୬ ବର୍ଷ ପରେ କପିଳ ଶର୍ମା ଶୋ'କୁ ଫେରିଲେ ସିଦ୍ଧୁ



ଅମୃତସର, ୯।୬(ଏଜେନ୍ସି): ପୂର୍ବତନ କ୍ରିକେଟର ତଥା କଂଗ୍ରେସ ବରିଷ୍ଠ ନେତା ନଭଜୋତ ସିଂ ସିଦ୍ଧୁ ଦୀର୍ଘ ୬ ବର୍ଷ ପରେ 'ଦି ଗ୍ରେଟ୍ ଇଣ୍ଡିଆନ କପିଲ ଶର୍ମା ଶୋ'କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫଳରେ କମେଡିଆନ୍ କପିଲ ଶର୍ମା ଓ ସିଦ୍ଧୁଙ୍କ ଯୋଡିକୁ ଦର୍ଶକ ପୁଣି ପସନ୍ଦ କରିବେ ବୋଲି ଆଶା କରାଯାଉଛି। ଏହି ଲୋକପ୍ରିୟ ଶୋ'ର ତୃତୀୟ ସିଜିନ ଆସନ୍ତା ୨୧ ତାରିଖରୁ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ପ୍ରିମିୟର ହେବ। ନେଟ୍‌ଫ୍ଲିକ୍ସ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏ ନେଇ ସୂଚନା ଦେଇଛି। ସିଦ୍ଧୁ ମଧ୍ୟ ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ପୋଷ୍ଟ କରି ଏ ନେଇ ପ୍ରଶଂସକଙ୍କୁ ଅବଗତ କରାଇଛନ୍ତି। ଉଲ୍ଲେଖଥାଉ କି, ୨୦୧୯ରେ ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ସୃଷ୍ଟି ହୋଇଥିବା ବିବାଦ କାରଣରୁ ସିଦ୍ଧୁ ଏହି ଲୋକପ୍ରିୟ ଶୋ ଛାଡିଥିଲେ। ତାଙ୍କ ସ୍ଥାନରେ ଅଭିନେତ୍ରୀ ଅର୍ଚ୍ଚନା ପୁରନ ସିଂ ଶୋରେ ସାମିଲ ହୋଇଥିଲେ। ତେବେ ସିଦ୍ଧୁ ଫେରିବାର ପରେ ଅର୍ଚ୍ଚନାଙ୍କ କୌଣସି କ୍ଷତି ହେବ ନାହିଁ। କାରଣ ସିଦ୍ଧୁ ଓ ଅର୍ଚ୍ଚନା ଦୁହିଁଙ୍କୁ ଏକା ସାଥିରେ ଶୋ'ରେ ଦେଖିବାକୁ ମିଳିବ।

# ହନିମୁନ୍‌ରେ ସ୍ୱାମୀଙ୍କୁ ହତ୍ୟା

## ମେଘାଳୟ ମର୍ଡରର ପର୍ଦ୍ଦାଫାସ: ପତ୍ନୀ, ପ୍ରେମିକ, ସୁପାରିକିଲର ଗିରଫ



- ମଧ୍ୟପ୍ରଦେଶରେ ବିବାହ, ମେଘାଳୟରେ ମର୍ଡର, ୟୁପିରେ ଗିରଫ
- ୭ ଦିନ ପରେ ଉତ୍ତରପ୍ରଦେଶରୁ ଧରାପଡ଼ିଲା ପତ୍ନୀ ସୋନମ୍
- ପ୍ରେମ ପାଇଁ ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା ଷଡ଼ଯନ୍ତ୍ର
- ଯାତ୍ରା ସମୟରେ ଲୋକେସନ ସେୟାର କରୁଥିଲା ସୋନମ
- ଝିଅକୁ ନିର୍ଦ୍ଦୋଷ କହିଲେ ବାପା

ଲକ୍ଷ୍ନୌ, ୯।୬ (ଏଜେନ୍ସି): ବାହା ହେବା ପାଇଁ ପ୍ରଥମେ ରାଜି ହେଉ ନ ଥିଲେ। ଝିଅର ଇଚ୍ଛା ନ ଥିବା କହି ଏଡ଼ାଇ ଦେଇଥିଲେ। କିନ୍ତୁ ଘର ଲୋକେ ବୁଝାସୁଝା କରିବା ପରେ ସାତ ଜନ୍ମ ପାଇଁ ହାତ ଧରିଥିଲେ। ମାତ୍ର ସାତ ଜନ୍ମ ତ ଛାଡ଼ ୧୭ ଦିନ ପାଇଁ ବି ଏକାଠି ରହିପାରି ନ ଥିଲେ। ବିବାହର ନଅ ଦିନ ପରେ ପତ୍ନୀ ହନିମୁନ୍ ପାଇଁ ଜିଦ୍ ଧରିଲେ। କାମାକ୍ଷ୍ୟା ଦେବୀଙ୍କ ଦର୍ଶନ ପାଇଁ ଯିବା କହି ନିଜେ ସବୁ କିଛି ବୁକିଂ କରିଥିଲେ। ଅନେକ କାମ ଥିବା ସତ୍ତ୍ୱେ ପତ୍ନୀଙ୍କୁ ନା କରିପାରି ନ ଥିଲେ। ଶେଷରେ ତାଙ୍କ ସହ ହନିମୁନରେ ମେଘାଳୟ ଯାଇଥିଲେ। ପତ୍ନୀଙ୍କ ଇଚ୍ଛା ଅନୁସାରେ ୧୦ ଲକ୍ଷ ଟଙ୍କାର ଅଳଙ୍କାର ପିନ୍ଧି ଇନ୍ଦୋର ବିମାନବନ୍ଦର ଛାଡ଼ିଥିଲେ। ମାତ୍ର ଏହି ହନିମୁନ ପଛରେ ପତ୍ନୀ ବଡ଼ ଷଡ଼ଯନ୍ତ୍ର ରଚିଥିଲେ। ପ୍ରତି ମୁହୂର୍ତ୍ତର ସୂଚନା ତଥା ଲୋକେସନ ପ୍ରେମିକକୁ ପଠାଉ ଥିଲେ। ପ୍ରେମିକ ସହ ମିଶି ପତିକୁ ହତ୍ୟା କରାଇଥିଲେ। ସବୁ ଅଳଙ୍କାର ଲୁଟି ନେଇ କେଉଁଆଡେ ଫେରାର ହୋଇ ଯାଇଥିଲେ। ହତ୍ୟାର ୧୭ ଦିନ ପରେ ପତି ହତ୍ୟା ପାଇଁ ପତ୍ନୀକୁ ଉତ୍ତରପ୍ରଦେଶ ପୁଲିସ ସୋମବାର ଗିରଫ କରିଛି। ଘଟଣାସ୍ଥଳରୁ ୧୧୦୦ କିମି ଦୂର ଉତ୍ତର ପ୍ରଦେଶ ଗାଜିପୁର ସ୍ଥିତ ଢାବାରୁ ଇନ୍ଦୋରର ପରିବହନ ବ୍ୟବସାୟୀ ରାଜା ରଘୁବଂଶୀଙ୍କ ପତ୍ନୀ ସୋନମକୁ ଗିରଫ କରିଛି। ତେବେ ସୋନମ୍ ନିଜକୁ ନିର୍ଦ୍ଦୋଷ କହିଛି।

ଏହି ମାମଲାରେ ପୁଲିସ ସୋନମଙ୍କ ପ୍ରେମିକ ରାଜ୍ କୁଶ୍ୱାହ, ସୁପାରି କିଲର ସମେତ ୫ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଆନନ୍ଦ କୋ, ବିଶାଲ ଚୌହାନ, ଆକାଶ ରାଜପୁତ, ଆକାଶ ଲୋଧି ସାମିଲ ଅଛନ୍ତି। ଏଣେ ଝିଅକୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ କହିଛନ୍ତି ତାଙ୍କ ପରିବାର ସଦସ୍ୟ। ସେମାନେ ମେଘାଳୟ ପୁଲିସ ଉପରେ ଅଭିଯୋଗ ଲଗାଇଛନ୍ତି। ପୁଲିସ ଝିଅକୁ ଫସାଇବା ପାଇଁ ମିଛ କାହାଣୀ ଗଢ଼ିଛି ବୋଲି କହିଛନ୍ତି। ସୂଚନା ଅନୁଯାୟୀ ସୋମବାର ଭୋର ୩ଟାରେ ଗାଜିପୁରରେ





ଏକ ଢାବାରେ ସୋନମ ପହଞ୍ଚି ଥିଲେ। ଏହି ଢାବାର ପରିଚାଳକ ପୁଲିସକୁ ଫୋନ୍ କରି ସୂଚନା ଦେଇଥିଲେ। ଅନ୍ୟ ୫ ଅଭିଯୁକ୍ତଙ୍କୁ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶର ଅଲଗା ଅଲଗା ସ୍ଥାନରେ ଚଢ଼ଉ କରି ଧରା ଯାଇଥିଲା। ମେଘାଳୟ ଏସଆଇଟି ମୁଖ୍ୟ ହର୍ବର୍ଟ ପିନିୟାଡ ଖାରକୋଙ୍ଗୋର କହିଛନ୍ତି ଯେ ରାଜାଙ୍କ ଉପରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା ବୋଲି ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ତାଙ୍କ ମୁଣ୍ଡରେ ଦୁଇ ଥର ଆଘାତ ଲାଗିଛି। ଅନ୍ୟପକ୍ଷରେ ମେଘାଳୟ ପୁଲିସ ସୋନମଙ୍କୁ ହେପାଜତକୁ ନେଇ ସିଲଂ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ ରାଜା ଏବଂ ସୋନମ ଗତ ୨୩ ତାରିଖରୁ ଇଷ୍ଟ ଖାସି ହିଲ୍ସ ଜିଲ୍ଲାର ସୋହରା କ୍ଷେତ୍ରରୁ କେଉଁଆଡେ ନିଖୋଜ ହୋଇ ଯାଇଥିଲେ। ଗତ ଦୁଇ ତାରିଖରେ ଏକ ଖାଇରୁ ରାଜାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତେବେ ତାଙ୍କ ପତ୍ନୀଙ୍କୁ ସନ୍ଧାନ କରାଯାଉଥିଲା। ସେ ହିଁ ରାଜାଙ୍କୁ ହତ୍ୟା କରାଇଥିଲେ ବୋଲି ମେଘାଳୟ ଡିଜିପି କହିଛନ୍ତି।

ସୂଚନା ଅନୁଯାୟୀ ପ୍ରେମିକ ରାଜ୍ ସୋନମଙ୍କ ବାପାଙ୍କ ଦୋକାନରେ କାମ କରୁଥିଲା। ଦେଢ଼ ବର୍ଷ ହେଲା ସେ ସୋନମଙ୍କ ଘର ନିକଟରେ ରହୁଥିଲା। ସେହିପରି ରାଜାଙ୍କ ମାଆ ଉମା କହିଛନ୍ତି ଯେ ପୁଅ ପ୍ରଥମେ ବାହା ହେବାକୁ ମଙ୍ଗୁ ନ ଥିଲା। କାରଣ କଥା ହେବା ପାଇଁ ଓ ବିବାହରେ ଝିଅର ଇଚ୍ଛା ନ ଥିବା କହିଥିଲା। ପରେ ବୁଝାସୁଝା କରିବାରୁ ସେ ରାଜି ହୋଇଥିଲା। ବିବାହ ପରେ ହିଁ ବୋହୂ ହନିମୁନ ପାଇଁ ଜିଦ୍ ଧରିଥିଲା। କାହାକୁ ଏ ବିଷୟରେ ସୂଚନା ମଧ୍ୟ ଦେଇ ନ ଥିଲା। ସେ ଯିବା ଟିକଟ ତ ବୁକ୍ କରିଥିଲା, କିନ୍ତୁ ଫେରିବା ଟିକଟ କରି ନ ଥିଲା। ତଦନ୍ତ ଅଧିକାରୀ ବିବେକ ସିଆମ କହିଛନ୍ତି ଯେ ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ସ୍ପଷ୍ଟ ହୋଇଛି। ପୀଡିତାଙ୍କ ପତ୍ନୀ ଏବଂ ତାଙ୍କ ଅଭିଯୁକ୍ତ ସାଥୀ ରାଜ କୁଶ୍ୱାହ ସମ୍ପୃକ୍ତର ଯଥେଷ୍ଟ ପ୍ରମାଣ ଅଛି। ପ୍ରଥମେ ସେମାନେ ହଜି ଯାଇଥିବା ଭାବିଥିଲୁ। ପୂର୍ବରୁ ଏହି ଅଞ୍ଚଳରେ କେହି ନିଖୋଜ ହୋଇ ଯାଇଥିଲେ। ତେଣୁ ଖୋଜାଖୋଜି କରିଥିଲୁ। କିନ୍ତୁ ମୃତଦେହ ପାଇବା ପରେ ଏହା ହତ୍ୟା ଥିବା ସ୍ପଷ୍ଟ ହୋଇଥିଲା।

## ୟୁକ୍ରେନ୍ ଉପରେ ରୁଷ୍‌ର ରେକର୍ଡ ଡ୍ରୋନ୍ ମାଡ଼

ମସ୍କୋ, ୯।୬(ଏଜେନ୍ସି): ୟୁକ୍ରେନ୍ ଉପରେ ରୁଷିଆ ତା'ର ଆକ୍ରମଣକୁ ଆହୁରି ଜୋରଦାର କରିଛି। ଗତ ୩ ବର୍ଷ ମଧ୍ୟରେ ରୁଷିଆ ସର୍ବାଧିକ ୪୭୯ଟି ଡ୍ରୋନ୍ ମାଡ୍ କରିଛି ବୋଲି ୟୁକ୍ରେନ ବାୟୁସେନା ତରଫରୁ ସୂଚନା ଦିଆଯାଇଛି। ସୋମବାର ୪୬୦ ଡ୍ରୋନ୍ ଓ ୧୯ଟି ମିସାଇଲ୍‌କୁ ଖସାଇଛୁ। ୟୁକ୍ରେନ୍‌ର ବିଭିନ୍ନ ସ୍ଥାନକୁ ଲକ୍ଷ୍ୟ କରି ରୁଷିଆ ମିସାଇଲ୍ ଛାଡିଥିଲା। କେବଳ ୧୦ଟି ଲକ୍ଷ୍ୟ ସ୍ଥଳରେ ମାଡ଼ ହୋଇଥିଲା। ଏଥିରେ ମାତ୍ର ଜଣେ ଲୋକ ଆହତ ହୋଇଛନ୍ତି ବୋଲି ବାୟୁସେନା ତରଫରୁ କୁହାଯାଇଛି। ଦୁଇଦିନ ତଳେ ମଧ୍ୟ ୟୁକ୍ରେନ୍ ଉପରେ ବଡ଼ଧରଣର ଆକ୍ରମଣ କରିଥିଲା। ୟୁକେନ ଡ୍ରୋନ ମାଡ଼୍‌ରେ କେତୋଟି ଏୟାର ବେସ ଓ ଲଢୁଆ ବିମାନ ଧ୍ୱଂସ ହେବା ପରେ ରୁଷିଆ ପ୍ରତିଶୋଧ ପରାୟଣ ହୋଇଉଠିଛି।

## ଜଳୁଛି ଲସ୍ ଏଞ୍ଜେଲ୍ସ

ଲସ୍ ଏଞ୍ଜେଲ୍ସ, ୯।୬(ଏଜେନ୍ସି): ଆମେରିକରେ ଅବୈଧ ପ୍ରବାସୀଙ୍କ ବିରୋଧରେ ଚାଲିଥିବା କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଲସ୍ ଏଞ୍ଜେଲ୍ସରେ ଚାଲିଥିବା ବିକ୍ଷୋଭ ପ୍ରଦର୍ଶନ ଏବେ ଅଣାୟତ ହୋଇଛି। ଗତ ୩ ଦିନଧରି ଚାଲିଥିବା ଏହି ପ୍ରଦର୍ଶନ ଆହୁରି ହିଂସକ ହୋଇଛି। ହଜାର ହଜାର ବିକ୍ଷୋଭକାରୀ ସହରର ସଡ଼କ ଜାମ୍ କରି ଶହଶହ ଗାଡ଼ିରେ ନିଆଁ ଲଗାଇଛନ୍ତି। ସହରର ବିଭିନ୍ନ ଦୋକାନ ଓ ସପିଂ ମଲ୍‌ରେ ମଧ୍ୟ ଲୁଟ୍‌ପାଟ୍ କରିଛନ୍ତି। ସହରର ଏକ ଛକରେ ପ୍ରଦର୍ଶନକାରୀମାନେ ଢେପ ପକାଇବା ସହ ଆମେରିକା ପତାକାକୁ ଜଳାଇଛନ୍ତି। କେତେକ ସ୍ଥାନରେ ସେମାନେ ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ କରିଛନ୍ତି। ସ୍ଥିତି ନିୟନ୍ତ୍ରଣ କରିବାକୁ ସ୍ଥାନୀୟ ପ୍ରଶାସନ ବିକ୍ଷୋଭକାରୀଙ୍କ ଉପରକୁ ଲୁହବୁହା ଗ୍ୟାସ୍, ରବର ବୁଲେଟ୍, ଫ୍ଲାସ ବ୍ୟାଙ୍ଗ୍‌ସ ବ୍ୟବହାର କରିଥିଲେ। ଏହାପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମାସ୍କ ପିନ୍ଧିଥିବା ଲୋକଙ୍କୁ ତୁରନ୍ତ ଗିରଫ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସହର ଉପରେ ଅବୈଧ ପ୍ରବାସୀଙ୍କ କବ୍‌ଜା ହୋଇଛି ବୋଲି ସେ କହିଛନ୍ତି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଟ୍ରମ୍ପ କହିଛନ୍ତି।

## ପର୍ଯ୍ୟାପ୍ତ ଅକ୍ସିଜେନ-ବେଡ ରଖିବାକୁ ରାଜ୍ୟଙ୍କୁ କହିଲା କେନ୍ଦ୍ର

ନୂଆଦିଲ୍ଲୀ, ୯।୬ (ଏଜେନ୍ସି): ସାରା ଦେଶରେ କରୋନା ରୋଗୀ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରୁ ୩୫୮ ନୂଆ ମାମଲା ଚିହ୍ନଟ ହୋଇଛି। ଏଥିସହିତ ମୋଟ କରୋନା ରୋଗୀ ସଂଖ୍ୟା ୬୪୯୧ରେ ପହଞ୍ଚି ଯାଇଛି। ଏହି ରୋଗୀଙ୍କ ମଧ୍ୟରେ କେରଳର ସର୍ବାଧିକ ୧୯୫୭ ଜଣ, ଗୁଜରାଟର ୯୮୦ ଜଣ, ପଶ୍ଚିମବଙ୍ଗରୁ ୭୪୭ ଜଣ ଏବଂ ଦିଲ୍ଲୀର ୭୨୮ ଜଣ ସାମିଲ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ ଚଳିତ ବର୍ଷ ଜାନୁଆରୀରୁ ଏ ପର୍ଯ୍ୟନ୍ତ ୧୧ ରାଜ୍ୟରେ ୬୫ କରୋନା ରୋଗୀ ପ୍ରାଣ ହରାଇଲେଣି। ଏହା ମଧ୍ୟରୁ କେବଳ ଗତ ୧୦ ଦିନରେ ୫୮ ଜଣଙ୍କ ମୃତ୍ୟୁ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କରୋନା ମାମଲା ବୃଦ୍ଧିକୁ ଦେଖି କେନ୍ଦ୍ର ସରକାର ମକ୍ ଡ୍ରିଲ ପାଇଁ ପ୍ରସ୍ତୁତି କରୁଛନ୍ତି। ସବୁ ରାଜ୍ୟଙ୍କୁ ଅମ୍ଳଜାନ, ଆଇସୋଲେସନ ବେଡ, ଭେଣ୍ଟିଲେଟର ଏବଂ ଜରୁରୀ ସାମଗ୍ରୀ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଆମେରିକା ବିମାନବନ୍ଦରରେ ଭାରତୀୟ ଛାତ୍ରଙ୍କୁ ନିର୍ଯାତନା

ୱାଶିଂଟନ, ୯।୬ (ଏଜେନ୍ସି): ଆମେରିକାରେ ପୁଣି ଭାରତୀୟଙ୍କୁ ଲଜ୍ଜିତ ହେବାକୁ ପଡିଛି। ନ୍ୟୁଜର୍ସିର ନ୍ୟୁୟର୍କ ବିମାନବନ୍ଦରରେ ଜଣେ ଭାରତୀୟ ଛାତ୍ରଙ୍କୁ ଅପରାଧି ଭଳି ବ୍ୟବହାର କରାଯାଇଛି। ତାଙ୍କୁ ଅଧିକାରୀମାନେ ତଳେ ପକାଇ ଦେଇଛନ୍ତି। ହାତରେ ହାତକଡ଼ି ପକାଇ ଭାରତ ପଠାଇ ଦେଇଛନ୍ତି। ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ କୁନାଲ ଜୈନ ରବିବାର ଏହାର ଭିଡିଓ ସେୟାର କରିଛନ୍ତି। ଏହା ଖୁବ୍ ଭାଇରାଲ ହେବାରେ ଲାଗିଛି। ସେ ଲେଖିଛନ୍ତି ଯେ ଭାରତୀୟଛାତ୍ର କାନ୍ଦୁଛନ୍ତି। ମୁଁ ପାଗଳ ନୁହେଁ ବୋଲି କହୁଛନ୍ତି। ଏହା ସତ୍ତ୍ୱେ ତାଙ୍କୁ ଅପରାଧୀ ଭଳି ବ୍ୟବହାର କରାଯାଉଛି।


## ରିଲିଫ୍ ଜାହାଜକୁ ଅଟକାଇଲା ଇସ୍ରାଏଲ୍

ତେଲ ଅଭିଭ୍, ୯।୬(ଏଜେନ୍ସି): ସ୍ୱିଡେନର ପରିବେଶ କର୍ମୀ ତଥା ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ଗ୍ରେଟା ଥନବର୍ଗ ଓ ତାଙ୍କ ଜାହଜକୁ ଇସ୍ରାଏଲ୍ କବ୍‌ଜାକୁ ନେଇଛି। ସୋମବାର ଇସ୍ରାଏଲ୍‌ର ୫ଟି ସ୍ପିଡ୍ ବୋଟ୍ ଜାହାଜକୁ ଘେରିଥିଲେ। ଏହାପରେ ଜାହଜ ଉପରକୁ ଚଢ଼ ସୈନିକମାନେ ତାକୁ ନିୟନ୍ତ୍ରଣକୁ ନେଇଥିଲେ। ଏହି ଜାହାଜ ଗାଜାରେ ପୀଡିତ ଲୋକଙ୍କ ପାଇଁ ସାହାଯ୍ୟ ସାମଗ୍ରୀ ନେଇ ଯାଉଥିଲା।

### ନିର୍ବାଚନ କମିଶନଙ୍କୁ ରାହୁଲଙ୍କ ପ୍ରଶ୍ନ

## ହରିୟାଣା-ମହାରାଷ୍ଟ୍ର ତଥ୍ୟ କେବେ ମିଳିବ

ନୂଆଦିଲ୍ଲୀ, ୯।୬ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ସୋମବାର ହରିୟାଣା ଏବଂ ମହାରାଷ୍ଟ୍ରର ୨୦୦୯ରୁ ୨୦୨୪ ମଧ୍ୟରେ ହୋଇଥିବା ନିର୍ବାଚନର ତଥ୍ୟ ସେୟାର କରିବା ନିଷ୍ପତ୍ତିକୁ ପ୍ରଶଂସା କରି ନିର୍ବାଚନ କମିଶନ (ଇସି)ଙ୍କୁ ପ୍ରଶ୍ନବାଣ ମାରିଛନ୍ତି।



ଡିଜିଟାଲ ଫର୍ମାଟରେ ଏହାର ତଥ୍ୟ କେବେ ଜାରି କରାଯିବ ବୋଲି ପଚାରିଛନ୍ତି। ଏହା ସହିତ ସୋସିଆଲ ମିଡିଆରେ ଗତ ୭ ତାରିଖରେ ଜାରି ରିପୋର୍ଟର ସ୍କ୍ରିନ୍‌ସଟ୍ ସେୟାର କରିଛନ୍ତି। ଏଥିରେ ଦାବି କରାଯାଇଛି ଯେ ୨୦୨୫ ପ୍ରାରମ୍ଭରେ ଏହି ତଥ୍ୟ ଶୀଘ୍ର ଜାରି କରାଯିବ ବୋଲି ନିର୍ବାଚନ କମିଶନ ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇ ଥିଲେ। ତେବେ ଏ ପର୍ଯ୍ୟନ୍ତ ଏହାକୁ ଜାରି କରାଯାଇ ନାହିଁ। ଏ ନେଇ ଇସିଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ସୂଚନା ମଧ୍ୟ ଦିଆଯାଇ ନାହିଁ। ଏହା ପୂର୍ବରୁ ଗତ ଶନିବାର ରାହୁଲ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ହୋଇଥିବା ଜାଲିଆତିକୁ ନେଇ ଇସିଙ୍କୁ ଜବାବ ମାଗିଥିଲେ। ତେବେ ରାହୁଲ ଚିଠି ଲେଖିଲେ ଯାଇ ହିଁ ଏହାର ଜବାବ ଦିଆଯିବ ବୋଲି ଇସିଙ୍କ ସୂତ୍ରରୁ ସୂଚନା ମିଳିଥିଲା। ଏହା ପୂର୍ବରୁ ଏକ ଖବରକାଗଜରେ ସମ୍ପାଦକୀୟ ଲେଖି ରାହୁଲ କହିଥିଲେ ଯେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଜିତିବା ପାଇଁ ବିଜେପି ଏବଂ ତା ସହଯୋଗୀ ୫ଟି ପର୍ଯ୍ୟାୟରେ ଯୋଜନା କରି ମ୍ୟାଚ ଫିକ୍ସିଂ କରିଥିଲେ। ଏବେ ବିହାରରେ ମଧ୍ୟ ଏପରି କରାଯିବ। ଯେଉଁ ରାଜ୍ୟରେ ବିଜେପି ହାରୁଛି ବୋଲି ଅନୁଭବ କରୁଛି ସେଠି ମ୍ୟାଚ ଫିକ୍ସିଂ କରାଯାଉଛି। ତେବେ ନିର୍ବାଚନ କମିଶନ ରାହୁଲଙ୍କ ଦାବିକୁ ଆଧାରହୀନ କହିଥିଲେ। ନିର୍ବାଚନ ସପକ୍ଷରେ ନ ଯିବା ପରେ ଏଭଳି ଅଭିଯୋଗ ଲଗାଇବା ବୃଥା ବୋଲି କୁହାଯାଇଥିଲା।

## ବଲିଉଡ୍ ନିର୍ଦ୍ଦେଶକ ପାର୍ଥ ଘୋଷଙ୍କ ପରଲୋକ



ମୁମ୍ବଇ, ୯।୬(ଏଜେନ୍ସି): ଅଭିଜ୍ଞ ବଲିଉଡ୍ ନିର୍ଦ୍ଦେଶକ ପାର୍ଥ ଘୋଷ ୭୫ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ମୁମ୍ବଇର ମଧ ଦୀପସ୍ଥିତ ବାସଭବନରେ ସୋମବାର ସକାଳେ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ଅଭିନେତ୍ରୀ ଋତୁପର୍ଣ୍ଣା ସେନଗୁପ୍ତା ଏ ନେଇ ସୂଚନା ଦେଇଛନ୍ତି। ମୃତ୍ୟୁ ବେଳକୁ ପତ୍ନୀ ଗୌରୀ ଘୋଷ ତାଙ୍କ ପାଖରେ ଥିଲେ। ସେ ୧୦୦ ଡେଜ୍, ଦଲାଲ, ଅଗ୍ନୀସାକ୍ଷୀ ଭଳି ହିଟ୍ ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ। ୧୦୦ ଡେଜ୍‌ରେ ଜ୍ୟାକ ଶ୍ରଫ୍ ଓ ମାଧୁରୀ ଦୀକ୍ଷିତ୍ ନିଖୁଣ ଅଭିନୟ କରି ସିନେମାକୁ ଲୋକପ୍ରିୟ କରାଇଥିଲେ। ୧୯୯୨ରେ ଗୀତ୍ ସିନେମାର ନିର୍ଦ୍ଦେଶନା ଦେଇଥିଲେ ଓ ଏଥିରେ ଦିବ୍ୟା ଭାରତୀ ଓ ଅବିନାଶ ୱାଧାବନ ଅଭିନୟ କରିଥିଲେ। ସେ ଗୁଲାମ ଏ ମୁସ୍ତାଫା, ଯୁଗପୁରୁଷ ସମେତ ମୋଟ୍ ଉପରେ ୧୫ଟି ବଲିଉଡ୍ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି। ଅଗ୍ନିସାକ୍ଷୀ ପାଇଁ ତାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା।

### ପୁଣି ଚର୍ଚ୍ଚାରେ ଓୟୋ ହୋଟେଲ

## ୧୭ ଥର ଛୁରା ମାରି ବିବାହିତା ପ୍ରେମିକାକୁ ହତ୍ୟା

ବେଙ୍ଗାଲୁରୁ, ୯।୬ (ଏଜେନ୍ସି): ପୁଣି ବଦନାମ ଓୟୋ ହୋଟେଲ। ବହୁତ କମ୍ ପ୍ରମାଣପତ୍ରରେ ମିଳି ଯାଉଥିବା ଏହି ହୋଟେଲ ପାଲଟିଛି ପ୍ରେମିକ ପ୍ରେମିକାଙ୍କ ପ୍ରଥମ ପସନ୍ଦ। ଏହା ହୋଇଯାଇଛି ରଙ୍ଗୀନ ରାତିର ରଙ୍ଗମଞ୍ଚ ପରି। କିନ୍ତୁ ଏହି ରଙ୍ଗମଞ୍ଚ ନେଇ ଯାଉଛି ଅନେକ ଜୀବନ। କିଏ ହତ୍ୟା ତ ଆଉ କିଏ କରୁଛି ଆତ୍ମହତ୍ୟା। ଏବେ ପୁନରାବୃତ୍ତି ହୋଇଛି ପୁଣି ସେହି କାହାଣୀର। ଏଥର କିନ୍ତୁ ବେଙ୍ଗାଲୁରୁ ଓୟୋ ହୋଟେଲରେ। ଆଉ ଏକ ବଦ୍‌ନାମ ସମ୍ବନ୍ଧର ଅନ୍ତ ହୋଇଯାଇଛି। ପ୍ରେମିକାକୁ ଅତି ନୃଶଂସ ଭାବେ ପ୍ରେମିକ ହତ୍ୟା କରିଛି। ୧୭ ଥର ଛୁରା ମାରି ପ୍ରେମିକାର ଜୀବନ ନେଇଛି।

- ପ୍ରେମିକା ଦୁଇ ସନ୍ତାନର ଜନନୀ
- ସଫ୍ଟୱେର ଇଞ୍ଜିନିୟର ପ୍ରେମିକ ୮ ବର୍ଷ ସାନ



ଏହି ଘଟଣା ସାରା ଦେଶରେ ଚର୍ଚ୍ଚାରେ ରହିଛି। ପ୍ରେମିକାଠାରୁ ପ୍ରେମିକ ୮ ବର୍ଷ ସାନ ଥିଲା। ପ୍ରେମିକା ହରିଣୀର ବୟସ ୩୩ ହୋଇଥିବାବେଳେ ପ୍ରେମିକ ୟସାସର ବୟସ ଥିଲା ୨୫। ଖାଲି ସେତିକି ନୁହେଁ ପ୍ରେମିକା ବିବାହିତା ଥିଲେ। ଆଉ ୨ ସନ୍ତାନର ଜନୀନ ମଧ୍ୟ। ତେବେ ତାଙ୍କ ପ୍ରେମିକ ଥିଲା ସଫ୍ଟୱେର ଇଞ୍ଜିନିୟର। ଏହି ସମ୍ପର୍କ ବିଷୟରେ ଜାଣିବା ପରେ ହରିଣୀଙ୍କ ପରିବାରରେ ଆସିଥିଲା ଝଡ଼। ବ୍ୟକ୍ତିଗତ ସମ୍ପର୍କ ବିଗିଡିବାରେ ଲାଗିଥିଲା। ଶେଷରେ ବାଧ ହୋଇ ହରିଣୀ ସମ୍ପର୍କ ତୁଟାଇବାକୁ ଆସିଥିଲେ ଓୟୋ ହୋଟେଲକୁ। ବେଙ୍ଗାଲୁରୁସ୍ଥିତ ପୂର୍ଣ୍ଣା ପ୍ରଜ୍ଞା ଲେଆଉଟରେ ରହିଥିଲେ। କିନ୍ତୁ ସମ୍ପର୍କ ତୁଟାଇବାକୁ ଆସି ଜୀବନ ହରାଇ ଦେଇଥିଲେ ହରିଣୀ। ଗତ ଶୁକ୍ରବାର ରାତିରେ ଏହି ଘଟଣା ଘଟିଥିବାବେଳେ ତିନି ଦିନ ପରେ ଏହା ସାମ୍‌ନାକୁ ଆସିଛି।

ସୁବ୍ରମନ୍ୟପୁରା ପୁଲିସର ସୂଚନା ଅନୁଯାୟୀ ହରିଣୀ ଏବଂ ୟସାସ ଉଭୟେ ବେଙ୍ଗାଲୁରୁ କେଙ୍ଗେରି ଅଞ୍ଚଳର ବାସିନ୍ଦା ଥିଲେ। ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି। ଅଭିଯୁକ୍ତ ୟସାସକୁ ଗିରଫ ହୋଇଛି। ଏହି ମହିଳା ୟସାସଠୁ ଦୂରେଇ ଯିବାକୁ ଚାହୁଁଥିଲେ। ସେଥିପାଇଁ କଥାବାର୍ତ୍ତା କମ୍ କରି ଦେଇଥିଲେ। ସେ ସମ୍ପର୍କ ଶେଷ କରିବାକୁ ଏହି ହୋଟେଲକୁ ଆସିଥିଲେ। କିନ୍ତୁ ଇର୍ଷା ଏବଂ କ୍ରୋଧରେ ୟସାସ ତାଙ୍କୁ ଛୁରି ମାରି ହତ୍ୟା କରିଥିଲା। ଏହି ପ୍ରେମ ହରିଣୀଙ୍କ ଜୀବନରେ ସମସ୍ୟା ସୃଷ୍ଟି କରିଥିଲା। ଘର ଲୋକେ ଜାଣିବା ପରେ ସମ୍ପର୍କରେ ରହିବେ ନାହିଁ ବୋଲି ସେ ୟସାସକୁ କହି ଦେଇଥିଲେ। କିନ୍ତୁ ପ୍ରେମିକ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲା।

### କାଳ ହେଲା ବିପଦପୂର୍ଣ୍ଣ ଯାତ୍ରା

## ଲୋକାଲ ଟ୍ରେନ୍‌ରୁ ଖସି ୪ ମୃତ

ଥାନେ, ୯।୬(ଏଜେନ୍ସି): ମୁମ୍ବାଇର ମୁମ୍ବ୍ରା ରେଳ ଷ୍ଟେସନ ନିକଟରେ ସୋମବାର ସକାଳେ ଟ୍ରେନ୍‌ରୁ ୧୩ ଜଣ ଲୋକ ଖସି ପଡ଼ିଥିଲେ। ସୋମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଜିଆରପି କନେଷ୍ଟବଳ ମଧ୍ୟ ଜୀବନ ହରାଇଛନ୍ତି। ଏମାନେ ସମସ୍ତେ ଟ୍ରେନ୍‌ର ଗେଟ୍ ପାଖରେ ଛିଡା ହୋଇଥିଲେ। ସକାଳ ୯.୩୦ରେ ମୁମ୍ବ୍ରାଠାରୁ କିଛି ଦୂରରେ ରହିଥିବା ଦିବା ଓ କୋପର ଷ୍ଟେସନ ମଧ୍ୟରେ ଏହି ଘଟଣା ଘଟିଥିଲା। ଅଫିସ୍ ଟାଇମ କାରଣ ପାଇଁ ଏହି ଟ୍ରେନ୍‌ରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଅତ୍ୟଧିକ ଭିଡ ପାଇଁ ଏହା ଘଟିଥିଲା ବୋଲି କୁହାଯାଉଛି। ଏମାନେ ଟ୍ରେନ୍ ଫୁଟ୍‌ବୋର୍ଡରେ ଗୋଡ ରଖି ଲଟକି ରହିଥିଲେ। ବିପରୀତ ଦିଗରୁ ଆଉ ଏକ ଟ୍ରେନ୍ ଆସିଲା। ଦୁଇଟି ଟ୍ରେନ୍‌ର ଯାତ୍ରୀମାନଙ୍କ




ବ୍ୟାଗ୍ ପରସ୍ପର ମଧ୍ୟରେ ମାଡ ହୋଇଥିଲା। ଫଳରେ ନିୟନ୍ତ୍ରଣ ହରାଇ ଯାତ୍ରୀମାନେ ତଳକୁ ଖସି ପଡ଼ିଥିଲେ। ଏହା ଦୁଇ ଟ୍ରେନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ନଥିଲା। ଦୁଇଟି ଟ୍ରେନ୍ ମଧ୍ୟରେ ସାଧରଣତଃ ଦୂରତା ୧.୫ରୁ ୨ ମିଟର ଥାଏ। କିନ୍ତୁ କର୍ଭ ଅର୍ଥାତ ବଙ୍କାଣୀରେ ଦୂରତା ଆହୁରି କମିଥାଏ। ଏହା ହିଁ ଦୁର୍ଘଟଣାର ମୁଖ୍ୟ କାରଣ ବୋଲି କୁହାଯାଉଛି।

ପୁଲିସ୍ ଟିମ୍ ଓ ରେଳ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚିବା ପରେ ଆହତ ଯାତ୍ରୀଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ଏହି ଘଟଣାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ମହରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବୀସ୍ ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉପ- ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଅଜିତ ପାୱାର ଏହି ଘଟଣାରେ ଶୋକବ୍ୟକ୍ତ କରିଛନ୍ତି। ଟ୍ରେନ୍ ଦୁର୍ଘଟଣାରେ ଲୋକ ମରୁଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ୧୧ ବର୍ଷ ପୂର୍ତ୍ତି ପାଳନ କରିବାର ବ୍ୟସ୍ତ ରହିଛନ୍ତି ବୋଲି କଂଗ୍ରେସ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

# ଆଜି ବିଜେଡିର କର୍ମକର୍ତ୍ତା ସମ୍ମିଳନୀ

## ଶଂଖ ଭବନରେ ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରିବେ ନବୀନ



ଭୁବନେଶ୍ୱର,୯।୬(ସମିସ): ମଙ୍ଗଳବାର ବସିବ ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ। ସକାଳ ୧୧ଟାରେ ଶଙ୍ଖ ଭବନରେ ବିଜେଡିର ରାଜ୍ୟସ୍ତରୀୟ କର୍ମକର୍ତ୍ତାମାନେ ଏହି ବୈଠକରେ ଉପସ୍ଥିତ ରହିବେ। ବିରୋଧୀଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ। ବିଶେଷକରି ରାଜ୍ୟରେ ବିଜେପି ସରକାରର ଏକ ବର୍ଷର ବିଫଳତା ପ୍ରମୁଖ ବିଷୟ ହେବ ।

ଆସନ୍ତାକାଲି ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ପୂର୍ବରୁ ସୋମବାର ଶଂଖ ଭବନରେ ଏହାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କର୍ମକର୍ତ୍ତା ବୈଠକ ପାଇଁ ରୋଡମ୍ୟାପ ସ୍ଥିର କରାଯାଇଛି। ବିଜେଡିର ନୂଆ କମିଟି ଗଠନ ପରେ ଦଳର ଏହା ପ୍ରଥମ ବଡ଼ ବୈଠକ। ତେଣୁ ଏଥିରେ ସମସ୍ତ କମିଟି ସଦସ୍ୟଙ୍କ ସହ ୨୦୨୪ ନିର୍ବାଚନର ପ୍ରାର୍ଥୀ, ବିଧାୟକ ଓ ସାଂସଦ ଉପସ୍ଥିତ ରହିବେ। ରାଜ୍ୟ ସରକାରଙ୍କ ଭଉା ବିଫଳତା, ବିପର୍ଯ୍ୟସ୍ତ ଆଇନଶୃଂଖଳା, ଅନାହାର ମୃତ୍ୟୁ, ପୋଲାଭରମ, ମହାନଦୀ, ଓବିସି ସଂରକ୍ଷଣ, ମଦ ମୃତ୍ୟୁ, ବାଟବଣା ତଦନ୍ତ ରିପୋର୍ଟ ପରି ପ୍ରସଙ୍ଗରେ ଲୋକଙ୍କୁ ସଚେତନ କରିବାକୁ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଉଛି।

ସେହିପରି ନବୀନ ପଟ୍ଟନାୟକଙ୍କ ସରକାର ସମୟର ସଫଳ ଯୋଜନାର ନାଁ ଓ ରଙ୍ଗ ପରିବର୍ତ୍ତନରେ ଏହି ଏକ ବର୍ଷ ବିତି ଯାଇଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଯେଉଁଥି ପାଇଁ ସରକାର ନ ଥିବା ନେଇ ଲୋକ ଅନୁଭବ କରୁଥିବା ବିଜେଡି ଦାବି କରିଛି। ଲୋକେ ସରକାରୀ ବିଫଳତା ନେଇ ସଚେତନ ହେଲେଣି। ବିଜେଡି ଏହାକୁ ଆହୁରି ଶାଣିତ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଦାୟିତ୍ୱବାନ ବିରୋଧୀ ଭାବେ ବିଧାନସଭା ଭିତରେ ଓ ବାହାରରେ ସରକାରୀ ଉଦାସୀନତା ବିରୋଧରେ ବିଜେଡି ବାରମ୍ବାର ସ୍ୱର ଉଠାଇଛି। ଦରଦାମ ବୃଦ୍ଧି ବିରୋଧରେ ଆନ୍ଦୋଳନ ହେଉ କି ଓଡ଼ିଆ ଏଏସଓଙ୍କୁ ପୂର୍ବତନ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଅବା ଓବିସି ସଂରକ୍ଷଣ, ସରକାରଙ୍କ ବିଫଳତା ବିରୋଧରେ ଦଳ ସରକାରଙ୍କୁ କାଠଗଡ଼ାରେ ଠିଆ କରିଛି। ଏହାକୁ ଆହୁରି ଜୋରଦାର କରିବାକୁ ଦଳ ଅଣ୍ଟା ଭିଡ଼ିଛି। ଦଳର ବରିଷ୍ଠ ନେତା ତଥା ଓବିସି ସେଲ୍ ଆବାହକ ଅରୁଣ ସାହୁ କହିଛନ୍ତି ଯେ ସରକାର କହୁଛନ୍ତି ଦୁର୍ନୀତି ହେଉନି; କିନ୍ତୁ ଜଣେ ଆଇଏଏସ୍ ଅଫିସରଙ୍କ ଘରୁ ୪୭ ଲକ୍ଷ ଟଙ୍କା ବାହାରିଛି। ସଚିବାଳୟ ଏହି ଦୁର୍ନୀତିର ଉତ୍ସ । ନ ହେଲେ ଏତେ ଟଙ୍କା କୁଆଡୁ ଆସିବ ? ତେଣୁ ସରକାର ଯାହା ତଥ୍ୟ ଦେବେ ଦିଅନ୍ତୁ ବିଜେଡି ତାଙ୍କ ବିଫଳତାର ପର୍ଦ୍ଦାଫାଶ କରିବ ଡଃ ସାହୁ କହିଛନ୍ତି।

## ୫ ମାସରେ ଉଡ଼ାଇ ନେଲେଣି ୧୪୪ କୋଟି

# ଦିନକୁ କୋଟିଏ ଠକୁଛନ୍ତି ସାଇବର୍ ଠକ

ଭୁବନେଶ୍ୱର, ୯।୬ (ସମିସ): ରାଜ୍ୟରେ ଅଦୃଶ୍ୟ ଠକଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ଆଖି ପିଛୁଳାକେ ଖାଲି କରିଦେଉଛନ୍ତି ପୂରା ଆକାଉଣ୍ଟ। ପୁଲିସ୍, ସରକାରଙ୍କ ପକ୍ଷରୁ ବାରମ୍ବାର ବିଭିନ୍ନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଥିଲେ ହେଁ ସାଇବର୍ ଠକମାନେ ଗଳା ବାଟ ବାହାର କରି ଦେଉଛନ୍ତି। ନୂଆ ନୂଆ ଉପାୟରେ ଲୋକଙ୍କୁ ଚୂନମାରି ଚାଲିଛନ୍ତି। ପରିସ୍ଥିତି ଏମିତି ହୋଇଛି ଯେ ଠକଙ୍କ ଗୋଟିଚାଳନା ଆଗରେ ପୁଲିସ୍‌ର ରଣନୀତି ଏକପ୍ରକାର ଫେଲ୍ ମାରୁଛି। ହାତଗଣତି କେତୋଟି ମାମଲାରେ ଠକଙ୍କୁ ଗିରଫ, ଟଙ୍କା ଫେରସ୍ତ ଓ ଠକଙ୍କ ଆକାଉଣ୍ଟ ଅଚଳ କରିବା ବ୍ୟତୀତ ଖାଲି ମାମଲା ରୁଜୁରେ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନ ସୀମିତ ରହିଯାଉଛି। ସାଇବର୍ ଠକେଇକୁ ନେଇ ଏବେ ପୁଣି ଏକ ସାଂଘାତିକ ତଥ୍ୟ ପଦାକୁ ଆସିଛି। ଗତ ୫ ମାସ ମଧ୍ୟରେ ସାଇବର୍ ଠକମାନେ ରାଜ୍ୟରୁ ପ୍ରାୟ ୧୪୪କୋଟି ଟଙ୍କା ଉଡ଼ାଇ ନେଇଛନ୍ତି। ହାରାହାରି ଭାବେ ହିସାବ କଲେ, ଦିନକୁ କୋଟିଏ ଟଙ୍କା ଲୁଟୁଛନ୍ତି। ଚଳିତବର୍ଷ ଜାନୁୟାରୀଠାରୁ ମେ' ମଧ୍ୟରେ ରାଜ୍ୟର ପ୍ରାୟ ୨୦ ହଜାର ଲୋକଙ୍କୁ ଠକମାନେ ବିଭିନ୍ନ ଉପାୟରେ ଚୂନ ମାରିଛନ୍ତି। ହେଲେ, ସେଥିମଧ୍ୟରୁ ପୁଲିସ ମାତ୍ର ୧୬କୋଟି ଟଙ୍କା ଅଚଳ କରିପାରିଛି। ଏହା ମୋଟ ଠକେଇ ପରିମାଣର ମାତ୍ର ୧୧ ପ୍ରତିଶତ ବୋଲି ଜଣାଯାଇଛି।

### ଫ୍ରିଜ୍ ହୋଇଛି ମାତ୍ର ୧୬ କୋଟି

ଅପରପକ୍ଷେ, ସମ୍ବଲପୁରର ଜଣେ ବ୍ୟବସାୟୀଙ୍କୁ ସାଇବର୍ ଠକ କୋଟିଏ ଟଙ୍କାର ଚୂନ ମାରିଥିବା ଅଭିଯୋଗ ପଦାକୁ ଆସିଛି। ପୁଞ୍ଜିବଜାର (ସେୟାର ମାର୍କେଟ୍) ରେ ନିବେଶ ଆଳରେ ଠକିଛନ୍ତି। ସଂପୃକ୍ତ ବ୍ୟବସାୟୀ ହ୍ୱାଟ୍ସଆପ୍ ଯୋଗେ ସେୟାର୍ ମାର୍କେଟ୍ ସମ୍ପର୍କିତ ଏକ ମେସେଜ୍ ପାଇଥିଲେ। ପରବର୍ତ୍ତୀ ସମୟରେ ସେ ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲେ। ଟଙ୍କା ନିବେଶ



| ମାସ | ଅଭିଯୋଗର ସଂଖ୍ୟା | ଅଭିଯୋଗର ପରିମାଣ |
|---|---|---|
| ଜାନୁୟାରୀ | ୪୨୯୯ | ୪୧ କୋଟି |
| ଫେବୃୟାରୀ | ୩୬୬୨ | ୨୨ କୋଟି |
| ମାର୍ଚ୍ଚ | ୪୦୪୯ | ୨୫ କୋଟି |
| ଏପ୍ରିଲ | ୩୯୪୭ | ୩୩ କୋଟି |
| ମେ | ୩୮୭୮ | ୨୩ କୋଟି |

କରିଲେ ଅଧିକ ରିଟର୍ଣ୍ଣ ମିଳିବ ବୋଲି ସାଇବର ଠକ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ଆପ୍ ଜରିଆରେ ଟଙ୍କା ନିବେଶ କରିବାକୁ ପଡ଼ିବ ବୋଲି କହିଥିଲେ। ବ୍ୟବସାୟୀଜଣଙ୍କ ସେମାନଙ୍କ କଥାରେ ବିଶ୍ୱାସ କରି ଉକ୍ତ ଆପ୍ ଦ୍ୱାରା ସେୟାର ମାର୍କେଟ୍‌ରେ ଅର୍ଥ ଲଗାଇବା ଆରମ୍ଭ କରିଥିଲେ। କମ୍ପାନୀର ସତ୍ୟାସତ୍ୟ ଜାଣିବା ଲାଗି ଟଙ୍କା ଉଠାଇବାରୁ ଆକାଉଣ୍ଟକୁ ଟଙ୍କା ଆସିଥିଲା। ବିଶ୍ୱାସ ବଢ଼ିବାରୁ ବ୍ୟବସାୟୀଜଣଙ୍କ ଆହୁରି ଟଙ୍କା ଲଗାଇଥିଲେ। ସେୟାର୍ ମାର୍କେଟରୁ ମିଳୁଥିବା ଲାଭାଂଶ ଆପ୍ ୱାଲେଟ୍‌ରେ ଦେଖାଉଥିଲା। କିନ୍ତୁ ଗତ ମାସ ଶେଷ ସପ୍ତାହରେ ସେ ପୁଣିଥରେ ଟଙ୍କା ଉଠାଇବାକୁ ଚେଷ୍ଟା କରିବାରୁ ତାଙ୍କ ଆକାଉଣ୍ଟ ବ୍ଲକ୍ ହୋଇଯାଇଥିଲା। ସେତେବେଳକୁ ସେ ୧କୋଟି ୩୧ ଲକ୍ଷ ଟଙ୍କା ହରାଇ ସାରିଥିଲେ। ଏ ସଂପର୍କରେ ସେ ସାଇବର୍ ହେଲ୍ପଡେସ୍କ ଓ ସାଇବର୍ ଥାନାରେ ଅଭିଯୋଗ କରିଛନ୍ତି। ୨୨ଟି ପର୍ଯ୍ୟାୟରେ ଠକ ତାଙ୍କ ପାଖରୁ ୧କୋଟି ୩୧ ଲକ୍ଷ ୮୬ ହଜାର ଟଙ୍କା ନେଇଥିବା ବେଳେ ପୁଲିସ୍ ମାତ୍ର ୬ଲକ୍ଷ ଟଙ୍କା ଥିବା ସାଇବର୍ ଠକଙ୍କ ଏକ ଆକାଉଣ୍ଟକୁ ଅଚଳ (ଫ୍ରିଜ୍) କରିପାରିଛି।

## ୭ ଦଫା ଦାବିରେ ଆନ୍ଦୋଳନ କରିବେ ଡ୍ରାଇଭର

# ଜୁଲାଇ ୮ରୁ ସାରା ରାଜ୍ୟରେ ଷ୍ଟିୟରିଂ ଛାଡ଼



ଭୁବନେଶ୍ୱର,୯।୬(ସମିସ): ଆସନ୍ତା ଜୁଲାଇ ୮ ତାରିଖରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବ ଓଡ଼ିଶା ଡ୍ରାଇଭର ମହାସଙ୍ଘ। ୭ ଦଫା ଦାବି ପୂରଣ ହେଉ ନ ଥିବାରୁ ମହାସଂଘ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଦାବି ପୂରଣ ନ ହେବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସୋମବାର ମହାସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି କୁହାଯାଇଛି। ଓଡ଼ିଶା ଡ୍ରାଇଭର ମହାସଂଘ ଏବଂ ଡ୍ରାଇଭର ଏକତା ମହାମଞ୍ଚର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସନ୍ତା ଜୁଲାଇ ୭ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯିବ। ପୂର୍ବରୁ ସରକାରଙ୍କୁ ଡ୍ରାଇଭରଙ୍କ ସ୍ୱାର୍ଥ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ ଏହାକୁ ସରକାର କର୍ଣ୍ଣପାତ କରୁନାହାନ୍ତି। ତେଣୁ ଡ୍ରାଇଭରମାନଙ୍କ ସୁରକ୍ଷା, ସମ୍ମାନ ଏବଂ ଅଧିକାର ପାଇଁ ଏହି ଆନ୍ଦୋଳନ କରାଯିବ ବୋଲି ମହାସଂଘ କହିଛି।

ସାରା ଓଡ଼ିଶାର ଡ୍ରାଇଭର ଭାଇମାନଙ୍କର ସ୍ୱାର୍ଥକୁ ଆଖି ଆଗରେ ରଖି ଅଲ ଓଡିଶା ମିନିଟ୍ରକ ମାଲିକ ମହାସଂଘ, ଓଡିଶା ଟ୍ରକ ମାଲିକ ସଂଘ ଏବଂ ବସମାଲିକ ସଂଘ ସେମାନଙ୍କର ସମର୍ଥନ ରହିବ ବୋଲି ମହାସଂଘ ପକ୍ଷରୁ ଓଡିଶା ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବିଗତ ଦିନରୁ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ସରକାରଙ୍କୁ ଅବଗତ କରାଯାଇଛି। ଏହି ସମୟ ମଧ୍ୟରେ ଡ୍ରାଇଭରମାନଙ୍କର କେବଳ ଗୋଟିଏ ଦାବି ପୂରଣ ହୋଇଛି। ଗତ ମାର୍ଚ୍ଚ ୨୯ରୁ ୬ ଦିନ ପର୍ଯ୍ୟନ୍ତ ଗାନ୍ଧୀ ମାର୍ଗରେ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଧାରଣା ବଦଇଥିଲେ। ହେଲେ ସରକାର ଡ୍ରାଇଭରମାନଙ୍କ ଦାବି ପୂରଣ ନେଇ କୌଣସି ପଦକ୍ଷେପ ନେଇ ନାହାନ୍ତି। ଯାହାଦ୍ୱାରା ଡ୍ରାଇଭରମାନଙ୍କ ମଧ୍ୟର ଅସନ୍ତୋଷ ପ୍ରକାଶ ପାଉଛି ଏବଂ ସମସ୍ତ ଡ୍ରାଇଭର ବଡ଼ ଆନ୍ଦୋଳନକୁ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ସୂଚନାଥାଉ କି, ମହାସଂଘ ପକ୍ଷରୁ ରହିଥିବା ଦାବି ମଧ୍ୟରେ ଡ୍ରାଇଭର ଉନ୍ନୟନ ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା ସହ ଜନ ସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା, ଗାଡ଼ି ପାଇଁ ପାର୍କିଂ ସ୍ଥଳୀ ଓ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମସ୍ଥଳୀ, ଖଣି-ଖାଦାନ ଏବଂ କାରଖାନାରେ ୭୦ ପ୍ରତିଶତ ଓଡ଼ିଆ ଡ୍ରାଇଭର ନିଯୁକ୍ତି ଓ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଘୋଷଣା ଆଦି ଦାବି ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଓଡିଶା ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି, ଅଲ୍ ଓଡ଼ିଶା ପରିବହନ ଚାଳକ ସଂଘର ସଭାପତି ଦୀପକ ନାୟକ, ଓଡିଶା ଡ୍ରାଇଭର ମହାସଂଘର ସମ୍ପାଦକ ଚୈତନ୍ୟ ପ୍ରଧାନ, କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ବେହେରା, ସହ-ସମ୍ପାଦକ ମାନସ ଦେବତା, ଉପଦେଷ୍ଟା ଅବକାଶ ଖଟୁଆ, ଖୋର୍ଦ୍ଧା ଜିଲ୍ଲା କମିଟି ଏବଂ ଭୁବନେଶ୍ୱର ବ୍ଲକ କମିଟିର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

## ବୃଦ୍ଧଙ୍କୁ ମାରି ପୋଡ଼ିଦେବା ଘଟଣା

# ୨ ପୁରୁଷଙ୍କ ସମେତ ୧୦ ଗିରଫ

ମୋହନା, ୯।୬ (ସମିସ): ଗଜପତି ଜିଲ୍ଲା କୁଇହୁରୁ ଗାଁର ବୃଦ୍ଧ କାମ୍ବି ମଳିକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିବା ପରେ ଜଙ୍ଗଲରେ ପୋଡ଼ିଦେବା ଘଟଣାରେ ମୋହନା ପୁଲିସ୍ ଆଜି ୧୦ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୮ଜଣ ମହିଳା ଥିବା ବେଳେ ୨ଜଣ ପୁରୁଷ ଅଛନ୍ତି। ସେମାନେ ହେଲେ, ଗାଁର ବାଛିଙ୍ଗା ମଳିକ(୫୩), ପାଟଙ୍ଗା ମଳିକ(୫୮),

### ଗାଁ ମହିଳାଙ୍କୁ ଅସଦାଚରଣ ହତ୍ୟାର କାରଣ

କକ୍ଷଦିରୀ ମଳିକ(୪୮), ହେମ ମଳିକ(୫୦), ଲକ୍ଷ୍ମୀ ମଳିକ(୫୪), ହେମ ମଳିକ(୪୭), କୁନି ମଳିକ(୩୨), ନୃଦୁଲୁ ମଳିକ(୩୫), ଶୁକ୍ରୁ ମଳିକ(୫୬) ଓ ଶୁକଦେବ ମଳିକ(୩୫)। ଏହାସହ ପୁଲିସ୍ ହତ୍ୟାରେ ବ୍ୟବହୃତ ଗୋଟିଏ କାତି ଜବତ କରି ଅଧିକ ତଦନ୍ତ ଚଳାଇଛି। ଏହି ଘଟଣାରେ ଆଉ କିଛି ଅଭିଯୁକ୍ତଙ୍କ ସଂପୃକ୍ତି ଅଛି, ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ମୋହନା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ଗୋଟିଏପଟେ, ଗୁଣି ସନ୍ଦେହରୁ ଏହି ହତ୍ୟାକାଣ୍ଡ ଘଟିଥିବା ନେଇ ଗତକାଲି ଗ୍ରାମବାସୀ କହିଥିବା ବେଳେ ଅନ୍ୟପଟେ ମହିଳାମାନଙ୍କୁ ଅସଦାଚରଣ କରିବା ଯୋଗୁଁ ଗ୍ରାମବାସୀ ଅତିଷ୍ଠ ହୋଇ ତାଙ୍କୁ ହତ୍ୟା କରିଥିବା କହିଛନ୍ତି।

ପୁଲିସ୍ ସୂଚନାନୁଯାୟୀ, ୫ ବର୍ଷ ତଳେ କାମ୍ବିଙ୍କ ପତ୍ନୀଙ୍କ ମୃତ୍ୟୁ ଘଟିଥିଲା। ଦୁଇ ଝିଅ ମିତା ଓ ସୁନ୍ଦରୀ ହାଲାଗାଡ଼ି ଗାଁରେ ବିବାହ କରିଥିଲେ। ଦୁଇପୁଅଙ୍କ ମଧ୍ୟରୁ ବଡ଼ପୁଅ ପୁରୁ ମଳିକ ଦାଦନ ଖଟିବାକୁ ଗୋଆ ଯାଇଥିବା ବେଳେ ସାନ ପୁଅ ମୀନକେତନ ବାପାଙ୍କ ସହ ରହୁଥିଲା। କାମ୍ବି ଗାଁରେ ଝଡ଼ାଫୁଙ୍କା କରିବା



ସହ ଚେରମୂଳି ଔଷଧ ଦେଉଥିଲେ। ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଝଡ଼ାଫୁଙ୍କା ଆଳରେ କାମ୍ବି ଗାଁର ମହିଳାମାନଙ୍କୁ ଖରାପ ନଜରରେ ଦେଖୁଥିଲେ। ତାଙ୍କ ସମ୍ପର୍କୀୟ କିଛି ମହିଳାଙ୍କ ସହ ମଧ୍ୟ ପାଶବିକ ଅତ୍ୟାଚାର କରିଥିବା ଅଭିଯୋଗ ହୋଇଛି।

ସେହିପରି ଗାଁର କିଛି ପୁରୁଷଙ୍କ ଅକାଳରେ ମୃତ୍ୟୁ ହେବା ଏବଂ ସେମାନଙ୍କ ବିଧବା ପତ୍ନୀଙ୍କୁ ଖରାପ ବ୍ୟବହାର କରି ଆସୁଥିବାରୁ କାମ୍ବି ଗୁଣିଗାରେଡ଼ି କରୁଛନ୍ତି ବୋଲି ଗାଁଲୋକଙ୍କ ସନ୍ଦେହ ହୋଇଥିଲା। ଗୋଟିଏପଟେ ଗୁଣି ସନ୍ଦେହ, ଅନ୍ୟପଟେ ମହିଳାଙ୍କୁ ଅସଦାଚରଣ ଯୋଗୁଁ କାମ୍ବିଙ୍କ ଉପରେ ଗାଁ ଲୋକେ ଅତିଷ୍ଠ ହୋଇପଡ଼ିଥିଲେ। ତେଣୁ, ତାଙ୍କୁ ହତ୍ୟା କରିବାରୁ ସୁଯୋଗ ଖୋଜୁଥିଲେ। ଗତ ମଙ୍ଗଳବାର ଦିନ ସାନ ପୁଅ ମୀନକେତନ ଓ ଘରକୁ ଆସିଥିବା ସାନ ଝିଅ ସୁନ୍ଦରୀ ଏକ ଭୋଜିରେ ଯୋଗଦେବା ପାଇଁ ପାଖ ଗାଁକୁ ଯାଇଥିଲେ। ଘରେ ଏକୁଟିଆ କାମ୍ବି ଥିଲେ। ଏହାର ସୁଯୋଗ ନେଇ ରାତିରେ ଗାଁର ଏକାଧିକ ବ୍ୟକ୍ତି ମିଳିତ ଭାବେ କାମ୍ବିଙ୍କୁ ଘରୁ ଟେକି ନେଇ ଦାଣ୍ଡରେ ନିସ୍ଥୁକ ପିଟିବା ପରେ କଟୁରୀରେ ହାଣି ହତ୍ୟା କରିଥିଲେ। ପରେ ପ୍ରମାଣ ଲୁଚାଇବା ପାଇଁ ଗାଁଠାରୁ ପ୍ରାୟ ୨କି.ମି ଦୂରରେ ଥିବା ଜଙ୍ଗଲର ଏକ ଆମ୍ବଗଛ ମୂଳରେ ଥିବା ପଥର ଉପରେ ପୋଡ଼ି ଦେଇଥିଲେ ବୋଲି ପୁଲିସ୍ ସୂଚନା ଦେଇଛି। ତେବେ ବୁଧବାର ସାନପୁଅ ଓ ଝିଅ ଘରକୁ ଆସି ଦେଖିବା ବେଳକୁ କାମ୍ବି ଘରେ ନଥିଲେ ଏବଂ ଘର ଆଗରେ କିଛି ରକ୍ତଛିଟା ପଡ଼ିଥିଲା। ତେବେ ତାଙ୍କ ବାପାଙ୍କୁ ହତ୍ୟା କରି ଗ୍ରାମବାସୀମାନେ ଜାଳି ଦେଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଅ-ଝିଅ ମୋହନା ପୁଲିସ୍‌କୁ ଖବର ଦେଇଥିଲେ। ରବିବାର ପୁଲିସ ଖବର ପାଇ କୁଇହୁରୁ ଗାଁରେ ତଦନ୍ତ କରିଥିଲା। ତଦନ୍ତ ପରେ ହତ୍ୟା ସମ୍ପର୍କରେ ଜାଣିବାକୁ ପାଇଥିଲା। ପୋଡ଼ା ଯାଇଥିବା ସ୍ଥାନରୁ ହାଡ଼ ପାଉଁଶ ଜବତ କରିବା ସହ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିଥିଲା। ଆଜି ଏହି ଘଟଣାରେ ସମ୍ପୃକ୍ତ ୧୦ଜଣଙ୍କୁ ଗିରଫ କରିଛି।

## ବନ୍ୟଜନ୍ତୁ ଆକ୍ରମଣଜନିତ ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି

# ୬ ଲକ୍ଷରୁ ୧୦ ଲକ୍ଷକୁ ବଢ଼ିଲା


ଭୁବନେଶ୍ୱର,୯।୬ (ସମିସ): ରାଜ୍ୟରେ ବନ୍ୟଜନ୍ତୁ ଆକ୍ରମଣ ଜନିତ ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି ହୋଇଛି। ପୂର୍ବରୁ ମିଳୁଥିବା ୬ ଲକ୍ଷ ଟଙ୍କାର ଅର୍ଥରାଶିକୁ ସରକାର ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହାସହ ଯଦି ବାସଗୃହ କ୍ଷତିଗ୍ରସ୍ତ ହୋଇଥାଏ, ତେବେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନଚେତ୍ ସମତୁଲ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସେହିପରି ରୋଷେଇ ଘର, ଧାନ ସଂରକ୍ଷଣ ଗୃହ କିମ୍ବା ଛେଳି ଗୁହାଳ କ୍ଷତିଗ୍ରସ୍ତ ହେଲେ, ୩ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ପକ୍କା ପାଚେରି, କମ୍ପାଉଣ୍ଡ ୱାଲ୍ କ୍ଷତିଗ୍ରସ୍ତ ହେଲେ ପ୍ରତି ମିଟର ପିଛା ୫ ହଜାର ସର୍ବାଧିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସୋମବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟରେ ପଶୁ-ମଣିଷ ଲଢ଼େଇ ବୃଦ୍ଧି ପାଉଛି। ୨୦୧୩-୧୪ରୁ ୨୦୨୨-୨୩ ମସିହା ପର୍ଯ୍ୟନ୍ତ, ଗତ ୧୦ ବର୍ଷ ମଧ୍ୟରେ ଜୀବଜନ୍ତୁଙ୍କ ଆକ୍ରମଣରେ ୧୨୧୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ କେବଳ ହାତୀ ଆକ୍ରମଣରେ ୯୯୪ ଜଣଙ୍କ ଜୀବନ ଯାଇଛି। ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଦ୍ୱାରା ୨୨୦ ଜଣଙ୍କର ମୃତ୍ୟୁ ହୋଇଛି। ଏହି ୧୦ ବର୍ଷ ମଧ୍ୟରେ ସର୍ବାଧିକ ୨୦୨୨-୨୩ ମସିହାରେ ହାତୀ ଆକ୍ରମଣରେ ୧୪୮ ଓ ଅନ୍ୟ ଜୀବଜନ୍ତୁଙ୍କ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହୋଇଛି। ୨୦୧୩-୧୪ରେ ହାତୀ ଆକ୍ରମଣରେ ୬୭, ୨୦୧୪-୧୫ରେ ୬୫, ୨୦୧୫-୧୬ରେ ୮୯, ୨୦୧୬-୧୭ରେ ୬୬, ୨୦୧୭-୧୮ରେ ୧୦୫, ୨୦୧୮-୧୯ରେ ୮୫, ୨୦୧୯-୨୦ରେ ୧୧୭, ୨୦୨୦-୨୧ରେ ୧୩୯, ୨୦୨୧-୨୨ରେ ୧୧୩ ଓ ୨୦୨୨-୨୩ ମସିହାରେ ୧୪୮ ଜଣଙ୍କ ଜୀବନ ଯାଇଛି। ସେହିପରି ୧୦ ବର୍ଷ ମଧ୍ୟରେ ହାତୀ ଆକ୍ରମଣରେ ୬୬୦ଜଣ ଗୁରୁତର ଆହତ ହୋଇଛନ୍ତି। ୨୦୨୧-୨୨ ବର୍ଷ ମଧ୍ୟରେ ୧୨୫ ଜଣ ଆହତ ହୋଇଥିବା ବେଳେ ୨୦୨୨-୨୩ ବର୍ଷରେ ୧୦୨ ଜଣ ଆହତ ହୋଇଛନ୍ତି।

## ■ ଆଜି ସେନାପଟା ଲାଗି

# ଅପରାହ୍ଣ ୨ଟା ଯାଏ ଦର୍ଶନ ବନ୍ଦ

ପୁରୀ,୯।୬(ସମିସ): ବୁଧବାର ସ୍ନାନ ପୂର୍ଣ୍ଣିମା। ସ୍ନାନବେଦୀରେ ପ୍ରତ୍ୟକ୍ଷ ସ୍ନାନ କରିବେ ଦାରୁବିଗ୍ରହ। ସେଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ଦଇତାପତି ସେବକମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିବା ବେଳେ ରାତିରେ ଚାରମାଳ ବନ୍ଧାଯାଇ ମଙ୍ଗଳବାର ସେନାପଟା ଲାଗି ହେବ। ତେବେ ଏହି



ଚାରମାଳ ବନ୍ଧା ଏବଂ ସେନାପଟା ଲାଗି ନୀତି ପାଇଁ ସୋମବାର ରାତ୍ର ପହୁଡ଼ ଆଳତି ପରଠାରୁ ମଙ୍ଗଳବାର ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନଙ୍କର ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସେନାପଟା ଲାଗି ପରେ ପୁନଶ୍ଚ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ବୋଲି ଶ୍ରୀମନ୍ଦିର କାର୍ଯ୍ୟାଳୟପକ୍ଷରୁ ସୂଚନା ଦିଆଯାଇଛି।

# ଶ୍ରୀମନ୍ଦିରକୁ ପ୍ରବେଶ କଲେ ଦଇତାପତି


ପୁରୀ,୯।୬(ସମିସ): ଆସନ୍ତା ବୁଧବାର ଦେବସ୍ନାନ ପୂର୍ଣ୍ଣିମା। ସ୍ନାନ ମଣ୍ଡପରେ ପ୍ରତ୍ୟକ୍ଷ ସ୍ନାନ କରିବେ ମହାପ୍ରଭୁ। ୧୦୮ ଗରା ଜଳରେ ସ୍ନାନ କରିବା ପରେ ଆରମ୍ଭ ହେବ ଦାରୁବିଗ୍ରହଙ୍କ ଅଣସର ନୀତି। ମହାପ୍ରଭୁଙ୍କର ଏହି ଗୁପ୍ତ ନୀତିକୁ ସମ୍ପାଦନ କରିବେ ଶ୍ରୀଅଙ୍ଗ ଲାଗି ସେବକ ଦଇତାପତି। ତେଣୁ ସୋମବାର ମଙ୍ଗଳଆଳତି ପରେ ଦଇତାପତି ସେବକମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିଛନ୍ତି। ସ୍ନାନଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବାରେ ନିମଗ୍ନ ରହିବେ ଦଇତାପତି। ଗୋଷ୍ଠୀଗତ ଭାବେ ଠାକୁରଙ୍କ ସମସ୍ତ ନୀତିକାନ୍ତି ସମ୍ପାଦନ କରିବେ। ବୁଧବାର ରାତିରେ ଶ୍ରୀମୁଖ ଖଣ୍ଡୁଆ ପଡ଼ିବା ପରେ ଦଇତାପତିମାନେ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟକଣ୍ଟ କରିଛନ୍ତି। ଶ୍ରୀସୁଦର୍ଶନଙ୍କୁ ବଡ଼ବାଡ଼ ଖଟୁଲି ଉପରେ ବିଜେ କରିବା ପରେ କୋଠ ସୁଆଁସିଆମାନେ ରତ୍ନସିଂହାସନ ନିକଟକୁ ଯାଇ ମହାପ୍ରଭୁଙ୍କ ପହଣ୍ଡି ପାଇଁ ଚାରବାଡ଼ ବାନ୍ଧିବେ। ଶ୍ରୀଅଙ୍ଗ ସୁରକ୍ଷା ଲାଗି ଦଇତାପତିମାନେ ମଙ୍ଗଳବାର ସେନାପଟା ଲାଗି କରିବେ। ବଉଳ କାଠରେ ଦାରୁବିଗ୍ରହଙ୍କ ଶ୍ରୀଅଙ୍ଗର ମାପ ଅନୁଯାୟୀ ସେନାପଟା ଓ ବାହୁଟ ନିର୍ମାଣ କରାଯିବ। ମହାପ୍ରଭୁଙ୍କ ପୃଷ୍ଠ ଦେଶରେ ସେନାପଟା ଓ ଶ୍ରୀଭୁଜରେ ବାହୁଟ ପାଟ ବସ୍ତ୍ର ଦ୍ୱାରା ଆଚ୍ଛାଦିତ କରି ବାନ୍ଧି ଦିଆଯିବ। ସ୍ନାନଯାତ୍ରା, ଶ୍ରୀଗୁଣ୍ଡିଚା ଯାତ୍ରା, ଆଡ଼ପ ପହଣ୍ଡି, ବାହୁଡ଼ା ଯାତ୍ରା ଓ ନୀଳାଦ୍ରିବିଜେ ପହଣ୍ଡି ସମୟରେ ଏହି ସେନାପଟା ଓ ବାହୁଟ ଶ୍ରୀଅଙ୍ଗଙ୍କୁ ସୁରକ୍ଷା ପ୍ରଦାନ କରିଥାଏ।

# ସକ୍ରିୟ ହେବାକୁ ପାଗ ଭିଡୁଛି ମୌସୁମୀ

## ରାଜ୍ୟରେ ଗୁଳୁଗୁଳି ସାଙ୍ଗକୁ ଜାରି ରହିବ ବର୍ଷା

ଭୁବନେଶ୍ୱର,୯।୬(ସମିସ): ଏଥର ସଅଳ ଆସିଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଅଗ୍ରଗତିରେ ଗତ ମେ' ୨୯ ପରଠାରୁ ବିରାମ ଲାଗିଛି। ଫଳରେ ଓଡ଼ିଶା ସମେତ ଦେଶର ପ୍ରମୁଖ ରାଜ୍ୟମାନଙ୍କରେ ବର୍ଷାରେ ରୋକ୍ ଲାଗିଛି। ଏହା ପୁଣି ସକ୍ରିୟ ହୋଇ ପ୍ରଥମେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ବର୍ଷା କରାଇବ। ଏହାପରେ ଆସନ୍ତା ୧୨ରୁ ୧୫ ତାରିଖ ମଧ୍ୟରେ କର୍ଣ୍ଣାଟକ ଏବଂ କୋଙ୍କଣ-ଗୋଆ ଆଦି ଅଞ୍ଚଳରେ ପ୍ରବଳ ବର୍ଷା କରାଇବ। ଏହା ପରେ ପରେ ଓଡ଼ିଶାରେ ମଧ୍ୟ ମୌସୁମୀ ସକ୍ରିୟ ହେବା ସହ ରାଜ୍ୟରେ ବର୍ଷା ହୋଇପାରେ।

ଅନ୍ୟପଟେ ବର୍ତ୍ତମାନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଓଡ଼ିଶା ସଂଲଗ୍ନ ଦକ୍ଷିଣ ଗାଙ୍ଗେୟ-ପଶ୍ଚିମବଙ୍ଗ ଉପକୂଳରେ ବାୟୁମଣ୍ଡଳର ୧.୫ରୁ ୫.୮ କିଲୋମିଟର ଉଚ୍ଚତା ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଛି। ଫଳରେ ଉପକୂଳ ଓଡ଼ିଶାରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ଉପକୂଳ ଓଡ଼ିଶାରେ ଗୁଳୁଗୁଳିର ପ୍ରଭାବ ବହୁ ଅଧିକ ରହୁଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ବୃଦ୍ଧି ପାଇଛି। ସୋମବାର ଝାରସୁଗୁଡ଼ାରେ ତାପମାତ୍ରା ୪୦.୭ ଡିଗ୍ରୀ



ରେକର୍ଡ ହୋଇଥିବା ବେଳେ ବଲାଙ୍ଗିରରେ ୪୦.୩ ଡିଗ୍ରୀ ରେକର୍ଡ ହୋଇଛି। ମାତ୍ର ଉପକୂଳରେ ୩୫-୩୭ ଡିଗ୍ରୀ ତାପମାତ୍ରା ସାଙ୍ଗକୁ ଆର୍ଦ୍ରତା ପରିମାଣ ୫୦ ପ୍ରତିଶତରୁ ଅଧିକ ରହିଥିବା ହେତୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ରାଜଧାନୀରେ ଗରମ ଓ ଗୁଳୁଗୁଳିରୁ ଲୋକଙ୍କୁ ଆଶ୍ୱସ୍ତି ମିଳୁନାହିଁ। ଆଜି ଦିନ ୧୨ଟା ସୁଦ୍ଧା ଭୁବନେଶ୍ୱର ତାପମାତ୍ରା ୩୫ ଡିଗ୍ରିରେ ମଧ୍ୟରେ ଥିଲେ ମଧ୍ୟ ଆର୍ଦ୍ରତା ୬୮.୪ ପ୍ରତିଶତରୁ ଅଧିକ ରହୁଥିବାରୁ ପ୍ରବଳ ଗୁଳୁଗୁଳି ହୋଇଛି। ସକାଳେ ଆର୍ଦ୍ରତା ୮୦ ପ୍ରତିଶତରୁ ଅଧିକ ରହୁଥିବାରୁ ରାଜଧାନୀବାସୀ ଅସ୍ତବ୍ୟସ୍ତ ହେଉଛନ୍ତି।

ସଂପ୍ରତି ଦିନରେ ଗରମ ଓ ଗୁଳୁଗୁଳି ହେଉଥିବା ବେଳେ ଅପରାହ୍ଣ ପରେ ଅନେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ପାଇଁ ପାଗ ଅନୁକୂଳ ରହୁଛି। ଫଳରେ ଅନେକ ସ୍ଥାନରେ ସୋମବାର କାଳବୈଶାଖୀଜନିତ ବର୍ଷା ଅନୁଭୂତ ହୋଇଛି। ସୋମବାର ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଜଗତସିଂହପୁରରେ ସର୍ବାଧିକ ୪୧ ମିମି ବର୍ଷା ହୋଇଥିବା ବେଳେ ଅନୁଗୁଳରେ ୩୫, ଖୋର୍ଦ୍ଧାରେ ୩୩, ଭଦ୍ରକ ୨୨, ଯାଜପୁର ୨୦ ଓ କେନ୍ଦୁଝରରେ ୧୬ ମିମି ବର୍ଷା ରେକର୍ଡ ହୋଇଛି। ମଙ୍ଗଳବାର ମୟୂରଭଞ୍ଜ, ଗଜପତି, ଗଞ୍ଜାମ ଓ କନ୍ଧମାଳର ବିଭିନ୍ନ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ପବନ ଓ କିଛି କିଛି ସ୍ଥାନରେ ଭାରି ବର୍ଷା ହେବାକୁ ଥିବାବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, ନୟାଗଡ଼, କଳାହାଣ୍ଡି, କୋରାପୁଟ, ମାଲକାନଗିରି ଓ ରାୟଗଡ଼ାରେ ମଧ୍ୟ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

# ଦୁର୍ଘଟଣାରେ ବାପ-ପୁଅ ମୃତ

## ଉତ୍ତ୍ୟକ୍ତ ଲୋକଙ୍କ ରାଜପଥ ଅବରୋଧ

ବାଲିଗୁଡ଼ା, ୯।୬ ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅଞ୍ଚଳରେ ଆଜି ଏକ ଦୁର୍ଘଟଣା ବାପା-ପୁଅଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ବାଲିଗୁଡ଼ା ଥାନା ଅନ୍ତର୍ଗତ ରୁତୁଙ୍ଗିଆ ପଞ୍ଚାୟତ ସିରିଶିପାଙ୍ଗା ଗ୍ରାମର ହେମ କହଁର ଓ ତାଙ୍କ ପୁଅ ନୀଳମଣି କହଁର। ସୂଚନାନୁସାରେ, ହେମ ଓ ନୀଳମଣି ଖମଣଖୋଲ ଅଞ୍ଚଳକୁ କାମ କରିବାକୁ ଯାଇଥିଲେ। ରବିବାର ରାତିରେ ଦୁହେଁ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ସୁତ୍ରା ପଞ୍ଚାୟତ ଗାଲିଗୁରା ଗାଁ ନିକଟରେ ଏକ ପଣସ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ୍ ଘଟଣାସ୍ଥଳରୁ ଗୁରୁତରଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ହେମଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ



ଗୁରୁତର ନୀଳମଣିଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଟ ମଝିରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ବାଲିଗୁଡ଼ା ପୁଲିସ ପହଞ୍ଚି ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍ ଜବତ କରି ତଦନ୍ତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା।

ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଓ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ୫୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଗୋଟିଏ ଘଣ୍ଟା ପରେ ରାସ୍ତାରୋକ ହଟିଥିଲା। ସ୍ଥାନୀୟ ପ୍ରଶାସନ ରେଡ୍‌କ୍ରସ୍ ପକ୍ଷରୁ ଆର୍ଥିକ ଅନୁଦାନ ସହ ଆବାସ ଗୃହ ଓ ଯଥାସମ୍ଭବ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଲୋକ ଜାତୀୟ ରାଜପଥ ଅବରୋଧରୁ ହଟିଥିଲେ।

**ପାଟଣାଗଡ଼ ଲୁଟ୍ ମାମଲାର ପର୍ଦ୍ଦାଫାସ**

# ୪ ଗିରଫ: ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଦ୍ଧାର







**ବଲାଙ୍ଗିର/ପାଟଣାଗଡ଼,୯।୬(ସମିସ)**

ବଲାଙ୍ଗିର ଜିଲ୍ଲା ପୁଲିସକୁ ମିଳିଛି ବଡ଼ ସଫଳତା। ଗତ କିଛିଦିନ ତଳେ ପାଟଣାଗଡ଼ରେ ହୋଇଥିବା ଏକ ଲୁଟ ଘଟଣାରେ ପୁଲିସ ଚାରିଜଣ ଅଭିଯୁକ୍ତକୁ ଧରିଥିବାବେଳେ ଆଳୁ ଖୋଳୁଖୋଳୁ ମହାଦେବ ବାହାରିବା ଭଳି ଅଭିଯୁକ୍ତଙ୍କ ଲମ୍ବା ଲୁଟ୍ ତାଲିକା ସାମ୍ନାକୁ ଆସିଛି। ଗତ କିଛିବର୍ଷ ହେଲା ବଲାଙ୍ଗିର ତଥା ଆଖପାଖ ଜିଲ୍ଲାରେ ଏହି ଲୁଟେରା ଗ୍ୟାଙ୍ଗ ଅନେକ ଲୁଟ୍ କରିଥିବାବେଳେ ସେମାନଙ୍କ ପାଖରୁ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ପୁଲିସ ଉଦ୍ଧାର କରିବାରେ ସଫଳ ହୋଇଛି। ଉକ୍ତ ଟଙ୍କା କିଛି ଅଭିଯୋଗକାରୀଙ୍କୁ ପୁଲିସ ସୋମବାର ଫେରସ୍ତ କରିଥିବାବେଳେ ଘଟଣାର ତଦନ୍ତ ଜାରି ରହିଥିବା ଉତ୍ତରାଞ୍ଚଳ ଆଇଜି ହିମାଁଶୁଲାଲ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତଦୁଇ ତାରିଖରେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ଠାରେ ଏକ ଲୁଟ ଘଟଣା ସାମ୍ନାକୁ ଆସିଥିଲା। ସ୍ଥାନୀୟ ବ୍ୟବସାୟୀ ପର୍ଶୁରାମ ପନସାରୀ ଟଙ୍କା ନେଇ ଫେରୁଥିବା ବେଳେ ଦୁଇ ଜଣ ଯୁବକ ବାଇକ୍‌ରେ ଆସି ଟଙ୍କା ଲୁଟି ଫେରାର ମାରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପାଟଣାଗଡ଼ ସହରରେ ଲାଗିଥିବା ସିସିଟିଭି ଫୁଟେଜ, ଏଆଇ କ୍ୟାମେରାର ଫୁଟେଜ ସହାୟତାରେ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଥିଲା। ଏହି ଘଟଣାରେ ଦୁଇ ଜଣ ବଦଳରେ ଚାରି ଜଣଙ୍କ ସମ୍ପୃକ୍ତ ରହିଥିବା ଜଣାପଡ଼ିଥିଲା। ଅଭିଯୁକ୍ତମାନଙ୍କୁ ପୁଲିସ ପାଟଣାଗଡ଼ - ଖପ୍ରାଖୋଲ ରାସ୍ତାରୁ ଗିରଫ କରିଥିବା ସୂଚନା ଦେଇଛି। ଚାରି ଜଣ ଅଭିଯୁକ୍ତ ମଧ୍ୟରୁ ତିନିଜଣ ଗଞ୍ଜାମ ଜିଲ୍ଲା ଆସ୍କା ଅଞ୍ଚଳର ବୋଲି ପୁଲିସ ସୂଚନା ପାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଆସ୍କା ଥାନା ପକାଲାପଲ୍ଲୀ ଗାଁର ଡି. ରାହୁଲ(୨୦), ଏମ୍. କ୍ରିଷ୍ଣା (୨୪), କେ ନୂଆପାଲିର ପି. ଶିବା(୪୦) ଓ ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା ଅନ୍ତର୍ଗତ ଖଲ୍ଲାରୀ ଥାନା ଅଞ୍ଚଳର କମ ନେତାମ(୨୭) ବୋଲି ପୁଲିସ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି। ତେବେ ଏହି ଚାରି ଜଣ ଅଭିଯୁକ୍ତଙ୍କୁ ପଚରାଉଚୁରା କରିବା ପରେ ସେମାନଙ୍କ ଲମ୍ବା ଲୁଟ ତାଲିକା ପୁଲିସ ହାତରେ ଲାଗିଛି। ଅଭିଯୁକ୍ତ ମାନଙ୍କ ଠାରୁ ପୁଲିସ ନଗଦ ୩ ଲକ୍ଷ ୧୫ ହଜାର ଟଙ୍କା ଜବତ କରିଥିବା ବେଳେ ଦୁଇଟି ଚୋରା ବାଇକ, ତିନୋଟି ମୋବାଇଲ ଫୋନ ଓ ଗୋଟିଏ ଡିକି ଭଙ୍ଗା ସାମଗ୍ରୀ ଜବତ ହୋଇଛି। ଏହି ଅଭିଯୁକ୍ତ ମାନେ ବଲାଙ୍ଗିର ଜିଲ୍ଲା ସମେତ ରାଜ୍ୟର ଅନ୍ୟ ଜିଲ୍ଲା ତଥା ଚେନ୍ନାଇ, ଝାଡଖଣ୍ଡରେ ମଧ୍ୟ ହୋଇଥିବା ଲୁଟ୍ ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ପାଟଣାଗଡ଼ ଥାନା, ଟିଟିଲାଗଡ଼, ଟାଉନ ଥାନା ସହ ଧର୍ମଗଡ଼, କୋଟପାଡ, ବଡ଼ବିଲ, ମହୁଆପାଲି, ଖୁଣ୍ଟେଇ, ଯୋଙ୍କ, କୋମନା, ଖରିଆର ଓ ନୂଆପଡ଼ା ଥାନାରେ ଥିବା ବିଭିନ୍ନ ମାମଲାରେ ଏହି ଚାରି ଜଣ ଅଭିଯୁକ୍ତ ସମ୍ପୃକ୍ତ ଥିବା ଜଣାପଡ଼ିଛି। ତେବେ ଏହି ମାମଲାର ତଦନ୍ତ ପାଇଁ ଏସ୍‌ପି ଅଭିଲାଷ ଜି. ଙ୍କ ନେତୃତ୍ୱରେ ଟିମ୍ ଗଠନ କରାଯାଇ ପୁଲିସ ତଦନ୍ତ ଚଲାଇଥିବାବେଳେ ସାମ୍ବାଦିକ ସମ୍ମିଳନୀରେ ଏହି ସଫଳତା ପାଇଁ ଆଇଜି ହିମାଁଶୁଲାଲ ସମସ୍ତ ପୁଲିସ ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ।

**ଗିରଫ ଅଭିଯୁକ୍ତମାନେ ଗଞ୍ଜାମ ଜିଲ୍ଲା ଆସ୍କା ଅଞ୍ଚଳର**

**ଉଦ୍ଧାର ଟଙ୍କା ଅଭିଯୋଗକାରୀଙ୍କୁ ଫେରାଇଲା ପୁଲିସ**

## ଲୁଟ୍ ଟଙ୍କା ଫେରସ୍ତକୁ ନେଇ ଅଭିଯୋଗକାରୀ ଉଠାଇଲେ ପ୍ରଶ୍ନ

ସୋମବାର ବଲାଙ୍ଗିର ଏସ୍‌ପିଙ୍କ ସମ୍ମିଳନୀ କକ୍ଷରେ ପୁଲିସ ଉଦ୍ଧାର ଲୁଟ ଟଙ୍କା ଫେରସ୍ତ ମେଳାର ଆୟୋଜନ କରିଥିଲେ। ଏଥିରେ ଆସ୍କା ଲୁଟେରା ଗ୍ୟାଙ୍ଗ ପାଖରୁ ଲୁଟ୍ ଉଦ୍ଧାର ହୋଇଥିବା ୩ ଲକ୍ଷ ୧୫ ହଜାର ଟଙ୍କାକୁ ଚାରି ଜଣ ଅଭିଯୋଗକାରୀଙ୍କୁ ଫେରାଇଥିଲା। ଯାହାକୁ ନେଇ ପାଟଣାଗଡ଼ର ବ୍ୟବସାୟୀ ପର୍ଶୁରାମ ପନସାରୀ ପ୍ରଶ୍ନ ଉଠାଇଛନ୍ତି। ଶ୍ରୀ ପନସାରୀଙ୍କ ସପ୍ତାହେ ତଳେ ୪ ଲକ୍ଷ ଟଙ୍କା ଲୁଟ ହୋଇଥିବାବେଳେ ତାଙ୍କୁ ଦୁଇ ଲକ୍ଷ ଟଙ୍କା ଦିଆଯାଇଥିଲା। ସେହିପରି ଗତ ଜାନୁୟାରୀ ୧୮ ତାରିଖରେ ଅଭିମନ୍ୟୁ ବେହେରାଙ୍କ ଠାରୁ ୯୦ ହଜାର ଟଙ୍କା ଲୁଟ ହୋଇଥିବା ବେଳେ ତାଙ୍କୁ ୨୬ ହଜାର ଟଙ୍କା ଫେରସ୍ତ କରାଯାଇଥିଲା। ଅନ୍ୟପକ୍ଷରେ ଗତ ମାସକ ପୂର୍ବରୁ ଟିଟିଲାଗଡ଼ ଅଞ୍ଚଳର ଦ୍ୱାରପାଲ ଅଦାଜୁଆରଙ୍କ ଠାରୁ ଲୁଟ ହୋଇଥିବା ସମସ୍ତ ୧୯ ହଜାର ଟଙ୍କା ଓ ଗତ ବର୍ଷକତଳେ ବେଲପଡ଼ାର ଜତନ କୁମାର ମେହେରଙ୍କ ୫ ଲକ୍ଷ ଟଙ୍କା ଲୁଟ ମାମଲାରେ ତାଙ୍କୁ ୭୦ ହଜାର ଟଙ୍କା ଫେରସ୍ତ କରିଛି ପୁଲିସ। ତେବେ ଶ୍ରୀ ପନସାରୀଙ୍କ କହିବା ଅନୁସାରେ ତାଙ୍କର ସାତଦିନ ପୂର୍ବରୁ ୪ ଟଙ୍କା ଲୁଟ ହୋଇଥିଲା। ପୂର୍ବରୁ ଲୁଟ ହୋଇଥିବା ଟଙ୍କା ଲୁଟେରାଙ୍କ ପାଖରେ ନ ଥିବା ବେଳେ ଉଦ୍ଧାର ହୋଇଥିବା ଟଙ୍କା ସବୁ ତାଙ୍କର ବୋଲି ସେ କହିଛନ୍ତି। ଫଳରେ ସବୁତକ ଟଙ୍କା ତାଙ୍କୁ ପୁଲିସ ଦେବା କଥା ବୋଲି ସେ ଅଭିଯୋଗ କରିଛନ୍ତି।

## ଧାମନଡ଼ଙ୍ଗାରେ ପିଇବା ପାଣିର ଅପବ୍ୟବହାର

**କଣ୍ଟାବାଞ୍ଜି, ୯।୬(ସମିସ):** କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଧାମନଡ଼ଙ୍ଗା ପଞ୍ଚାୟତର ସଦର ଗାଁ ଧାମନଡଙ୍ଗାରେ ପିଇବା ପାଣି ଚୋରି ହୋଇ ଅନ୍ୟ କାମରେ ବ୍ୟବହାର ହେଉଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ସରପଞ୍ଚ ଆରତୀ ସୁନା। ସୂଚନା ଅନୁଯାୟୀ ଧାମନଡ଼ଙ୍ଗାରେ ଗତ କିଛି ବର୍ଷ ହେବ ସୁଜଳ ଧାରା ଯୋଜନାରୁ ଗାଁକୁ ପିଇବା ପାଣି ଯୋଗାଇ ଦିଆଯାଇଛି। ତେବେ ଗାଁରେ ରହିବା ଓଭର ହେଡ୍ ଟାଙ୍କିରୁ ପାଣି ନିଅଣ୍ଟ ହେବାରୁ ଜଳ ଯୋଗାଣ ବିଭାଗ ଗାଁରେ ଥିବା ଏକ କୂପରୁ ପିଇବା ପାଣି ଯୋଗାଉଛି। ଏଥିରେ ଏବେ ଗାଁ ଭିତରେ ୬ ଟି ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ସଂଯୋଗ କରି ପିଇବା ପାଣି ପାଇଁ ବ୍ୟବସ୍ଥା କରିଛି ବିଭାଗ। ଗ୍ରୀଷ୍ମ ପ୍ରଭାବରେ ଗାଁ ଲୋକେ ଏହି ପାଣି ଖାଇବା, ପିଇବା ସହ ରୋଷେଇ ପାଇଁ ମଧ୍ୟ ବ୍ୟବହାର କରୁଛନ୍ତି। ହେଲେ ଗତ ମାସରୁ ଗାଁ ର କିଛି ଟାଣୁଆ ବ୍ୟକ୍ତି ଘର ନିର୍ମାଣ କରୁଥିବାବେଳେ ଏହି ସୁଜଳ ଧାରା ପାଣିକୁ ଚୋରି କରି ଘର ତିଆରି କାମରେ ବ୍ୟବହାର କରୁଛନ୍ତି। ପାଣି ପମ୍ପ ବ୍ୟବହାର କରି ଏହି ପାଣି ଚୋରି କରୁଥିବାରୁ ସାଧାରଣ ଲୋକଙ୍କୁ ସହଜରେ ପାଣି ମିଳିବା କଷ୍ଟକର ହୋଇପଡ଼ିଛି। ତେବେ ଏଥିରେ ଜଳ ଯୋଗାଣ ଅଧିକାରୀ ଓ ଯନ୍ତ୍ରୀ ସମ୍ପୃକ୍ତ ଥିବା ସନ୍ଦେହ କରିଛନ୍ତି ସରପଞ୍ଚ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଗ୍ରାମବାସୀଙ୍କ ସହ ମିଶି ସରପଞ୍ଚ ନିଜେ ଜଳ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଓ କରିବେ ବୋଲି କହିଛନ୍ତି।

## ମହରାପଦର ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର




**ଖପ୍ରାଖୋଲ, ୯।୬(ସମିସ):** ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ବ୍ଲକ ମହାରାପଦର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଭୁବନେଶ୍ୱର ଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟସ୍ତରୀୟ ଭବ୍ୟ ସମାବେଶରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମାନପତ୍ର ଓ ଚେକ୍ ପ୍ରଧାନ ଶିକ୍ଷକ ନବକିଶୋର ନନ୍ଦଙ୍କୁ ପ୍ରଦାନ କରିଛନ୍ତି। ବିଦ୍ୟାଳୟରେ ପରିବେଶ ସୁରକ୍ଷା, ଚାରାରୋପଣ, ପ୍ଲାଷ୍ଟିକ ବର୍ଜନ, ବର୍ଯ୍ୟବସ୍ତୁର ବ୍ୟବହାର ଉପରେ ପୂର୍ବରୁ ଅନେକ କାର୍ଯ୍ୟ କରିଥିବା ବେଳେ ପ୍ରକୃତ ମିତ୍ର ପୁରସ୍କାର ମିଳିଲା ପରେ ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ରୀ ଛାତ୍ରମାନଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି।

## ପ୍ରାଣୀ ମିତ୍ରଙ୍କ ତାଲିମ ଶିବିର




**ବଲାଙ୍ଗିର, ୯।୬(ସମିସ):** ବଲାଙ୍ଗିରସ୍ଥିତ ପ୍ରାଣୀଧନ ନିରୀକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଠାରେ ୧୭ ଦିବାସୀୟ ପ୍ରାଣୀମିତ୍ରଙ୍କ 'ଏ - ହେଲ୍ପ' ଶୀର୍ଷକ ତାଲିମ ଶିବର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ, ନିରୋଧ ଚନ୍ଦ୍ର କାହ୍ନର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡ. ଶାରଦା ପ୍ରସାଦ ସିଂ ବରିହା, ଡ. ଅନିରୁଦ୍ଧ ବିଶ୍ୱାଳ ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ ମୋହନ ମଣିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ସମସ୍ତ ପ୍ରାଣୀମିତ୍ରଙ୍କୁ କଳାହାଣ୍ଡି ଜିଲ୍ଲାର ଜିଲ୍ଲାସ୍ତରୀୟ ଅଧିକାରୀ ଡ. ଦୀପକ ବେଉରା, ଡ. ପ୍ରଭାତ ପରିଡ଼ା ଓ ଡ଼ ଅଶୋକ କୁମାର ପଣ୍ଡା ଉତ୍ସାହିତ କରିଥିଲେ। କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରା ଯାଇଥିଲା। ପ୍ରାଣୀମିତ୍ରଙ୍କ ମଧ୍ୟରେ ସସ୍ମିତା ନାୟକ, ପ୍ରଫୁଲ୍ଲ ନାୟକ ଓ ଭାବିନିକା ବାଗ ପରୀକ୍ଷାରେ ଉଚ୍ଚ ପ୍ରଦର୍ଶନ କରିଥିଲେ। ଡ. ରାଜା ଉଦୟଭାନୁ ରାଉତ ପରିଚାଳନା କରିଥିଲେ। ସେହିପରି ଡ. ଚିନ୍ମୟ ଭୂଷଣ ମିଶ୍ର ଓ ଡ. ସନ୍ୟାସୀ ଶତପଥୀ ସହଯୋଗ କରିଥିଲେ।

## ଜିଲ୍ଲା ପ୍ରଶାସନର ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**କଣ୍ଟାବାଞ୍ଜି, ୯।୬ (ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପ୍ରଶାସନର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱର, ଉପ ଜିଲ୍ଲାପାଳ ରେହାନ କ୍ଷେତ୍ରୀ, କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ୩୦ଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା। ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ତୁରେକେଲା ବିଡିଓ, କଣ୍ଟାବାଞ୍ଜି ତହସିଲଦାର ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଲୋକେ ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗକୁ ଦୃଷ୍ଟି ଆକର୍ଷଣ କରିଥିଲେ।



## ଠିକ୍ ସମୟରେ ବୃଦ୍ଧ, ବୃଦ୍ଧାଙ୍କୁ ମିଳୁନି ଭତ୍ତା

**କଣ୍ଟାବାଞ୍ଜି, ୯।୬(ସମିସ):** ସରକାର ବୃଦ୍ଧ, ବୃଦ୍ଧାଙ୍କୁ ପ୍ରତି ମାସରେ ୧୫ ତାରିଖରେ ମାସିକ ଭତ୍ତା ପ୍ରଦାନ କରିବାର ନିୟମ ରହିଛି। କିନ୍ତୁ ଏବେ ମାସିକ ଭତ୍ତା ଟଙ୍କା ନିର୍ଦ୍ଧାରିତ ସମୟରେ ମିଳୁ ନ ଥିବାରୁ ବୃଦ୍ଧ ବୃଦ୍ଧା ହଇରାଣ ହେଉଛନ୍ତି। ଏପରିକି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଟଙ୍କା ପାଉଥିବା ହିତାଧିକାରୀଙ୍କୁ ମାସ ଶେଷପରେ ମଧ୍ୟ ପାଉନାହାନ୍ତି। ତୁରନ୍ତ ଭତ୍ତା ପ୍ରଦାନ କରାଯିବା ପାଇଁ ଦାବି କରିଛନ୍ତି ବଙ୍ଗୋମୁଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ ଯୋଶୀ। ବର୍ତ୍ତମାନର ବିଜେପି ସରକାର ବୃଦ୍ଧ, ବୃଦ୍ଧାଙ୍କୁ ପ୍ରତାରିତ କରୁଥିବା ଅଭିଯୋଗ କରିଛନ୍ତି ସରପଞ୍ଚ ଅଜିତ ଯୋଶୀ।







# ସାଲେପାଲି ଗ୍ରାମରେ ଗ୍ରାଫାଇଟ୍ ଖଣି ଖନନକୁ ବିରୋଧ

**ପାଟଣାଗଡ଼, ୯।୬(ସମିସ)**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ସାଲେପାଲି ଗ୍ରାଫାଇଟ ମାଇନିଂ ବ୍ଲକ ଖଣି ଖନନ ପାଇଁ କେନ୍ଦ୍ର ସରକାର କରିଥିବା ନିଲାମକୁ ନେଇ ସାଲେପାଲି ଗାଁ ତଥା ପ୍ରଭାବିତ ହେବାକୁ ଥିବା ଗାଁ ଗୁଡ଼ିକର ଲୋକଙ୍କ ମଧ୍ୟରେ ତୀବ୍ର ବିରୋଧ ପ୍ରକାଶ ପାଇଛି। ଏ ନେଇ ଜନମ ମାଏଟ ସଂଘର୍ଷ ସମିତିର ଆବାହକ ମଣ୍ଡଳୀର ସଦସ୍ୟ ତଥା ଗାଁ ଲୋକେ ଏହି ଖଣି ଖନନ ଉପରେ ତୀବ୍ର ବିରୋଧ ପ୍ରଦର୍ଶନ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ପାଟଣାଗଡ଼ ବ୍ଲକର ସାଲେପାଲି ଗାଁରେ ଖଣି ଖନନ ପାଇଁ ଗ୍ରାଫାଇଟ ମାଇନିଂ ବ୍ଲକ ନିଲାମ ହୋଇସାରିଛି। ଏହି ଗ୍ରାଫାଇଟ ମାଇନିଂକୁ କେନ୍ଦ୍ର ସରକାର ତାମିଲନାଡୁ ରାଜ୍ୟ ଭିନମୀର ରିସୋର୍ସ ପ୍ରାଇଭେଟ ଲିମିଟେଡ୍ କମ୍ପାନୀକୁ ନିଲାମ ଦିଆଯାଇଛି। ଏହି ଖଣି ଖନନ ହେଲେ ୨୧ ଖଣ୍ଡ ଗାଁ ଲୋକେ ପ୍ରଭାବିତ ହେବେ। ଏଣୁ ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଏହି ଅଞ୍ଚଳରେ ଖଣି ଖନନକୁ ବନ୍ଦ କରାଯାଉ। ସରକାର କମ୍ପାନୀ ପ୍ରୀତି ଛାଡ଼ି ତୁରନ୍ତ ନିଲାମ ପ୍ରତ୍ୟାହାର କରନ୍ତୁ ନଚେତ ସରକାର, କମ୍ପାନୀ ବିରୋଧରେ ଭୟାବହ ଆନ୍ଦୋଳନ ହେବ ବୋଲି ଜନମ ମାଏଟ ସଂଘର୍ଷ ସମିତିର ସଦସ୍ୟ ଓ ଅଞ୍ଚଳବାସୀ କହିଛନ୍ତି।

### ଅଞ୍ଚଳବାସୀଙ୍କ ପ୍ରତିକ୍ରିୟା....




ମୋ ମା' ମାଟି ସାଲେପାଲି ଗାଁରେ ଖଣି ଖନନ ହେଲେ ୨୧ ଖଣ୍ଡ ଗାଁର ଲୋକେ ପ୍ରଭାବିତ ହେବେ। ସରକାର ଆମ ଜନମ ମାଏଟ ତଥା ଆମ ମା'କୁ ନିଲାମ କରିଦେଇଛି। ଏହି ଖଣି ଖନନକୁ ଆମେ ତୀବ୍ର ବିରୋଧ କରୁଛୁ ଓ ଆଗକୁ ମଧ୍ୟ ଜାରି ରହିବ। ମା' ମାଟିର ସୁରକ୍ଷା ପାଇଁ ଆମେ ଜୀବନ ଦେବାକୁ ପ୍ରସ୍ତୁତ ଅଛୁ। ସରକାରଙ୍କ ମନମୁଖୀ କାର୍ଯ୍ୟକୁ କେବେହେଲେ ବରଦାସ୍ତ କରାଯିବ ନାହିଁ। ଆମ ମା' କୁ ବିକ୍ରି କରିବା ପାଇଁ ସରକାର ଯେଉଁ ମସୁଧା ଚଳାଇଛନ୍ତି କେବେ ହେଲେ ବରଦାସ୍ତ କରାଯିବ ନାହିଁ। ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ହେବାକୁ ଯାଉଛି।

**ଦିସାରାଣୀ ସାହୁ (ସାଲେପାଲି ଗ୍ରାମବାସୀ ତଥା ଆବାହକ ମଣ୍ଡଳୀ ସଦସ୍ୟା)**



ଜୀବନର ଶେଷରକ୍ତ ଥିବା ପର୍ଯ୍ୟନ୍ତ ଆମ ଅଞ୍ଚଳରେ ଖଣି ଖନନ କରିବାକୁ ଦେବୁନାହିଁ। ସବୁ ଗାଁରେ ସଂଗ୍ରାମୀ ରହିଛନ୍ତି। କିଏ ରକ୍ତ ତ କିଏ ଜୀବନ ଦେବପାଇଁ ପ୍ରସ୍ତୁତ ଅଛନ୍ତି। ଖଣି ଖନନ ହେଲେ ଅଞ୍ଚଳଟି ମରୁଭୂମି ପାଲଟିଯିବ। ୨୦୧୩ ବିସ୍ଥାପନ ନିୟମ ଅନୁସାରେ ଖଣି ଖନନ ହେଲେ ଗୋଟିଏ ପରିବାରର ଜଣକୁ ନିଯୁକ୍ତି ଦେବାର ନିୟମ ରହିଛି। ଗୋଟିଏ ପରିବାରେ ତିନୋଟି ଭାଇ ଥିଲେ ଆଉ ଦୁଇ ଜଣ ବେକାର ହୋଇଯିବେ। ଆଗାମୀ ଦିନରେ ଏକ ବିଶାଳ ରାଲି ସହ ଉପଜିଲ୍ଲାପାଳ ପାଟଣାଗଡ଼ ଙ୍କ ଅଫିସ ଘେରଉ କରାଯିବ।

**ପ୍ରକାଶ ସାହୁ - (ବଥର୍ଲା ଗ୍ରାମବାସୀ)**



ଆମେ ଏହି ଖଣି ଖନନକୁ ତୀବ୍ର ବିରୋଧ କରୁଛୁ। ଏହି ଅଞ୍ଚଳରେ ଜୀବନ ଥିବା ପର୍ଯ୍ୟନ୍ତ ଖଣି ଖନନ କରିବାକୁ ଦିଆଯିବନାହିଁ। ଯଦି ବେକାରୀ ସମସ୍ୟା ଦୂରପାଇଁ ସରକାର କହୁଛନ୍ତି ତେବେ କଟନ କାରଖାନା, ବଲାଙ୍ଗିର ଚିନିକଳ ପୁନରୁଦ୍ଧାର, ନୂତନ ଶୀତଳଭଣ୍ଡାର ନିର୍ମାଣ ସହ ଅନ୍ୟାନ୍ୟ କାରଖାନା ଅଞ୍ଚଳରେ ନିର୍ମାଣ କରନ୍ତୁ। ଆଗାମୀ ଦିନରେ ଭାୟାବାହ ଆନ୍ଦୋଳନ ହେବ ସେଥିପାଇଁ ସରକାର ହିଁ ଦାୟୀ ରହିବେ।

**ଗିରିରାଜ ଭୋଇ - (ଜନମ ମାଏଟ ବଚାଓ ସଂଘର୍ଷ ସମିତି ଆବାହକ ତଥା, ସାଲେପାଲି ଗ୍ରାମବାସୀ)**

## ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି



ନୂଆପଡା/କୋମନା, ୯ ।୬(ସମିସ): କୋମନା ବ୍ଲକ୍ ସଭାଗୃହରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ ୫୮ ଟି ଅଭିଯୋଗର ଶୁଣାଣି ହୋଇଛି । ୪୭ ଟି ବ୍ୟକ୍ତିଗତ ୧୧ଟି ଗୋଷ୍ଠୀଗତ ଅଭିଯୋଗ ସମ୍ବନ୍ଧୀୟ ଥିଲା । ଏହି ସବୁ ସମସ୍ୟାର ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଆରକ୍ଷୀ ଉପ ଅଧିକ୍ଷକ ରଣଜିତ ନାୟକ,ବନଖଣ୍ଡ ଅଧିକାରୀ ଖଡ଼ିଆଳ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ,ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକତ୍ସାଳୟର ବିଶେଷଜ୍ଞ ଡା. ଧନଞ୍ଜୟ ଭୁଏ ,ବ୍ଲକ ଅଧକ୍ଷା ଅନୁସୁୟା କୁମ୍ଭାର, ବ୍ଲକ୍ ଉପାଧକ୍ଷ ଜୟଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେକ୍ଷ ଭାର ପ୍ରାପ୍ତ କୋମନା ବିଡ଼ିଓ ଭକ୍ତବନ୍ଧୁ ବୁଡେକ, ତହସିଲଦାର ସୋନିଆ ଶ୍ରୀ ମଲ୍ଲିକ ,ଡେପୁଟି କଲେକ୍ଟର ଶେଖ ନସିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।ଏହି ଅବସରରେ ଅଭିଯୋଗ ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା ।ବିଶେଷଜ୍ଞ ଡ.ରମେଶ ଚନ୍ଦ୍ର ପାଠକ,ଡା.ଭାବନା ନାଗପୁରି, ଡ. ଶିବାଙ୍ଗି ରଥ, ମୀନା କୁମାର ବାଗ ପ୍ରମୁଖ ଚିକିତ୍ସା ସୁବିଧା ଯୋଗାଇ ଦେଇଥିଲେ । ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା ।

### ଲୋକାର୍ପିତ ଅପେକ୍ଷାରେ ନବ ନିର୍ମିତ କଳମପୁର ଥାନା

# କର୍ମଚାରୀ ଅଭାବରୁ ଆଇନ ଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ

କଲମପୁର, ୯ ।୬(ସମିସ):

କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳରେ ନାବାଳିକା ଯୌନ ଉତ୍ପୀଡନ, ହତ୍ୟା,ଚୋରି ଭଳି ଘଟଣା ରୀତିମତ ବୃଦ୍ଧି ପାଉଥିବା ବେଳେ ବେଆଇନ ମଦ କାରବାର ମଧ୍ୟ ଅନୁରୂପ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଗାଁ ଗାଁରେ ଏକାଧିକ ଦେଶୀ ମଦ କୋଠି ସହ ପାନ ଦୋକାନ, ଫେନ୍ସି ଷ୍ଟୋର, କିରାନା ଦୋକାନରେ ବିକ୍ରି ହେଉଛି ବିଦେଶୀ ମଦ । ସରକାରଙ୍କ ଦ୍ୱାରା କଲମପୁର ଏବଂ ବଡକୁଟ୍ରୁ ଠାରେ ଦୁଇ ଗୋଟି ଦେଶୀ ମଦ ଭାଟି ଏବଂ ଭେଲାଗାଁ, ବନ୍ଧକନା ଓ ମଣ୍ଡଳ ଠାରେ ଦେଶୀ ମଦ ଭାଟିର ବ୍ରାଞ୍ଚ ରହିଛି ଯାହା ସରକାରଙ୍କ ସ୍ୱୀକୃତ । ସେହିଭଳି କଲମପୁର ଠାରେ ଠିପି ବନ୍ଦ ଏବଂ ଠିପି ଖୋଲା ବିଦେଶୀ ମଦ ଦୋକାନ ସମେତ ବିଜମରା ଏବଂ ମଣ୍ଡଳ ଠାରେ ଥିବା ବିଦେଶୀ ଠିପି ବନ୍ଦ ମଦ ଦୋକାନ ସରକାରଙ୍କ ସ୍ୱୀକୃତ ପ୍ରାପ୍ତ। ବେନିୟମ ମଦ କାରବାର ଯୋଗୁଁ ସ୍ୱୀକୃତପ୍ରାପ୍ତ ଦୋକାନରୁ ସରକାର ଯେତିକି ରାଜସ୍ୱ ପାଉଛରି ତା ଠାରୁ ଢେର ଗୁଣ ଅଧିକ ରାଜସ୍ୱ ହରାଇଛନ୍ତ । ଏହାସହ ଜଙ୍ଗଲ ନିକଟସ୍ଥ ନାଳ,ଝରଣା ମାନଙ୍କରେ ହାତ ରନ୍ଧା ମଦ ପ୍ରସ୍ତୁତ କରାଯାଉଛି । ଅବକାରୀ ବିଭାଗ ଏବଂ ପୁଲିସ ଠାରେ ସୂଚନା ଥିଲେ ମଧ୍ୟ କେହି ନିୟନ୍ତ୍ରଣ ଦିଗରେ ଗୁରୁତ୍ୱ ଦେଉ ନାହାନ୍ତି । ଏହି ଅଞ୍ଚଳରେ ପ୍ରତିଦିନ ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ସେହିଭଳି ସିଙ୍ଗାରୀ ରାସ୍ତା ଏବେ ଗଞ୍ଜାଇ ଚୋରା ଚାଲାଣକାରୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି । ବିଭିନ୍ନ ଉପାୟରେ କ୍ୱିଣ୍ଟାଇ କ୍ୱିଣ୍ଟାଳ ଗଞ୍ଜେଇ ଚୋରା ଚାଲାଣ କରାଯାଉ ଥିବା ଅଭିଯୋଗ ହେଉଛି । ଅନ୍ୟପଟେ ସଟ୍ଟା ଏବଂ ଜୁଆ ନିୟନ୍ତ୍ରଣ ହୋଇ ପାରୁନାହିଁ । ଏହାସହ କଲମପୁର ମୁଖ୍ୟ ବଜାର ଦେଇ ବାଲି ସମେତ ଅନ୍ୟ ନିର୍ମାଣ ସାମଗ୍ରୀ ବୋଝେଇ ହାଇୱା ଭଳି ଭାରିଯାନ,ଧାନ ବୋଝେଇ ଟ୍ରକ୍ ୨୪ ଘଣ୍ଟା ଚଳାଚଳ କରୁଥିବାରୁ ଟ୍ରାଫିକ ସମସ୍ୟା ଦେଖା ଦେଉଛି । ଯେଉଁଥିପାଇଁ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ଯାନକୁ ରାସ୍ତା ମିଳୁନାହିଁ । ଏଭଳି ସ୍ଥିତିରେ ପୁଲିସ



ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ଜଟିଳ ହେବାରେ ଲାଗିଛି । ଏନେଇ ଗଣମାଧ୍ୟମ ପ୍ରତିନିଧିମାନେ ଥାନା ଅଧିକାରୀ ନିଳାମ୍ବର ଜାନୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଥାନାରେ ଆବଶ୍ୟକ ସଂଖ୍ୟକ ଅଫିସର ଏବଂ ସୁରକ୍ଷା ବଳ ସମେତ ଯାନବାହାନ ଅଭାବ ଥିବାର ଆଳ ଦେଖାଇଛନ୍ତି । ଥାନାର ଆବଶ୍ୟକ ମୁତାବକ ଦୁଇ ଜଣ ଏସଆଇ, ଦୁଇଜଣ ଏଏସଆଇ, ବଦଳରେ ଜଣେ ଲେଖାଏଁ ରହିଛନ୍ତି । ହାବିଲଦାର ଭଳି ପଦ ଖାଲି ପଡିଛି । ପୁଣି ଗୋଟିଏ ମାତ୍ର ବୋଲେରୋ ଗାଡ଼ି ରହିଥିବାରୁ ମୁଦାଲା ଚାଲାଣ କଲେ ଯାନର ଅଭାବ ରହୁଥିବା ସୂଚନା ଦେଇଥିଲେ। ପୁଣି ଥାନା କୋଠା ନିର୍ମାଣ ଶେଷ ହେଇନଥିବାରୁ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ପୁରୁଣା କୋଠା ଏବେ ବିପଦ ସଂକୁଳ ଥିଲେ ମଧ୍ୟ ଅସ୍ଥାୟୀ ଥାନା ପରିଚାଳିତ ହୋଇ ଆସୁଛି । ସେଠାରେ ଅନେକ ସମୟରେ ସାପ, ବିଛା ଭଳି ସରିସୃପ ଦେଖା ଦେଇଥିବାରୁ କୌଣସି ମୁଦାଲାଙ୍କୁ ଥାନାରେ ଅଟକ ରଖିବା ମଧ୍ୟ ସୁରକ୍ଷିତ ନୁହେଁ । ଏଭଳି ସ୍ଥିତିରେ କାହାକୁ ଆଣି ପଚରା ଉଚୁରା କରିବାରେ ସମସ୍ୟା ହେଉଥିବା ଦେଖାଦେଇଛି । ଏହାସହ କଲମପୁର ଥାନା ପାଇଁ ନିୟୋଜିତ କର୍ମଚାରୀଙ୍କ ପାଇଁ ସରକାରୀ ବାସ ଭବନର ଘୋର ଅଭାବ ରହିଛି । ଏଭଳି ସ୍ଥିତିରେ କଲମପୁର ଭଳି ଗ୍ରାମାଞ୍ଚଳରେ ଭଡା ଘର ମଧ୍ୟ ମିଳିବା କଷ୍ଟକର ବ୍ୟାପାର ହୋଇଛି । ତେଣୁ କୌଣସି କର୍ମରୀଙ୍କୁ କଲମପୁରରେ ନିଯୁକ୍ତି ମିଳିଲେ ବହୁ ହଇରାଣ ହରକତ ହେବାକୁ ପଡୁଛି । ଏଭଳି ସ୍ଥିତିରେ ଯିଏବି ନିଯୁକ୍ତି ପାଇଛନ୍ତି ସମସ୍ତେ ଥାନା ମଧ୍ୟରେ ସିମିତ ରହୁଛନ୍ତି । ଏହାସହ କଲମପୁର ଅଞ୍ଚଳରେ ବହୁ ସଂଖ୍ୟାରେ ସଡକ ଦୁର୍ଘଟଣା ମଧ୍ୟ ଘଟୁଛି, ଯାହାର ଅନ୍ତରାଳରେ ରହିଛି ମଦ୍ୟପ ଚାଳକଙ୍କ ପ୍ରମୁଖ ଭୂମିକା। ତେଣୁ ପୁଲିସ ପ୍ରଶାସନର ସଠିକ ପଦକ୍ଷେପର ଆବଶ୍ୟକତା ରହିଥିବା ବେଳେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବରୁ ପୁଲିସ କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ ନେଉ ନ ଥିବାରୁ ସାଧାରଣ ଜନତା ଅସୁବିଧାର ସମ୍ମୁଖିନ ହେଉଛନ୍ତି ।

### ଓଡିଶା ଗ୍ରାମୀଣ ବ୍ୟାଙ୍କରେ ଅବ୍ୟବସ୍ଥା

## ଆକାଉଣ୍ଟରୁ ଆପେ ଆପେ କଟିଯାଉଛି ଟଙ୍କା

ଜୟପାଟଣା, ୯ ।୬(ସମିସ): କଳାହାଣ୍ଡି ଜିଲ୍ଲା ରଣମାଲ ଓଡିଶା ଗ୍ରାମୀଣ ବ୍ୟାଙ୍କରେ ଆପେ ଆପେ ଲୋକଙ୍କ ଖାତାରୁ ଟଙ୍କା କଟି ଯାଉଛି । ବିଭିନ୍ନ ସ୍ଥାନରେ ଉକ୍ତ ଟଙ୍କା ଗୁଡିକ ୟୁପିଆଇ ତଥା ଆଧାର ବେସରେ ଟଙ୍କା ଉଠାଣ ହେଉଛି କିନ୍ତୁ ଏ ସମ୍ପର୍କରେ ନା ଜାଣୁଛନ୍ତି ଖାତାଧାରୀ ନା ବ୍ୟାଙ୍କ କର୍ମଚାରୀ । ଲୋକେ ଟଙ୍କା କଟିଯିବା ଅଭିଯୋଗ କଲେ ବ୍ୟାଙ୍କରେ କୌଣସି ପ୍ରକାର ସହାୟତା ପ୍ରଦାନ କରାଯାଉ ନାହିଁ ।କେବଳ ଟଙ୍କା କଟିଥିବା କାଗଜ ଖଣ୍ଡିକ ଧରାଇ ଦେଇ ଭବାନୀପାଟଣା ଯାଅ ସେଠାରେ ଅଭିଯୋଗ କରିବ ବୋଲି କୁହାଯାଉଛି ।ବର୍ତ୍ତମାନ ବ୍ୟାଙ୍କରେ ଗ୍ରାହକଙ୍କୁ ଉଚିତ ସେବା ମିଳିପାରୁ ନାହିଁ ।କିଛି ଅଭିଯୋଗ କିମ୍ବା ବ୍ୟାଙ୍କ ସମ୍ବନ୍ଧେ କିଛି ପଚାରିଲେ କିଛି ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି ।ଏପରିସ୍ଥଳେ ଲୋକେ ବ୍ୟାଙ୍କରେ ଟଙ୍କା ରଖିବା ପାଇଁ ଭୟ କଲେଣି । ଆଞ୍ଚଳିକ ଶାଖା ପରିଚାଳକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

### ଆଁଇଲି ନବବଧୂ ମୃତ୍ୟୁ ଘଟଣା

## ସ୍ୱାମୀ, ଶାଶୂ ଓ ଶ୍ୱଶୁର କୋର୍ଟ ଚାଲାଣ

କୋକସରା, ୯ ।୬(ସମିସ):କୋକସରା ଥାନା ଆଁଇଲି ଗ୍ରାମ ନବବଧୂ ମାଳତି ଛତ୍ରିଆଙ୍କ ମୃତ୍ୟୁ ଘଟଣାରେ କୋକସରା ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ମୃତ ମାଳତିଙ୍କ ସ୍ୱାମୀ ଲିଙ୍ଗରାଜ ବାଗ, ଶାଶୂ ରେମତି ବାଗ ଓ ଶ୍ୱଶୁର ଲଛମନ ବାଗ । ସୂଚନା ମତେ କାଉଡୋଳା ଗ୍ରାମର ଗଗନେ ଛତ୍ରିଆଙ୍କ ଝିଅ ଆଇଁଲି ଗ୍ରାମର ଲିଙ୍ଗରାଜ ବାଗଙ୍କୁ ଗତ ମାର୍ଚ୍ଚ ମାସରେ ବିବାହ କରିଥିଲେ । ତେବେ ମାସେ ପର୍ଯ୍ୟନ୍ତ ତାଙ୍କ ବୈବାହିକ ଜୀବନ ଠିକ୍ ଠାକ୍ ଚାଲିଥିବା ବେଳେ ପରବର୍ତ୍ତୀ ସମୟରେ ମାଲିକଙ୍କୁ ତାଙ୍କ ଶାଶୂଘର



ଲୋକେ ନିର୍ଯାତନା ଦେଇ ଆସୁଥିବା ମାଳତି ନିଜ ବାପଘର ଲୋକଙ୍କୁ ବିଭିନ୍ନ ସମୟରେ ଖବର ଆସୁଥିଲା । ତେବେ ଗତ ଶୁକ୍ରବାରବାର ଦିନ ମାଳତୀ ଛତ୍ରିଆଙ୍କ ଦୁର୍ଘଟଣା ହୋଇଥିବା କହି ତାଙ୍କ ଶଶୁର ଘର ଲୋକେ ବୁର୍ଲା ମେଡିକାଲ୍ ନେବା ସମୟରେ ବାଟରେ ମୃତ୍ୟୁ ହୋଇଥିଲା । ମୃତ ମାଳତିଙ୍କ ବାପଘର ଲୋକ ଝିଅର ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରି ନଥିଲେ । ସେମାନେ ଝିଅକୁ ନିର୍ଯାତନା ଦେବା ସହ ହତ୍ୟା କରିଥିବା ନେଇ କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାପରେ ପୁଲିସ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା । ବିଭିନ୍ନ ଦିଗକୁ ତଦନ୍ତ ପରେ ସୋମବାର ଉକ୍ତ ଘଟଣାରେ ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରିଥିବା କୋକସରା ଥାନା ପକ୍ଷରୁ ସୂଚନା ମିଳିଛି ।

## ଜୟପାଟଣା ବ୍ଲକ୍ସ୍ତରୀୟ ଯୁଗ୍ମ ଜନଶୁଣାଣି



ଭବାନୀପାଟଣା/ ଜୟପାଟଣା, ୯ ।୬(ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଶିବିରରେ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ଆସିଥିବା ୬୭ ଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୩୫ଟି ଓ ସାମୂହିକ ୩୨ଟି ରହିଥିବା ବେଳେ ୧୬ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରଯାଇଥିଲା ।ଯୁଗ୍ମ ଜନଶୁଣାଣି ଶିବିରରେ ଭତ୍ତା,ପ୍ରଧାନମନ୍ତ୍ରୀ ଆବାସ, ପାନୀୟଜଳ, ଜମିବିବାଦ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା,ବ୍ୟାଙ୍କ୍, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ପ୍ରବେଶନ ରେ ଥିବା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିମେସ ପ୍ରଧାନ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼. ନିହାର ରଞ୍ଜନ ପଣ୍ଡା, ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ପିଏଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମୁଜୀବୁନ ନିଶା, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ, ବିଡିଓ ଏବଂ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

**୧୬ ଅଭିଯୋଗର ତୁରନ୍ତ ସମାଧାନ**

### ବନ ବିଭାଗ କର୍ମଚାରୀଙ୍କ ଦାବିକୁ ଅଣଦେଖା

## ଦାବି ପୂରଣ ନହେଲେ ଆନ୍ଦୋଳନ



ଭବାନୀପାଟଣା, ୯ ।୬(ସମିସ):ଫରେଷ୍ଟ ଗାର୍ଡ ଓ ଫରେଷ୍ଟର ପଦବୀରେ ଥିବା ବନ ବିଭାଗର କର୍ମଚାରୀମାନେ ରାଜ୍ୟର ଜଙ୍ଗଲ ସୁରକ୍ଷା ଓ ପରିଚାଳନାରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛନ୍ତି । ଜଙ୍ଗଲରେ ନିଆଁ ଲିଭାଇବା, ଗଛକୁ ସୁରକ୍ଷା ଦେବା ଏବଂ ଶିକାରୀଙ୍କଠାରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ଭଳି ଜୀବନ ପ୍ରତି ଝୁଁକି ନେଇ କାମ କରୁଛନ୍ତି କର୍ମଚାରୀମାନେ । କିନ୍ତୁ ବାରମ୍ବାର ଶିକାରୀଙ୍କ ଗୁଳିରେ ଜୀବନ ହରାଇବା ସହ ସୁରକ୍ଷା ଅଭାବ ଏବେ ଏମାନଙ୍କ ପାଇଁ ପ୍ରମୁଖ ଚିନ୍ତାର କାରଣ ପାଲଟିଛି । ବନ ବିଭାଗ କର୍ମଚାରୀମାନେ ବାରମ୍ବାର ରାଜ୍ୟ ସରକାରଙ୍କୁ ନିଜର ସମସ୍ୟା ଓ ଦାବି ସମ୍ପର୍କରେ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲାର ଉତ୍ତର ଓ ଦକ୍ଷିଣ ବନଖଣ୍ଡର ଅଧିକାରୀ ଓ କର୍ମଚାରୀମାନେ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ନିଜର ଦାବି ଜଣାଇଛନ୍ତି । ସେମାନେ ଚେତାବନୀ ଦେଇଛନ୍ତି ଯେ, ଯଦି ଆଗାମୀ ଦିନରେ ସରକାର ତାଙ୍କ ଦାବି ପୂରଣ ନ କରନ୍ତି, ତେବେ ଜୁନ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ସର୍କଲ କାର୍ଯ୍ୟାଳୟ ସମ୍ମୁଖରେ ୟୁନିଫର୍ମ ଓ କଳା ବ୍ୟାଜ୍ ପିନ୍ଧି ସାମୂହିକ ଛୁଟି ନେଇ ଧାରଣାରେ ବସିବେ । ଏହା ପରେ ମଧ୍ୟ ସରକାର ଉପେକ୍ଷା କରେ, ତେବେ ସେମାନେ ଭୁବନେଶ୍ୱରରେ ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ଘୋଷଣା କରିଛନ୍ତି ।

## ତରଣୀସେନ ଦୁରିଆଙ୍କ ବିୟୋଗରେ ଶୋକ

ନୂଆପଡା/କୋମନା, ୯।୬(ସମିସ): ନୂଆପଡା ଜିଲ୍ଲା କୋମନା ବ୍ଲକ୍ କୁରେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଜୋନ୍ ନମ୍ବର ୩ର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ତରଣୀସେନ ଦୁରିଆଙ୍କ ପରଲୋକ ହୋଇଯାଇଛି । କୋମନାସ୍ଥିତ ବାସ ଭବନରେ ୭୦ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି । ତାଙ୍କର ବଡ ପୁଅ ଅସିତ ମୁଖାଗ୍ନି ଦେଇଥିଲେ । ୧୯୯୨ରେ କୁରେଶ୍ୱର ସରପଞ୍ଚ ରହିଥିବାବେଳେ ୨୦୦୨ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଜିଲ୍ଲାପରିଷଦ ସଭ୍ୟ ରହିଥିଲେ । ଏହି ଅବସରରେ ଉଦ୍ୟାନବନ୍ଧ ସ୍ଥିତ ଆମ୍ବେଦକର ଛକରେ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବଣିକ ସଂଘ ସଭାପତି ଜହରଲାଲ ସୁନାନୀ ସଭାପତିତ୍ୱ କରିଥିଲେ । ଅବସରପ୍ରାପ୍ତ ବିଆର୍‌ସି ପ୍ରଫୁଲ୍ଲ କୁମାର ନାଏକ, ସଂପାଦକ ଦିଲିପ ସାହୁ, କୁରେଶ୍ୱର ସରପଞ୍ଚ ସତ୍ୟବାନ ସାହୁ, ଅଜିତ ଖାନ, ଗୁଡୁ ଖାନ, ଇସମାଇଲ ଖାନ, ଗଜିନ୍ଦ୍ର ନାଏକ, ସାମାଜିକ କର୍ମୀ କାର୍ତ୍ତିକ ଦୀର୍ପ, କୁନା ସାହୁ ପ୍ରମୁଖ ଯୋଗ ଦେଇଥିଲେ ।



### ରୋଜଗାରର ମାଧ୍ୟମ ସାଜିଛି ବିଜୁ ଏକ୍ସପ୍ରେସ୍ ରାସ୍ତା

## ବ୍ୟବସାୟୀକରଣ ସହ ସୁଦୃଢ଼ ହେଉଛି ଆର୍ଥିକ ସ୍ଥିତି

ସିନାପାଲି, ୯।୬(ସମିସ): ନୂଆପଡ଼ା ଜିଲ୍ଲା ସଦର ମହକୁମା ଠାରୁ ସୀମାନ୍ତ ସିନାପାଲି ଦେଇ କଳାହାଣ୍ଡିକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ୍ ରାସ୍ତା ଯାତାୟାତକୁ ସୁଗମ କରିବା ସାଙ୍ଗକୁ ସ୍ଥାନୀୟବାସୀଦାଙ୍କ ରୋଜଗାରର ମାଧ୍ୟମ ପାଲଟିଛି । ଏପରିକି ଏହା ଏବେ ବ୍ୟବସାୟୀକରଣ ସହ ଆର୍ଥିକ ସ୍ଥିତିକୁ ମଧ୍ୟ ସୁଦୃଢ଼ କରୁଛି । ଏହି ରାସ୍ତା ନିର୍ମାଣ ଫଳରେ ଦୁର ଯାତ୍ରାକୁ ଅଳ୍ପ ସମୟରେ ପହଞ୍ଚି ବିଭିନ ଛୋଟବଡ ସହରରେ ବ୍ୟବସାୟ କରିବା ସହଜ ହୋଇଛି । ଏଥିପାଇଁ ଚାହିଦା ମୁତାବକ ସାମଗ୍ରୀ ଜନସାଧାରଣଙ୍କୁ ଉପଲବ୍ଧ ହୋଇପାରୁଛି । ବିଭିନ୍ନ ଗାଁ ଗୁଡ଼ିକୁ ଏହି ରାସ୍ତା ସଂଲଗ୍ନ କରିଥିବା ବେଳେ ଅନେକ ଛକରେ ପନିପରିବା ସାଙ୍ଗକୁ ଉଠା ଦୋକାନୀ ଗଢି ଉଠିଛି । ଯାହାଦ୍ୱାରା ସେମାନେ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିବା ନଜର ରହିଛି । ଯାହା ପାରିବାରିକ ଅର୍ଥନୀତିକୁ ସୁଦୃଢ଼ କରି ପାରିଛି । ଦୂର ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ମଧ୍ୟ ଆବଶ୍ୟକୀୟ ସାମଗ୍ରୀ ସୁବିଧାରେ ମିଳିପାରୁଛି । ଏହି ରାସ୍ତା ବିଭିନ୍ନ ଗାଁ ଗଣ୍ଡା ଗୁଡ଼ିକୁ ସଂଲଗ୍ନ କରୁଥିବା ବେଳେ ଅନେକ ପନିପରିବା ବଜାର ଉଠାଫଳ ଦୋକାନ ସାଙ୍ଗକୁ ଅନେକ କିରାନା ଦୋକାନ ଗଢି ଉଠିଛି । ବ୍ୟବସାୟୀମାନେ ଦୁଇ ପଇସା ବେଶ୍ ରୋଜଗାର କରି ନିଜର ପାରିବାର ପ୍ରତିପୋଷଣ କରୁଛନ୍ତି । ଯାହା ତାଙ୍କର ପାରିବାରିକ ଅର୍ଥନୀତିକୁ ସୁଦୃଢ଼ କରୁଛି । ଏହା ବ୍ୟତିତ ଏହି ରାସ୍ତା ପ୍ରାତଃ ଓ ସନ୍ଧ୍ୟା କାଳୀନ ଭ୍ରମଣରେ ଲୋକଙ୍କୁ ଆମୋଦ ଯୋଗାଇଛି । ରାସ୍ତା ମାଝିରେ ରହିଥିବା ଅନେକ ପ୍ରଜାତିର ରଙ୍ଗବେରଙ୍ଗ ଫୁଲ ଗଛ ପଥିକଙ୍କ ସହ ସହରବର୍ତ୍ତି ଲୋକଙ୍କୁ ଏକ ପାର୍କ ଭଳି ମନକୁ ଛୁଇଁ ପାରୁଛି । ସିନାପାଲି ଅଞ୍ଚଳର ଗୋଡାଲ ଛକ, ନିଲଜୀ, ଗଡରାମାଳ, ଚଟରାଭଟା, ହାତୀବନ୍ଧା, ଚଲନା ଛକରେ ଅନେକ ଦୋକାନ ଗଢି ଉଠିଥିବା ବେଳେ ହୋଟେଲ ଢାବା ରହିଛି । ଯାହା ବ୍ୟବସାୟ କରିବାର ଖୋରାକ ଯୋଗାଇଛି । ବିଜୁ ଏକ୍ସପ୍ରେସ୍ ୱେ ନିର୍ମାଣ ନେଇ ପୂର୍ବ ସରକାରଙ୍କ ପଦକ୍ଷେପଙ୍କୁ ସ୍ଥାନୀୟବାସୀଦା ପ୍ରସଂଶା କରିଛନ୍ତି ।



### ଚାଷୀ ସମସ୍ୟା ନେଇ ଧାରଣା

## ମୁଗ ଚାଷ ବୀମା ରାଶି ତୁରନ୍ତ ପ୍ରଦାନ ଦାବି



ଗୋଲାମୁଣ୍ଡା/ଧର୍ମଗଡ, ୯ ।୬(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଏକ ମରୁଡି ପ୍ରପୀଡ଼ିତ ଅଞ୍ଚଳ । ଅଧିକାଂଶ ସମୟରେ ଗୋଲାମୁଣ୍ଡା ବ୍ଲକ୍‌ରେ ମରୁଡି ସ୍ଥିତି ଦେଖାଦେଇଥାଏ । ବିଭିନ୍ନ ସମୟରେ ଗୋଲାମୁଣ୍ଡା ବ୍ଲକ୍ ରେ ଜଳସେଚନର ବ୍ୟବସ୍ଥା ନ ଥିବା ଯୋଗୁଁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି । ବିଭିନ୍ନ ସମସ୍ୟାକୁ ନେଇ ଜନ ସଂଗ୍ରାମ ସମିତି ସଭାପତି ସାଉଲ କୁମାର ମଙ୍ଗରାଜଙ୍କ ନେତୃତ୍ୱରେ ଗୋଲାମୁଣ୍ଡା ବ୍ଲକ୍‌ର ୨୮ଟି ପଞ୍ଚାୟତରୁ ହଜାର ହଜାର ଚାଷୀ ସହ ଗୋଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣାରେ ବସିଛନ୍ତି । ଗଣଧାରଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗତ ବର୍ଷର ମୁଗ ବାବଦର ବୀମା ରାଶି ଚାଷୀମାନଙ୍କୁ ଶିଘ୍ର ପ୍ରଦାନ କରାଯାଉ , ଉଦନ୍ତୀ ନଦୀ ରେ ବ୍ୟାରେଜ ନିର୍ମାଣ କରି ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ସମସ୍ତ ଗ୍ରାମକୁ ଜଳସେଚନ ବ୍ୟବସ୍ଥା କରାଯାଉ ଏବଂ ଇନ୍ଦ୍ରାବତୀ କେନାଲ ଯୋଗେ ନିର୍ମିତ ହୋଇଥିବା କେନାଲର ଭୁଲ୍ ଡିଜାଇନ୍ ଯୋଗୁଁ ବୃନ୍ଦାବାହାଲ ଅଞ୍ଚଳ ଚାଷୀ ଜଳସେଚନ ପାଇଁ ପାଣି ପାଇ ପାରୁନାହାନ୍ତି ।ସେଥିପାଇଁ କେନାଲ ନିର୍ମାଣ କାରୀ ଠିକା ସଂସ୍ଥା ଓ ସଂପୃକ୍ତ ଯନ୍ତ୍ରୀ ଏବଂ ଅଧିକାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସହ ବୃନ୍ଦାବାହାଲ ଠାରୁ ଆସିଥିବା କେନାଲର ସଂପ୍ରସାରଣ କରାଯାଉ ଇତ୍ୟାଦି ଦାବି ରହିଛି । ଧାରଣାରେ ଜନ ସଂଗ୍ରାମ ସମିତି ସଂପାଦକ ଅନିଲ କୁମାର ମଲ୍ଲିକଙ୍କ ସମେତ,କୃଷ୍ଣଚନ୍ଦ୍ର ମୁଣ୍ଡ, ଘନ ରଣା, ଦିଲୀପ ମାଝୀ, ଅଗସ୍ତି ମାଝୀ, ଦାଉତ ହରପାଳ, ମାଧବ ମାଝୀ, ମଧୁ ମାଝୀ, ଅବତାର ଧାରୁଆ, ଜଗନ୍ନାଥ ମାଝୀ, ରେଙ୍ଗା ମାଝୀ, ଅର୍ଜୁନ ମୁଣ୍ଡ, ଅସାରୁ ମାଝୀ, ଭଜନ ମାଝୀ, ଗୋବର୍ଦ୍ଧନ ଛତ୍ରୀଆ ବିଜୟ ସେଠିଆ ଙ୍କ ସମେତ ହଜାର ହଜାର ଚାଷୀ ସାମିଲ ହୋଇ ଥିବା ଦେଖିବାକୁ ମିଳିଛି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଜନ ସଂଗ୍ରାମ ସମିତି ସଭାପତି ଶ୍ରୀ ମଙ୍ଗରାଜ ପ୍ରକାଶ କରିଛନ୍ତି ।

# ବିକାଶ ଅପେକ୍ଷାରେ ହରିହର ସାଗର

ମ.ରାମପୁର, ୯ ।୬(ସମିସ):





କଳାହାଣ୍ଡି ଜିଲ୍ଲା ମରମୁର ବ୍ଲକ୍ ମହାକୁମାରେ ଅର୍ଥାତ ସହରର ମଧ୍ୟ ଭାଗରେ ଅବସ୍ଥିତ ମ.ରାମପୁରର ପ୍ରାଣ ବିନ୍ଦୁ କୁହା ଯାଉଥିବା ହରିହରସାଗର ଏବେ ବିକାଶର ଅପେକ୍ଷା ରେ । ଆନୁମାନିକ ଦୁଇ ଶହ ବର୍ଷ ତଳେ ସାଗରକୁ ରାଜା ହରିହର ସିଂଦେଓ ମ.ରାମପୁର ଜନସାଧାରଣଙ୍କ ଜଳକ୍ଲଷ୍ଟରୁ ରକ୍ଷା କରିବା ପାଇଁ ଏକ ବୃହତ ନାଳକୁ ଅଡିବାନ୍ଧି ଖନନକରି ସାଗରରେ ପରିଣତ କରି ମ. ରାମପୁର ବାସୀଙ୍କୁ ଅର୍ପଣ କରିଥିଲେ । ଶହେ ଏକର ବିଶିଷ୍ଟ ଏହି ସାଗର ହେବାଠାରୁ ଅଞ୍ଚଳରେ ଜଳ ଅଭାବ ଦେଖା ଯାଏନାହିଁ । ଖାଲି ସେତିକିନୁହଁ ଏହି ସାଗରରୁ ଟନ୍ ଟନ୍ ମାଛ ଉତ୍ପାଦନ ହୋଇ ବିଭିନ୍ନ ଅଞ୍ଚଳକୁ ଯୋଗାଇବାରେ ସହାୟକ ହୋଇଥାଏ ।ଏହି ସାଗରର ମାଛ ଏତେ ସ୍ୱାଦିଷ୍ଟ ଯେ ଲୋକେ ନେବା ପାଇଁ ଆଗଭର । ହେଲେ ସାଗରରେ ପଦ୍ମ, ବିଭିନ୍ନ ପ୍ରଜାତିର ତୃଣ ଓ ଆମରି ଗଛରେ ଭରପୁର ହୋଇ ଥିବାରୁ ମାଛ ଚାଷ ପାଇଁ ବାଧକ ସାଜିଛି । ଲୋକେ ଗାଧୋଇଲେ କୁଣ୍ଡେଇ ହଉଛି ।ମ. ରାମପୁରକୁ ଶୋଭାବର୍ଦ୍ଧନ କରୁଥିବା ଓ ଜୀବନ ବିନ୍ଦୁ ସାଜିଥିବା ଏହି ସାଗର ଚାରି ପଟେ ଜନବସତି ସହ ଦେବଦେବୀଙ୍କ ମନ୍ଦିର ରହିଛି । ହେଲେ ସାଗରର ଅବସ୍ଥା ଏମିତି ଯେ ସାଗରକୁ ଦେଖିଲେ କେତେ ଅପରିତ୍ୟକ୍ତ, ଆବର୍ଜନା ଓ ନର୍କରେ ଭର୍ତ୍ତି ତାହା ଅନୁମେୟ କରିହେବ । ଏହି ସାଗର ଉପରେ ବିଭିନ୍ନ ଗାଁରୁ ହାଟକୁ ଆସୁଥିବା ହଜାର ହଜାର ଲୋକ ନିର୍ଭର କରିଥାନ୍ତି । ହେଲେ ବିଷାକ୍ତ ପାଣି ଯୋଗୁଁ ଦେହ କୁଣ୍ଡାଇ ହେଉଛି । ଜନପ୍ରତିନିଧି ଓ ପ୍ରଶାସନ ଅଧିକାରୀଙ୍କ ଅବହେଳାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।ଅନେକ ନେତା, ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀ ପରିଦର୍ଶନ କରି କୋଟି କୋଟି ଟଙ୍କା ଦେବାର ପ୍ରତିଶ୍ରୁତି ଅଞ୍ଚଳବାସୀଙ୍କୁ ଦେଖାଇ ଚାଲି ଯାଇଛନ୍ତି ହେଲେ ପ୍ରତିଶ୍ରୁତି ପୂରଣ ହୋଇପାରୁନି । ନିକଟସ୍ଥ ହୋଟେଲ, ଦୋକାନ ବଜାରର ଯେତେ ବର୍ଜ୍ୟବସ୍ତୁ ଲୋକେ ଆଣି ସାଗରରେ ଫିଙ୍ଗୁଛନ୍ତି ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଉକ୍ତ ସାଗର କ୍ଷୁଦ୍ର ଜଳ ସେଚନ ବିଭାଗ ଦାୟିତ୍ୱରେ ଥିବାବେଳେ, ମାଛ ଚାଷ ପାଇଁ ହେଉ ଥିବା ନିଲାମ ଟଙ୍କା ମ.ରାମପୁର ପଞ୍ଚାୟତ ନେଉଛି । କିନ୍ତୁ ବିକାଶ ହେଇପାରୁ ନଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ସରକାର ତୁରନ୍ତ ଦୃଷ୍ଟି ଦେଇ ପୁନଃରୁଦ୍ଧାର କଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ ।

**■ ବିଭିନ୍ନ ପ୍ରଜାତିର ତୃଣ ଓ ଆମରି ଗଛରେ ଭରପୁର**
**■ ଜନପ୍ରତିନିଧି ଓ ଅଧିକାରୀଙ୍କ ଅବହେଳା**

# ସମ୍ପାଦକୀୟ



ଅନ୍ଧ ଭାବରେ କୌଣସି ପ୍ରସଙ୍ଗକୁ ବିଶ୍ୱାସ ନ କରି ତାହାର ଗୂଢ଼ ତତ୍ତ୍ୱକୁ ବୁଝିବା ଦିଗରେ ଅଟଳ ରହିବା ଉଚିତ।
ଜେ. କ୍ରିଷ୍ଣମୂର୍ତ୍ତି

ସକାଳ THE SAKALA

## ସମ୍ପର୍କର ସୀମା

ରାଜନୈତିକ ପାଣିପାଗକୁ ଦେଖି ଅଙ୍କ କଷିବାରେ ମାହିର ବିତ୍ତଶାଳୀ କର୍ପୋରେଟ୍ ସଂସ୍ଥା। ନିର୍ବାଚନୀ ଚାନ୍ଦା ଆକାରରେ ସେମାନେ ନିବେଶ କରିଥା’ନ୍ତି ଆଗକୁ କ୍ଷମତାକେନ୍ଦ୍ରରୁ ଫାଇଦା ହାସଲ ପାଇଁ। ଏଲନ୍ ମସ୍କ ସେମାନଙ୍କଠାରୁ କିଛି ଭିନ୍ନ ନୁହନ୍ତି। ସେ ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ରିପବ୍ଲିକାନ୍ ଦଳକୁ ୨୯୦ ନିୟୁତ ଡଲାର ନିର୍ବାଚନ ଚାନ୍ଦା ଦେଇ ପ୍ରଚାରରେ ଲାଗିପଡ଼ିଥିଲେ। ତେଣୁ ଟ୍ରମ୍ପ ଦ୍ୱିତୀୟବାର ରାଷ୍ଟ୍ରପତି ହେବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ ଭୂମିକାରୁ ନିବିଡ଼ ସମ୍ପର୍କ ଓ ବନ୍ଧୁତାର ସୁଯୋଗ ନେଇ ସେ ଯୋଡ଼ି ହୋଇଗଲେ ହ୍ୱାଇଟ୍ ହାଉସ୍ ସହ। ଏପରକି ଦକ୍ଷତା ବିକାଶ ଓ ବ୍ୟୟ ସଂକୋଚନ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହି ମସ୍କ ଆମେରିକା ପ୍ରଶାସନିକ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଗଲେ। ଟ୍ରମ୍ପଙ୍କ ବାଣିଜ୍ୟ ଶୁଳ୍କ ସମଗ୍ର ବିଶ୍ୱରେ ହଟଚମଟ ସୃଷ୍ଟି କରିଥିବା ବେଳେ ତାହାର ପ୍ରାରମ୍ଭିକ କାର୍ଯ୍ୟାନ୍ୱୟନରେ ଅନ୍ୟତମ ଅଂଶୀଦାର ହେବା ସହ ନିଜର ପ୍ରାଧାନ୍ୟ ବୃଦ୍ଧି ଓ ବ୍ୟବସାୟିକ ସୁବିଧା ସୁଯୋଗ ମଧ୍ୟ ହାସଲ କଲେ। ଆମର ଏଠାରେ କହିବାର କଥା ପଙ୍କିଳ ରାଜନୀତି ଓ ପ୍ରଶାସନିକ ବ୍ୟବସ୍ଥାରେ ପ୍ରତ୍ୟକ୍ଷ ଅଂଶଗ୍ରହଣର ସୁଯୋଗ ପ୍ରଦାନ ଏକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି, ଯାହାର ପ୍ରତିଫଳନ ଘଟିଛି ଟ୍ରମ୍ପ ଓ ମସ୍କ ମଧ୍ୟରେ ହୋଇଥିବା ବାକ୍ୟ ବିନିମୟରୁ। ଟ୍ରମ୍ପ ପ୍ରଶାସନ ପକ୍ଷରୁ ଆଗତ ‘ବିଗ ବ୍ୟୁଟିଫୁଲ୍ ବିଲ୍’(ବଜେଟ୍)ରେ ହସ୍ତକ୍ଷେପ ଓ ପରାମର୍ଶର ସୁଯୋଗ ନ ପାଇ କ୍ଷୁବ୍ଧ ହୋଇଛନ୍ତି ମସ୍କ। ଏଠାରେ ସୂଚାଇ ଦିଆଯାଇପାରେ କି ମସ୍କ ରାଜନୈତିକ ଆଦର୍ଶ ଓ ନୀତି ଦୃଷ୍ଟିରୁ ଜଣେ ସଚ୍ଚା ରିପବ୍ଲିକାନ୍ ପାର୍ଟିର ସଦସ୍ୟ ବା ସମର୍ଥକ ଏ କଥା ନୁହେଁ। ବାରାକ୍ ଓବାମା ରାଷ୍ଟ୍ରପତିତ୍ୱ କାଳରେ ସେ ଡେମୋକ୍ରାଟିକ୍ ପାର୍ଟି ସରକାରରୁ ମଧ୍ୟ ବିପୁଳ ସୁବିଧା ସୁଯୋଗ ହାସଲ କରିଥିଲେ।

ମସ୍କ କ୍ଷମତାରୁ ଅପସରି ଯିବା ପରେ ଟ୍ରମ୍ପଙ୍କ କାର୍ଯ୍ୟଶୈଳୀକୁ ସମାଲୋଚନା ଆରମ୍ଭ କରିଦେଲେ। ଟ୍ରମ୍ପ ରାଷ୍ଟ୍ରପତି ହେବାକୁ ଅଯୋଗ୍ୟ, ସେ ଉପରାଷ୍ଟ୍ରପତି ଭାନ୍‌ସଙ୍କୁ ଦାୟିତ୍ୱ ଦେଇ ଇସ୍ତଫା ଦେବା ଉଚିତ ବୋଲି ମସ୍କ କହିଥିବା ବେଳେ ସେ ପାଗଳ ହୋଇଯାଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ଆମେରିକା ଭଳି ସର୍ବଶକ୍ତିମାନ ରାଷ୍ଟ୍ରର କ୍ଷମତା ଅଳିନ୍ଦରେ ଏଭଳି ବିବାଦାସ୍ପଦ ବୟାନବାଜି ବିଶ୍ୱର କତିପୟ ନେତୃତ୍ୱଙ୍କୁ ନିଶ୍ଚୟ ଆମୋଦିତ କରୁଥିବ। ଟ୍ରମ୍ପଙ୍କ ବାଣିଜ୍ୟ ଶୁଳ୍କ ବିବାଦରୁ ସୃଷ୍ଟ ପରିସ୍ଥିତି ସମଗ୍ର ବିଶ୍ୱରେ କେବଳ ହଟଚମଟ ସୃଷ୍ଟି କରିନାହିଁ ଆର୍ଥିକ ମାନ୍ଦାବସ୍ଥାକୁ ଡାକି ଆଣିଛି। ଏପରିକି ଖୋଦ୍ ଆମେରିକା ବଜାରରେ ଖାଉଟି ସାମଗ୍ରୀ ମାତ୍ରାଧିକ ମୂଲ୍ୟବୃଦ୍ଧି ଘଟିଛି। ଟମ୍ପଙ୍କୁ ପ୍ରାରମ୍ଭିକ ଅବସ୍ଥାରେ ପ୍ରୋତ୍ସାହିତ କରୁଥିବା ମସ୍କ ଏବେ ପ୍ରତିକୂଳ ପରିସ୍ଥିତି ସମ୍ପର୍କରେ ଚେତାବନୀ ଦେଇଛନ୍ତି। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା କି ମସ୍କ ତାଙ୍କର ସାମାଜିକ ଗଣମାଧ୍ୟମ ମଞ୍ଚରେ ଯୌନ ଉତ୍ପୀଡ଼ନ ଓ ମାନବ ଚାଲାଣ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜେଫ୍ରି ଏପଷ୍ଟିନ୍‌ଙ୍କ ଫାଇଲରେ ଟ୍ରମ୍ପଙ୍କ ନାମ ରହିଥିବାର ଦର୍ଶାଇଛନ୍ତି। ଏହି ଫାଇଲ ଏ ପର୍ଯ୍ୟନ୍ତ ସାର୍ବଜନିନ କରାଯାଇନାହିଁ। ତେଣୁ ମହାଅଭିଯୋଗ ଭଳି ବୋମା ପକାଇବାର ସମୟ ଏବେ ଉପସ୍ଥିତ। ଏହାକୁ କେନ୍ଦ୍ର କରି ଡେମୋକ୍ରାଟିକ୍ ଦଳ ପକ୍ଷରୁ ନ୍ୟାୟ ବିଚାର ଓ ଏଫ୍‌ବିଆଇ ଫାଇଲ୍ ପ୍ରକାଶ କରିବାକୁ ଦାବି ହୋଇଛି। ମସ୍କ ଜାଣିଛନ୍ତି ଆମେରିକା ରାଷ୍ଟ୍ରପତିଙ୍କ ଅଖଣ୍ଡ କ୍ଷମତା ପରିସର କେତେ ବିପୁଳ। ମସ୍କ ହାସଲ କରିଥିବା ସରକାରୀ ସହାୟତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରତ୍ୟାହାର କରିନେବାକୁ ଧମକ ଦିଆଯିବା ପରେ ସେ ଚମକି ପଡ଼ିଛନ୍ତି। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ସେ ଟ୍ରମ୍ପ ବିରୋଧୀ ସମସ୍ତ ଟ୍ୱିଟ୍‌କୁ ପ୍ରତ୍ୟାହାର କରି ନେଇଛନ୍ତି। ଏହା ଟ୍ରମ୍ପ ଓ ମସ୍କଙ୍କ ମଧ୍ୟରେ ବୁଝାମଣା ସକାଶେ ସୁଯୋଗ ସୃଷ୍ଟି କରିଛି।

ମସ୍କଙ୍କ ପୃଷ୍ଠଭୂମି ସମ୍ପର୍କରେ ପର୍ଯ୍ୟାଲୋଚନା କଲେ ସ୍ପଷ୍ଟ ହୁଏ ଯେ ୨୦୦୯ ଆମେରିକା ପୁନଃନିବେଶ ଆଇନ ବଳରେ କାଲିଫର୍ଣ୍ଣିଆରେ ୪୬୫ ନିୟୁତ ଡଲାର ଋଣ ହାସଲ କରିଥିଲେ। ଫ୍ଲୋରିଡାସ୍ଥିତ ଉପଗ୍ରହ-ଏକ୍ସର କାର୍ଯ୍ୟଶୈଳୀ ସମ୍ପର୍କରେ ଓବାମାଙ୍କ ଗସ୍ତବେଳେ ମସ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୧୬ ପର୍ଯ୍ୟନ୍ତ ସେ ଟ୍ରମ୍ପଙ୍କ ଅନୁଗତ ତାଲିକାରେ ନଥିଲେ। ଡିଟେଜି ହତ୍ୟା ଉଦ୍ୟମ ଘଟଣାକ୍ରମରୁ ସେ ଟ୍ରମ୍ପଙ୍କ ନିକଟବର୍ତ୍ତୀ ହୋଇଥିଲେ। ପରବର୍ତ୍ତୀ ସମ୍ପର୍କ ଏତେ ନିବିଡ଼ ହେଲା ଯେ ଉଭୟ ଉଭୟଙ୍କୁ ପ୍ରଶଂସାରେ ପୋତି ପକାଇଲେ। ବଜେଟ୍ ପ୍ରସ୍ତୁତି ଓ ଆଗତ ପୂର୍ବରୁ ଋଣ ଓ ନିଅଣ୍ଟିଆ ସ୍ଥିତି ସମ୍ପର୍କରେ ତାଙ୍କର ମତାମତ କାହିଁକି ନିଆଗଲା ନାହିଁ ଦର୍ଶାଇ ସେ ଟ୍ରମ୍ପଙ୍କ କାର୍ଯ୍ୟଶୈଳୀ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବଜେଟ୍ ବ୍ୟବସ୍ଥା ଅତି ଘୃଣ୍ୟ ଓ ଜଘନ୍ୟ କହି ଏହାକୁ ଗୃହୀତ କରାଇ ନ ଦେବା ପାଇଁ ସେ ଆହ୍ୱାନ ଦେଲେ। ଟ୍ରମ୍ପଙ୍କ ସହ ସମ୍ପର୍କ ଓ ନିର୍ବାଚନ ବିଜୟ ଘଟଣା ପରେ ପରେ ମସ୍କଙ୍କ କମ୍ପାନୀ ସେୟାର ମୂଲ୍ୟ ୧ ଟ୍ରିଲିୟନ୍ ଡଲାର ଅତିକ୍ରମ କରିଥିଲା। ଏହି ବିବାଦ ପରେ ଟେସ୍‌ଲାର ବଜାର ମୂଲ୍ୟ ୧୫୦ ବିଲିୟନ ଡଲାର ହ୍ରାସ ଘଟିଛି। ମସ୍କ ଏବେ ମଧ୍ୟ ମନେ କରନ୍ତି ଯେ ତାଙ୍କ ଯୋଗୁଁ ହିଁ ଟ୍ରମ୍ପ ନିର୍ବାଚନରେ ବିଜୀୟ ହୋଇଛନ୍ତି। ନ ହେଲେ ନୂଆ ଦଳ ଗଢ଼ିବାର ସ୍ୱପ୍ନ ସେ ଦେଖିନଥା’ନ୍ତେ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଆମେରିକାରେ ନୂଆ ଦଳ ଗଠନ କରିବାର ସମୟ ଉପସ୍ଥିତ ଦର୍ଶାଇ ମତାମତ ଲୋଡ଼ିଛନ୍ତି ମସ୍କ। ତାଙ୍କର ଏହି ପ୍ରସ୍ତାବକୁ ୮୦ ପ୍ରତିଶତ ମଧ୍ୟବିତ୍ତ ବର୍ଗ ସମର୍ଥନ କରିଛନ୍ତି। ୫୬ ଲକ୍ଷରୁ ଅଧିକ ଲୋକ ଅନ୍‌ଲାଇନ୍‌ରେ ତାଙ୍କ ପୋଷ୍ଟରେ ଭୋଟ ଦେଇଛନ୍ତି। ‘ଦି ଆମେରିକାନ୍ ପାର୍ଟି’ ଗଠନ କରିବାର ସେ ସୂଚନା ଦେଇଥିଲେ ମଧ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରିନାହାନ୍ତି।

ରୁଷ ରାଷ୍ଟ୍ରପତି ପୁଟିନଙ୍କ ଅତି ନିକଟତମ ସହଯୋଗୀ ତଥା ରୁଷ ପ୍ରଧାନମନ୍ତ୍ରୀ ଏହି ଘଟଣାରେ ବେଶ୍ ହାସ୍ୟୋଦ୍ଦୀପକ ବ୍ୟଙ୍ଗ କରି ଟ୍ରମ୍ପ ଓ ମସ୍କଙ୍କ ମଧ୍ୟରେ ଶାନ୍ତିଚୁକ୍ତିକୁ ଯୁକ୍ତିଯୁକ୍ତ ଶୁଳ୍କରେ ରୂପାନ୍ତରିତ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏପରିକି ଷ୍ଟାରଲିଙ୍କର ସେୟାରକୁ ଦେୟ ଭାବେ ଗ୍ରହଣ କରିବାକୁ ରୁଷ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ଏହାର ପ୍ରତିକ୍ରିୟାରେ ମସ୍କ ହସୁଥିବା ଇମୋଜିକୁ ପ୍ରତୀକ ରୂପେ ଗ୍ରହଣ କରିଛନ୍ତି। ଏପରିକି ରାଜନୈତିକ ଆଶ୍ରୟ ଓ ବ୍ୟବସାୟିକ ସ୍ୱାଧୀନତା ଦେବାର ପ୍ରତିଶ୍ରୁତି ସୂଚାଇ ଦିଆଯାଇଛି। ଏହା ଯେ କେବଳ ରୁଷସ୍ତରରେ ସୀମିତ ଅଛି ଏ କଥା ନୁହେଁ, ବାଣିଜ୍ୟ ଶୁଳ୍କ ରଣନୀତିରେ ଲହୁଲୁହାଣ ହେଉଥିବା ରାଷ୍ଟ୍ର ସମୂହ ଆଗକୁ ଟ୍ରମ୍ପଙ୍କ ନାଲିଆଖିକୁ କେତେଦୂର ଖାତିର କରିବେ ସେ ନେଇ ମଧ୍ୟ ସନ୍ଦେହ ଉପୁଜିଛି।

ବିତ୍ତୀୟ ସାମର୍ଥ୍ୟର ଯେ ରାଜନୀତିରେ କୌଣସି ଭୂମିକା ନାହିଁ ଏ କଥା ନୁହେଁ। କିନ୍ତୁ ଏହାର ଅର୍ଥ ନୁହେଁ ଯେ କର୍ପୋରେଟ୍ ସଂସ୍ଥା ନିଜ ଅର୍ଥବଳରେ କ୍ଷମତାସୀନ ହୋଇ ଦେଶକୁ ଶାସନ କରିପାରିବ। ରାଜନେତା ଓ ଶିଳ୍ପପତିଙ୍କ ମଧ୍ୟରେ ସମ୍ପର୍କର ସୀମା ବା ଲକ୍ଷ୍ମଣରେଖା ରହିଛି। ଅର୍ଥବଳରେ ତାହାକୁ ଉଲ୍ଲଘଂନ କଲେ କେବଳ ସମ୍ପର୍କ କ୍ଷୁଣ୍ଣ ହେବ ନାହିଁ, ବିତ୍ତୀୟ ସାମ୍ରାଜ୍ୟ ଧ୍ୱଂସ ହୋଇଯିବ। ବିଳମ୍ବରେ ହେଲେ ମଧ୍ୟ ମସ୍କ ଏହା ବୁଝିପାରିଥିବା ଭଳି ମନେ ହୁଏ। ।

## ଯୁଦ୍ଧପ୍ରିୟ ବିଶ୍ୱ

ମନୋଜ କୁମାର ମହାନ୍ତି

ଇତିହାସରେ ଏମିତି କେଉଁ ଶତାବ୍ଦୀ ନାହିଁ, ଯେଉଁଠି ଲୁହ ଓ ଲହୁର ଦରିଆ ବୋହିନାହିଁ। ଏକଦା ଶାନ୍ତିମୈତ୍ରୀର ମନ୍ତ୍ର ଉଚ୍ଚାରଣ କରୁଥିବା ମଣିଷ ସ୍ୱପ୍ନ ଦେଖିଛି ଏକଛତ୍ରବାଦର। ସେ ପ୍ରେମ ସୌହାର୍ଦ୍ଦର ଗୀତ ଗାଇବା ପାଇଁ ଆହ୍ୱାନ କଲା ଭିତରେ ଉପତ୍ୟକା ସମୂହକୁ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ କରିଛି। ସବୁଠି ସେଇ ଲୋମହର୍ଷଣକାରୀ କୋଳାହଳ ପରିବେଶ। ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ବାରୁଦ ଗନ୍ଧ ବିଶ୍ୱରେ ସୃଷ୍ଟି କରିଛି ଅଶାନ୍ତ ବାତାବରଣ। ଶାନ୍ତି-ମୈତ୍ରୀ-କରୁଣାର ବାର୍ତ୍ତା ବାଣ୍ଟୁଥିବା ମଣିଷ ପୁଣି ଏତେ ହିଂସ୍ର ହୁଏ କେମିତି? ଏକ ସୁନ୍ଦର ସବୁଜିମା ପୃଥିବୀର ପରିକଳ୍ପନା କରୁକରୁ ରକ୍ତର ହୋଲି ଖେଳିବାକୁ ଆଗେଇ ଆସେ କିପରି? ପ୍ରତ୍ୟେକ ମଣିଷ ଚାହେଁ ଟିକେ ସୁଖରେ ରହିବାକୁ, ଶାନ୍ତିରେ ନିଃଶ୍ୱାସ ମାରିବାକୁ, ଜୀବନକୁ ସରସ-ସୁନ୍ଦର-ମଧୁମୟ କରିବାକୁ। ଶାନ୍ତିର ଆବଶ୍ୟକତାକୁ ଅନୁଭବ କରି ମଧ୍ୟ କାହିଁକି ସେ ଯୁଦ୍ଧକୁ ଆହ୍ୱାନ କରେ?

ଯାଯାବର ହୋଇ ଏକୁଟିଆ କାଳତିପାତ କରୁଥିବା ଜୀବନ ବିପଦପୂର୍ଣ୍ଣ ଅନୁଭବ କଲା ପରେ ମଣିଷ ଚାହିଁଲା ସଂଘବଦ୍ଧ ଜୀବନ। ସାଥୀ ହୋଇ ସହାବସ୍ଥାନ ପରେ ସମୟକ୍ରମେ ସଂଘବଦ୍ଧ ଜୀବନ ମଧ୍ୟରେ ଆରମ୍ଭ ହେଲା ପ୍ରତିଦ୍ୱନ୍ଦ୍ୱିତା। ସେହି ପ୍ରତିଦ୍ୱନ୍ଦ୍ୱିତା ଭିତରେ ସେ ଚାହିଁଲା ତା’ର ନିଜର ସ୍ୱତନ୍ତ୍ର ପରିଚୟ। ଧୀରେ ଧୀରେ ପୃଥିବୀକୁ ନିଜର କରିବାକୁ ସ୍ୱପ୍ନ ଦେଖିଲା। ନିଜ ମଧ୍ୟରେ ସ୍ୱେଚ୍ଛାଚାରୀ ଉଗ୍ରମାନସିକତାର ବୀଜ ଅଙ୍କୁରିତ ହେବାରେ ଲାଗିଲା। ନିଜକୁ ଅନ୍ୟମାନଙ୍କଠାରୁ ବୁଦ୍ଧିମାନ ଓ ଦକ୍ଷ ଭାବିଲା। ସମସ୍ତଙ୍କୁ ଏକତ୍ରିତ କରି ସେମାନଙ୍କର ମୁଖିଆ ହୋଇ ଧନଜୀବନର ଉତ୍ତରଦାୟିତ୍ୱ ନିଜ କାନ୍ଧକୁ ନେଇ ଅନ୍ୟମାନଙ୍କୁ ନିଜ ନିୟନ୍ତ୍ରଣକୁ ଆଣିଲା।

ନିଜ ପରିସୀମାକୁ ବିସ୍ତାର କରିବା ସହ ଅନ୍ୟକୁ ନିଜ ଅଧୀନରେ ରଖିବାର ମନୋଭାବ ତା’କୁ ଶିଖାଇଲା ଦ୍ୱନ୍ଦ୍ୱ। ବାହୁବଳ, ଅର୍ଥବଳ ଓ ବିଚକ୍ଷଣ ବୁଦ୍ଧି ସାହାଯ୍ୟରେ କିଛି ବିଶ୍ୱାସୀମାନଙ୍କୁ ଆତ୍ମୀୟତାର ମୋହରେ ବାନ୍ଧି ଅସ୍ତ୍ରଶସ୍ତ୍ରର ସାହାରା ନେଇ ଅନ୍ୟକୁ ଯୁଦ୍ଧର ଆହ୍ୱାନ ଦେଲା। ବିଜୟୀ ହେଲା ପରେ ସେ ଅନ୍ୟଠାରୁ ନିଜକୁ ଶକ୍ତିଶାଳୀ ଯୋଦ୍ଧା ଭାବେ ଆତ୍ମଘୋଷିତ କରାଇବା ସହ ଯୁଦ୍ଧବିଦ୍ୟା, ରଣକୌଶଳ ଏବଂ ସୈନ୍ୟଶିବିର ପ୍ରସ୍ତୁତିପୂର୍ବକ ବିଶାଳ ସାମ୍ରାଜ୍ୟ ଗଠନରେ ଲାଗିପଡ଼ିଲା। ଗୋଟେପରେ ଗୋଟେ ଅଞ୍ଚଳକୁ ଆକ୍ରମଣ କରି ବିଜୟର ସ୍ୱାଦ ତା’ର ପ୍ରଭୁତ୍ୱକୁ ବିଶ୍ୱ ଦରବାରରେ ଉପସ୍ଥାପନ କଲା। ନିଜ ସାମ୍ରାଜ୍ୟର ଭୌଗୋଳିକ ମାନଚିତ୍ରର ପରିସୀମା ବର୍ଦ୍ଧନ, ଧନସମ୍ପଦ ଲୁଣ୍ଠନ ସହ ନିଜ ପରାକ୍ରମ ଧ୍ୱଜା ଉଡ଼େଇବା ଲକ୍ଷ୍ୟରେ ସେ ଯୁଦ୍ଧକୁ କଲା ଏକ ବୃହତ୍ ମାଧ୍ୟମ। ନିଜ ସାମ୍ରାଜ୍ୟର ବୈଭବ ତଥା ପ୍ରାଚୁର୍ଯ୍ୟ ଲକ୍ଷ୍ୟରେ ଅନ୍ୟ ସାମ୍ରାଜ୍ୟକୁ ଆକ୍ରମଣ କରି ଅମାପ ଧନସମ୍ପଦ ହାତେଇବାକୁ ଚାହିଁଲା। ଏହା ଥିଲା ସ୍ୱେଚ୍ଛାଚାରୀ ରାଜତନ୍ତ୍ରର ଯୁଦ୍ଧ ମାନସିକତା।

ବିଶ୍ୱ ଇତିହାସରେ ଅନେକଗୁଡ଼ିଏ ଛୋଟବଡ଼ ସାମ୍ରାଜ୍ୟ ମୁଣ୍ଡଟେକିଛି। ପୁଣି ସମୟଚକ୍ରରେ ପତନ ଘଟିଛି। ଜୟ-ପରାଜୟ ସହ କେତେ ରାଜ୍ୟ ଓ ରାଜବଂଶର ସୂର୍ଯ୍ୟୋଦୟ, ପୁଣି ସୂର୍ଯ୍ୟାସ୍ତ ହୋଇଛି। ତା’ପରେ ଆରମ୍ଭ ହୋଇଛି ଔପନିବେଶବାଦର ଯୁଗ। ଧୀରେ ଧୀରେ ଉପନିନେଶଗୁଡ଼ିକ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ବିଶ୍ୱ ମାନଚତ୍ରରେ ନିଜର ପ୍ରତିଷ୍ଠା ଅର୍ଜନ କରିଛନ୍ତି।। ଯଦିଓ ରାଜତନ୍ତ୍ରର ଅବସାନ ଘଟି ଗଣତନ୍ତ୍ର ପ୍ରତିଷ୍ଠା ହୋଇଛି; କିନ୍ତୁ ଯୁଦ୍ଧ ମନୋବୃତ୍ତି ବଦଳିନାହିଁ। କେବଳ ଯୁଦ୍ଧ ଓ ଆକ୍ରମଣର ପୃଷ୍ଠଭୂମି ବଦଳିଯାଇଛି। ରାଜତନ୍ତ୍ର ଶାସନ ସମୟର ଯୁଦ୍ଧକୁ ଗଣତନ୍ତ୍ରରେ ନୂତନ ରୂପେ ଉପସ୍ଥାପିତ କରାଯାଇଛି। ବାରୁଦ, ବନ୍ଧୁକ ଓ ଗୁଳିଶବ୍ଦ ଯୁଦ୍ଧ ଆକ୍ରମଣକୁ ଆହୁରି ମଜବୁତ୍ କରିଛି। ଅସ୍ଥିର ଗଣତନ୍ତ୍ର, ଅସନ୍ତୋଷ ପ୍ରଜା ଓ ଗୃହଯୁଦ୍ଧର ସୁଯୋଗ ନେଇ ବାହ୍ୟଶକ୍ତିର ପ୍ରବେଶ ସହ ସେମାନଙ୍କର ଆଧିପତ୍ୟ ବିସ୍ତାର ହୋଇଛି। ଗଣତନ୍ତ୍ର ପ୍ରତିଷ୍ଠା ଦ୍ୱାରା ରାଜତନ୍ତ୍ରର ଯୁଦ୍ଧ ଓ ଆକ୍ରମଣ ଭୟରୁ ମଣିଷକୁ ଦୂରେଇ ରଖିବା ପାଇଁ ପ୍ରତ୍ୟେକ ରାଷ୍ଟ୍ର ପ୍ରୟାସ କରିଛି।

ମିଳିତ ଜାତିସଂଘର ପ୍ରୟାସରେ ପ୍ରତ୍ୟେକ ରାଷ୍ଟ୍ର ମଧ୍ୟରେ କିପରି ସୁସମ୍ପର୍କ ଓ ଶାନ୍ତି ସ୍ଥାପନ ହେବ ସେଥିପାଇଁ ଚୁକ୍ତି ସ୍ୱାକ୍ଷରିତ ହେଲା। କିନ୍ତୁ ମଣିଷର ପ୍ରକୃତି ପରିବର୍ତ୍ତନ ହେଉଛି ବା କେଉଁଠୁ? ଦାମ୍ଭିକ ବ୍ୟକ୍ତିମାନେ ସମସ୍ତଙ୍କ ଭାଗ୍ୟଡୋରିକୁ ନିଜ ହସ୍ତରେ ରଖିବାକୁ ସଦାସର୍ବଦା ଚାହାନ୍ତି। ରାଜତନ୍ତ୍ର କିମ୍ବା ଗଣତନ୍ତ୍ରରେ ସର୍ବୋଚ୍ଚ ଶାସନ ଓ ଆସନରେ ଅଧିଷ୍ଠିତ ବ୍ୟକ୍ତିବିଶେଷ ହିଁ ବିଶ୍ୱ ଅଶାନ୍ତ ପରିବେଶ ପାଇଁ ଦାୟୀ। ଯୁଦ୍ଧର ପ୍ରମୁଖ କାରଣ ହେଉଛି; ନିଜର ଅସ୍ତିତ୍ୱ ସହ ରାଷ୍ଟ୍ରର ସ୍ୱାଭିମାନ ସହ ସମ୍ମାନ। କେବେ ଧର୍ମ ଓ ପରମ୍ପରା ସଂସ୍ଥାପନ ପାଇଁ ତ ପୁଣି କେବେ ସାମୂହିକ ବିକାଶ ପାଇଁ। ନିଜ ମାଟିର ସ୍ୱାଭିମାନ ସହ ଅତୀତ ଗୌରବକୁ ଅକ୍ଷୁଣ୍ଣ ରଖିବା ପାଇଁ କେହିକେହି ଯୁଦ୍ଧରେ ଅବତୀର୍ଣ୍ଣ ହୋଇଛନ୍ତି।

ଭାରତ ଇତିହାସରେ ଦୁଇ ପ୍ରମୁଖ ଓ ପୌରାଣିକ ମହାଯୁଦ୍ଧ ରାମାୟଣ ଓ ମହାଭାରତ। ଉଭୟ ରାବଣ ଓ ଦୁର୍ଯ୍ୟୋଧନର ଅହଙ୍କାର ଓ ଜିଦଖୋର ମନୋବୃତ୍ତିର ଆତ୍ମପ୍ରକାଶ। ମୌର୍ଯ୍ୟମାନଙ୍କର ବିଜୟଯାତ୍ରାକୁ ଅବ୍ୟାହତ ରଖିବା ଥିଲା କଳିଙ୍ଗ ଯୁଦ୍ଧର ମୁଖ୍ୟ ଲକ୍ଷ୍ୟ। କଳିଙ୍ଗ ରାଜ୍ୟ ଉପରେ ନିଜର ଆଧିପତ୍ୟ ବିସ୍ତାର ଥିଲା ମୌର୍ଯ୍ୟମାନଙ୍କର ବୃହତ୍ ସ୍ୱପ୍ନ। ଅଷ୍ଟାଦଶ ଶତାବ୍ଦୀର ନେପୋଲିୟନ ୱାରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଇଉରୋପୀୟ ରାଜତନ୍ତ୍ରର ସର୍ବୋଚ୍ଚ ଶାସନର ବିଲୋପ। ସବୁଠାରୁ ଭୟଙ୍କର ଯୁଦ୍ଧର ପ୍ରସ୍ତୁତି ଆରମ୍ଭ ହୋଇଥିଲା ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ। ୧୯୧୪ର ପ୍ରଥମ ବିଶ୍ୱଯୁଦ୍ଧର ସୂତ୍ରପାତ ମୂଳରେ ଉଗ୍ରଜାତୀୟତାବାଦ, ସାମରିକ ଶକ୍ତିର ପ୍ରତିଯୋଗିତା, ସାମ୍ରାଜ୍ୟବାଦ ନୀତି ଏବଂ କୂଟନୈତିକ ଚୁକ୍ତି। ପୁନଶ୍ଚ ୧୯୩୯ର ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରଚ୍ଛଦପଟ୍ଟରେ ଥିଲା ବିଶ୍ୱର ଅର୍ଥନୈତିକ ଅବସାଦ, ଭର୍ସେଲ ଚୁକ୍ତି, ଜାପାନ ଓ ଜର୍ମାନୀରେ ସାମରିକବାଦର ବୃଦ୍ଧି। ଊନବିଂଶ ଶତାବ୍ଦୀରୁ ଆରମ୍ଭ ହେଇଥିବା ଯୁଦ୍ଧଠାରୁ ବିଂଶ ଶତାବ୍ଦୀର ଯୁଦ୍ଧର ସାଜସଜ୍ଜା ଆହୁରି ଭୟଙ୍କର। ଏହା ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପୂର୍ବପ୍ରସ୍ତୁତି। ଇରାକ ଓ ଆମେରିକାର, ୟୁକ୍ରେନ ଓ ରୁଷିଆର, ଇସ୍ରାଏଲ ଓ ଇସଲାମିକ ରାଷ୍ଟ୍ରସମୂହ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ଯୁଦ୍ଧର ପରିଣତି ଆଜି ଆମ ଆଖି ସାମନାରେ।

ଏବେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଶଦେଶ ମଧ୍ୟରେ। ସମସ୍ତଙ୍କର ଗୋଟିଏ ଚିନ୍ତା ନିଜ ଦେଶର ସୁରକ୍ଷା ଓ ବାହ୍ୟ ଆକ୍ରମଣରୁ ନିଜର ରକ୍ଷା। ସେଥିପାଇଁ ରାଷ୍ଟ୍ରସମୂହ ପ୍ରତିରକ୍ଷା ବିଭାଗ ଓ ସାମରିକ ଶକ୍ତି ଉପରେ ଧ୍ୟାନରତ। ନିଜକୁ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ରରୂପେ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ଲାଗି ପଡ଼ିଛନ୍ତି। ଭାରତର ପଡ଼ୋଶୀରାଷ୍ଟ୍ର ପରମାଣୁ ଆକ୍ରମଣକୁ ଆଖିରେ ରଖି ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ। ଅଧୁନା ପୃଥିବୀ ପରମାଣୁ ଯୁଦ୍ଧର ଡାକରା ଦେଉଛି। ଏଥିରେ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ବ୍ରିଟେନ, ଫ୍ରାନ୍ସ, ଉତ୍ତର କୋରିଆ, ଇସ୍ରାଏଲ, ଚୀନ୍, ଭାରତ ଓ ପାକିସ୍ତାନ ସାମିଲ୍ ଅଛନ୍ତି। ଚୀନ୍, ଆମେରିକା ଓ ରୁଷିଆ ପରମାଣୁ ବୋମାର ସାହାରାରେ ବିଶ୍ୱକୁ ନିଜ ଅଧୀନକୁ ନେବାକୁ ପ୍ରୟାସ ଜାରି ରଖିଛନ୍ତି। ପରମାଣୁ ଶକ୍ତିସମ୍ପନ୍ନ ଚୀନ୍ ଏସିଆ ମହାଦେଶର ରାଷ୍ଟ୍ରସମୂହର ଭାଗ୍ୟଭବିଷ୍ୟତକୁ ତା’ ହାତମୁଠାରେ ରଖିବାକୁ ସଦାସର୍ବଦା ଚେଷ୍ଟିତ। ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଇଉରୋପୀୟ ଦେଶସହ ବିଶ୍ୱରେ ନିଜକୁ ବଡ଼ଭାଇ ଭାବେ ଉପସ୍ଥାପିତ କରିବାରେ ବ୍ୟଗ୍ର। ନିଜ ସାମରିକ ଅସ୍ତ୍ରଶସ୍ତ୍ର ବିକ୍ରି ପାଇଁ ସେ ଯୁଦ୍ଧକ୍ଷେତ୍ର ପ୍ରସ୍ତୁତିରେ ଲାଗିପଡ଼ିଛି। ଏବେ ଦେଶଦେଶ ମଧ୍ୟରେ ଜନସାଧାରଣ ଗୃହଯୁଦ୍ଧରେ ଲିପ୍ତ। ସେଥିମଧ୍ୟରୁ ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ ଓ ସିରିଆ।

ଅନ୍ୟର ଅସ୍ତିତ୍ୱକୁ ବିଲୋପ କରି ନିଜର ବିଜୟଧ୍ୱଜା ଉଡ଼ାଇବା ସହ ଇତିହାସରେ ନିଜ ନାମ ଲିପିବଦ୍ଧ ହିଁ ଅଧିକାଂଶ ଯୁଦ୍ଧର ଉଦ୍ଦେଶ୍ୟ। କେତେବେଳେ ଧର୍ମକୁ ଆଧାର କରି ଧର୍ମଯୁଦ୍ଧ ତ କେତେବେଳେ ସାମରିକ ଶକ୍ତିର ପ୍ରୟୋଗ ପୂର୍ବକ ସାମ୍ରାଜ୍ୟର ବିସ୍ତାର ସହ ଅନ୍ୟର ସଭ୍ୟତାକୁ ଦମନ କରିବାର ମନୋବୃତ୍ତି। ନିଜ ଧର୍ମସଂସ୍କୃତିର ସ୍ଥାପନ ସହ ଅନ୍ୟ ଧର୍ମର ବିଲୋପ ଏବଂ ଅର୍ଥନୈତିକ ଅଭିବୃଦ୍ଧି ସହ ନିଜ ରାଷ୍ଟ୍ରର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାଇଁ ଏ ଯୁଦ୍ଧ। ସଭ୍ୟତାର ଧ୍ୱଂସ, ରକ୍ତପାତ, ମାନବଜାତିର ନରସଂହାର ହିଁ ତ ପ୍ରତ୍ୟେକ ଯୁଦ୍ଧର ମାନସିକତା। ଅନ୍ୟକୁ ବାସଚ୍ୟୁତ କରିବା, ରକ୍ତର ହୋଲି ଖେଳିବା ସହ ସୁନ୍ଦର ପୃଥିବୀକୁ କଦାକାର, ବୀଭତ୍ସ ଓ ସବୁଜିମାକୁ ଶ୍ରୀହିନ କରିବା ପାଇଁ ତ ଯୁଦ୍ଧ। ପୃଥିବୀପୃଷ୍ଠରୁ ଯୁଦ୍ଧ କେବେ ବି ଶେଷ ହେବନାହିଁ। ଯୁଦ୍ଧଠୁ ମଣିଷ ନା କେବେ ଦୂରେଇଛି ନା ଦୂରେଇ ପାରିବ। ଶାନ୍ତି ପ୍ରତିଷ୍ଠାର ଶତଚେଷ୍ଟା କରି ମଧ୍ୟ ସେ ଯୁଦ୍ଧରୁ ନିଜକୁ ନିବୃତ୍ତ ରଖିପାରିବ ନାହିଁ। ସେ ଶାରୀରିକ ଓ ମାନସିକ ସ୍ତରରେ ଯୁଦ୍ଧ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। କାରଣ ନିଜର ଆତ୍ମସୁରକ୍ଷା ପାଇଁ ଯୁଦ୍ଧ ହିଁ ଏକମାତ୍ର ବିକଳ୍ପ।

ଭଦ୍ରକ, ମୋ: ୮୮୯୫୩୪୧୦୩୩

## ଜୈବିକ ଚାଷରେ ଜୀବଜଗତର କଲ୍ୟାଣ

ସୁରେନ୍ଦ୍ର ମେହେର

ବିଂଶ ଶତାବ୍ଦୀର ଦ୍ୱିତୀୟଭାଗରେ ଆରମ୍ଭ ହୋଇଥିବା ‘ସବୁଜ ବିପ୍ଳବ’ କୃଷି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାର ଲକ୍ଷ୍ୟ ଥିଲା ବିଶ୍ୱକୁ ଖାଦ୍ୟ ଅଭାବରୁ ଦୂର କରିବା। କୃଷି ଉତ୍ପାଦନରେ ବ୍ୟାପକ ବୃଦ୍ଧି ଆଣିବା ପାଇଁ ଅଧିକ ଅମଳକ୍ଷମ ବିହନ ସହ ବହୁଳ ପରିମାଣରେ ରାସାୟନିକ ସାର ଓ କୀଟନାଶକର ପ୍ରଚଳନ ହେଲା। ଆମେରିକାର ବୈଜ୍ଞାନିକ ନର୍ମାନ ବୋରଲାଗଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ପ୍ରାରମ୍ଭରେ ବିକାଶଶୀଳ ଦେଶଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦିଆଯାଇଥିଲା।

ଭାରତରେ ଖାଦ୍ୟ ନିରାପତ୍ତା ଏବଂ ଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳତା ହାସଲ ଲକ୍ଷ୍ୟରେ ୧୯୬୦ ଦଶକରେ ଆରମ୍ଭ ହୋଇଥିବା ସବୁଜ ବିପ୍ଳବର ପ୍ରଭାବ ପ୍ରଶଂସନୀୟ ଥିଲା। ପଞ୍ଜାବ, ହରିୟାଣା ଓ ଉତ୍ତର ପ୍ରଦେଶରେ ଗହମ ଓ ଚାଉଳ ଭଳି ମୁଖ୍ୟ ଫସଲର ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଲା। ଭାରତ ଖାଦ୍ୟ ଅଭାବୀ ସଙ୍କଟରୁ ମୁକୁଳି ଏକ ଶସ୍ୟ ବଳକା ଦେଶରେ ରୂପାନ୍ତରିତ ହେଲା। କିନ୍ତୁ ଅଧିକରୁ ଅଧିକ ଉତ୍ପାଦନ ଆଶାରେ ଅଧିକ ଅମଳକ୍ଷମ ବିହନ, ରାସାୟନିକ ସାର ଓ କୀଟନାଶକର ବ୍ୟବହାରରେ ବ୍ୟାପକ ବୃଦ୍ଧି ଘଟିଲା। ଫଳରେ ମାଟିର ସ୍ୱାସ୍ଥ୍ୟ ଓ ପରିବେଶର ପ୍ରଭୂତ କ୍ଷତି ଘଟିଲା। ପରିସ୍ଥିତିର ମୁକାବିଲା ପାଇଁ ଚାଷୀମାନେ ଆହୁରି ଅଧିକ ରାସାୟନିକ ପଦାର୍ଥ ପ୍ରୟୋଗ କରିବାକୁ ବାଧ୍ୟ ହେଲେ। ଏହାର ପ୍ରଭାବରେ ମାଟିର ଗୁଣବତ୍ତାରେ ଅବନତି ଦ୍ୱାରା ଜଳସମ୍ପଦ ଓ ଫସଲ ବିବିଧତା ହ୍ରାସ ଭଳି ସମସ୍ୟା ସୃଷ୍ଟି ହେଲା, ଯାହା ସମୟକ୍ରମେ ଉତ୍ପାଦର ସାମଗ୍ରିକ ମୂଲ୍ୟକୁ ପ୍ରଭାବିତ କଲା। ଏହିପରି ଭାବେ ଦିନକୁ ଦିନ ପାରମ୍ପରିକ ବିହନର ବ୍ୟବହାରରେ ହ୍ରାସ, ମୃତ୍ତିକାର ପ୍ରାକୃତିକ ପୋଷକ ତତ୍ତ୍ୱ ଓ ଖଣିଜ କଣିକାଗୁଡ଼ିକର ଅଭାବ ଦ୍ୱାରା ଉତ୍ପାଦିତ ଫସଲଗୁଡ଼ିକରେ କ୍ଷତିକାରକ ରାସାୟନିକ ପଦାର୍ଥର ପରିମାଣ ବୃଦ୍ଧି ହେଲା।

କୃଷି କ୍ଷେତ୍ରରେ ରାସାୟନିକ ସାର ଓ କୀଟନାଶକର ଅତ୍ୟଧିକ ବ୍ୟବହାର କେବଳ ମୃତ୍ତିକା ନୁହେଁ, ମାନବ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଗମ୍ଭୀର ସମସ୍ୟା ସୃଷ୍ଟି କରୁଛି। ରାସାୟନିକ ପଦାର୍ଥଗୁଡ଼ିକର ଅବଶିଷ୍ଟାଂଶ ମଧ୍ୟ ଫସଲ ଜରିଆରେ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରିବା ଦ୍ୱାରା ସ୍ନାୟୁଗତ ବିକାର, ଶ୍ୱାସକ୍ରିୟା ସମସ୍ୟା, ହରମୋନର ଅସନ୍ତୁଳନ ପରି ବିଭିନ୍ନ ରୋଗ ଶରୀରକୁ ଆକ୍ରାନ୍ତ କରୁଛି। ଦୀର୍ଘସମୟ ପର୍ଯ୍ୟନ୍ତ କୃଷି ପ୍ରବାହରେ ଥିବା ରାସାୟନିକ ଓ କୀଟନାଶକ ପଦାର୍ଥର ସଂସ୍ପର୍ଶରେ ରହିବା ଦ୍ୱାରା ଚର୍ମ ରୋଗ ସହିତ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଦୁର୍ବଳ ହେଉଛି। ଜଳସେଚନ କିମ୍ବା ବର୍ଷା ସମୟରେ ଅତିରିକ୍ତ ସାର ମାଟିରୁ ପ୍ରବାହିତ ହୋଇ ପୋଖରୀ, ନାଳ, ନଦୀ ଓ ଭୂତଳ ଜଳରେ ମିଶିଯାଏ ଯାହା ଜଳ ପ୍ରଦୂଷଣର ମୁଖ୍ୟ କାରଣ। କୀଟନାଶକଗୁଡ଼ିକର ଅବଶିଷ୍ଟାଂଶ ଜୀବଜଗତକୁ କ୍ଷତି ପହଞ୍ଚାଏ ଏବଂ ଜୈବ ବିବିଧତାକୁ ନଷ୍ଟ କରେ। ଏହି ରାସାୟନିକ ପଦାର୍ଥଗୁଡ଼ିକ ଉପରେ ଅତ୍ୟଧିକ ନିର୍ଭରଶୀଳତା ବ୍ୟାପକ ଭାବରେ ପ୍ରାକୃତିକ ସମତୁଲତାକୁ ପ୍ରଭାବିତ କରେ।



ଏ ସବୁର ନିରାକରଣ ପାଇଁ ଜୈବିକ ଓ ପ୍ରାକୃତିକ କୃଷି ଭଳି ସୁରକ୍ଷିତ ତଥା ଚିରସ୍ଥାୟୀ କୃଷି ପଦ୍ଧତିକୁ ପ୍ରତ୍ୟାବର୍ତ୍ତନ କରିବା ଆବଶ୍ୟକ। ଆଧୁନିକ କୃଷିରୁ ଜୈବିକ କୃଷି ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବା ହେଉଛି ରାସାୟନିକ ସାର ଓ କୀଟନାଶକ ଉପରେ ନିର୍ଭରଶୀଳତାକୁ ହ୍ରାସ କରି ସ୍ଥାୟୀ ଏବଂ ପରିବେଶ ଅନୁକୂଳ କୃଷି ପଦ୍ଧତିକୁ ଗ୍ରହଣ କରିବା। ଏହା ମାଟିର ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବ ଏବଂ ପରିବେଶ ପ୍ରଦୂଷଣକୁ ହ୍ରାସ କରିବ। ଏଥିସହିତ ପରିବେଶ ସଂରକ୍ଷଣ, ସ୍ଥାୟୀ ବିକାଶକୁ ସୁଦୃଢ ଏବଂ ଚାଷକୁ ଅଧିକ ସୁଲଭ ଓ ଉତ୍ପାଦନକ୍ଷମ କରିପାରିବ। ଜୈବିକ କୃଷିର ପ୍ରମୁଖ ଉପାଦାନଗୁଡ଼ିକ ମଧ୍ୟରେ ଜିଆ ଖତ, ଗୋବର ଖତ, ଜୈବିକ ସାର, ମଲ୍‌ଚିଂ(ଆଚ୍ଛାଦ ଚାଷ), ମିଶ୍ରିତ ଫସଲ ଓ ଜୈବିକ କୀଟ ପରିଚାଳନା ଆଦି ଅନ୍ତର୍ଭୁକ୍ତ, ଯାହା ସବୁପ୍ରକାରର ଚାଷ ପାଇଁ ଏକ ସ୍ଥାୟୀ ଏବଂ ପରିବେଶ ଅନୁକୂଳ ପଦ୍ଧତି ଅଟେ।

ଜୈବିକ କୃଷି ଚାରୋଟି ମୌଳିକ ନୀତି ଦ୍ୱାରା ପରିଚାଳିତ। ଏହା ମାଟି, ଉଦ୍ଭିଦ, ପ୍ରାଣୀଜଗତ ଓ ସମଗ୍ର ପୃଥିବୀର ସୁସ୍ଥତାର ଉନ୍ନତି ଏବଂ ଏହାର ସଂରକ୍ଷଣ ଉପରେ ପର୍ଯ୍ୟବସିତ। ଏହା ଉଭୟ ପ୍ରାଣୀ ଓ ଉଦ୍ଭିଦ ଜଗତ ମଧ୍ୟରେ ସୁସମ୍ପର୍କ ଗଠନ କରିବା ସହ ପରିବେଶ ଏବଂ ଉନ୍ନତ ଜୀବନକୁ ସୁନିଶ୍ଚିତ କରେ। ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ଓ ପରିବେଶର ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଦାୟିତ୍ୱପୂର୍ଣ୍ଣ ଓ ସତର୍କତା ମୂଳକ ଜୈବିକ କୃଷି ପରିଚାଳନା ଯଥେଷ୍ଟ ଗୁରୁତ୍ୱ ବହନ କରେ।

ଜୈବିକ କୃଷିର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ପ୍ରାକୃତିକ ବ୍ୟବସ୍ଥା ସହିତ ସମନ୍ୱୟ ରକ୍ଷା କରିବା ଏବଂ ଉଚ୍ଚ ପୋଷାକଯୁକ୍ତ ଖାଦ୍ୟ ଉତ୍ପାଦନ କରିବା। ଏହା ମାଟିର ଉର୍ବରତାକୁ ବୃଦ୍ଧି ଓ ସଂରକ୍ଷଣ କରେ, ଯେତେ ସମ୍ଭବ ନବୀକରଣୀୟ ସମ୍ବଳର ବ୍ୟବହାରକୁ ପ୍ରାଥମିକତା ଦିଏ। ଜୈବିକ କୃଷି ମାନବ ସଭ୍ୟତା ଓ ପୃଥିବୀ ପାଇଁ ଏକ ବରଦାନ ସଦୃଶ। ବର୍ତ୍ତମାନର ସୁରକ୍ଷିତ ଓ ପୁଷ୍ଟିକର ଖାଦ୍ୟର ବର୍ଦ୍ଧିତ ଚାହିଦା ପୂରଣ କରିବା ସହ ରପ୍ତାନି ବଜାରରେ ଏହାର ଚାହିଦା ବଢ଼ାଇ ଚାଷରୁ ଅଧିକ ଆୟ ସୃଷ୍ଟି କରାଯାଇପାରିବ।

ଭୁବନେଶ୍ୱର, ମୋ: ୯୪୩୭୫୮୯୦୨୬

## ଏକ ପ୍ରକୃତ ତାରକା ଯୁଦ୍ଧ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

୧୯୭୭ ମସିହାରେ ଜର୍ଜ ଲୁକାସଙ୍କ ନିର୍ମିତ ଲୋକପ୍ରିୟ ହଲିଉଡ୍ ଚଳଚ୍ଚିତ୍ର ‘ଷ୍ଟାର ୱାର୍ସ’ ବା ‘ତାରକା ଯୁଦ୍ଧ’ର କାହାଣୀ ଥିଲା ଆମଠାରୁ ପ୍ରାୟ ୧୧ ବିଲିୟନ ଆଲୋକବର୍ଷ ଦୂରରେ ଥିବା ଏକ ମହାକାଶୀୟ ତାରକାପୁଞ୍ଜ ସାମ୍ରାଜ୍ୟକୁ ଏହାର ଅତ୍ୟାଚାରୀ ଶାସନ କବଳରୁ ମୁକ୍ତ କରିବା ଲାଗି ହୋଇଥିବା ଯୁଦ୍ଧର କାହାଣୀ। ଭିଏତନାମ ଯୁଦ୍ଧକୁ ଦୃଷ୍ଟିରେ ରଖି ଏହାର କାହାଣୀ ରଚନା କରାଯାଇଥିଲା। ତେବେ ବର୍ତ୍ତମାନ ଏଭଳି ବାସ୍ତବ ଅଥଚ ଭିନ୍ନପ୍ରକାର ପରିଘଟଣା ଘଟୁଥିବାର ଆବିଷ୍କାର କଲେଣି ବୈଜ୍ଞାନିକମାନେ, ଯାହାକୁ ପ୍ରକୃତରେ ‘ତାରକା ଯୁଦ୍ଧ’ ନାମରେ ନାମିତ କରାଯାଇପାରିବ।

ଏ ଯୁଦ୍ଧରେ ଦୁଇଟି ତାରକା ପୁଞ୍ଜ ବା ‘ଗାଲାକ୍ସି’ ପରସ୍ପର ଆଡ଼କୁ ଖୁବ୍ ଦ୍ରୁତ ବେଗରେ ମାଡ଼ି ଆସୁଛନ୍ତି ଘଣ୍ଟାକୁ ପ୍ରାୟ ୧.୮ ନିୟୁତ କିଲୋମିଟର ବେଗରେ। ଗୋଟିଏ ଅନ୍ୟଟି ଉପରକୁ ନିକ୍ଷେପ କରୁଛି ଅତି ଶକ୍ତିଶାଳୀ ବିକିରଣ, ଯାହାଫଳରେ ବାଷ୍ପୀୟ ବାଦଲଗୁଡ଼ିକ ଦୂରକୁ ଠେଲି ହୋଇଯାଉଛି। ତେଣୁ ସେଥିରେ ନୂତନ ତାରକା ସୃଷ୍ଟି ହେବାର ଅବକାଶ ରହୁନାହିଁ। ପ୍ରଥମେ ପ୍ରାୟ ୪ ବର୍ଷ ତଳେ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଚିହ୍ନଟ ହୋଇଥିବା ଏହି ପରିଘଟଣାକୁ ଖଗୋଳ ବିଜ୍ଞାନୀମାନେ ନାମ ଦେଇଛନ୍ତି ‘କସ୍ମିକ୍ ଜୋଉଷ୍ଟ’ ବା ‘ମହାକାଶରେ ତାରକା ଯୁଦ୍ଧ।’ ଏହା ଫଳରେ ସେବର ତାରକାମଣ୍ଡଳ ଦ୍ୱୟ ପରସ୍ପର ସହିତ ମିଶି ଏକାକାର ହେବାର ସମ୍ଭାବନା ରହିଛି। ଯଦି ଏପରି ହୁଏ ତେବେ ସେଥିରୁ ବୃହତ୍ତର ତାରକାମଣ୍ଡଳଟିଏ ଗଠିତ ହୋଇପାରେ।

ଏହି ବିରଳ ଘଟଣା ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର ଆଦ୍ୟକାଳରେ ତାରକାମଣ୍ଡଳଗୁଡ଼ିକରେ କିପରି ପରିବର୍ତ୍ତନ ଆସିଲା ସେ ସମ୍ପର୍କରେ ଖଗୋଳ-ବିଜ୍ଞାନୀମାନଙ୍କୁ ବୁଝିପାରିବାର ସୁଯୋଗ ଦେଇଛି। ପ୍ରସିଦ୍ଧ ଖଗୋଳ ବିଜ୍ଞାନୀ ଡଂଗ୍-ଉ କିମ୍ ନିକଟରେ ଆମେରିକୀୟ ସମ୍ବାଦ ସରବରାହ ସଂସ୍ଥା ‘ସିଏନ୍‌ଏନ୍’କୁ ଏକ ସାକ୍ଷାତକାର ଦେଇ କହିଛନ୍ତି ଯେ, ଏହା ହେଉଛି ଏ ପ୍ରକାର ଗବେଷଣାର ଏକ ଅତ୍ୟନ୍ତ ଚିତ୍ତାକର୍ଷକ କ୍ଷେତ୍ର।

ବୈଜ୍ଞାନିକମାନେ ଏବର ପର୍ଯ୍ୟବେକ୍ଷଣ ପାଇଁ ବ୍ୟବହାର କରୁଛନ୍ତି ‘ଅତି ବୃହତ୍ ଦୂରବୀକ୍ଷଣ ଯନ୍ତ୍ର’। ପ୍ରକୃତରେ ଏହା ଏକ ଜ୍ୟୋତିର୍ବିଜ୍ଞାନ ବ୍ୟବସ୍ଥା ଏବଂ ଏଥିରେ ରହିଛି ୪ଟି ଅଲଗା ଅଲଗା ଦୂରବୀକ୍ଷଣ ଯନ୍ତ୍ର। ‘ୟୁରୋପିଆନ୍ ସଦର୍ଣ୍ଣ ଅବଜର୍ଭେଟୋରୀ’ ବା ୟୁରୋପୀୟ ଦାକ୍ଷିଣାତ୍ୟମାନ ମନ୍ଦିର ଦ୍ୱାରା ଚିଲିର ଆତାକାମା ମରୁଭୂମିରେ ୧୯୯୮ ମସିହାରେ ପ୍ରତିଷ୍ଠିତ ବ୍ୟବସ୍ଥାଟି ଉଭୟ ଦୃଶ୍ୟମାନ ଏବଂ ପାରଲୋହିତ ଆଲୋକରେ କାର୍ଯ୍ୟ କରେ। ଉପରୋକ୍ତ ବୈଜ୍ଞାନିକମାନେ ଏହା ସାହାଯ୍ୟରେ ଦେଖିବାକୁ ପାଇଛନ୍ତି ଗୋଟିଏ ତାରକା ମଣ୍ଡଳର ‘କ୍ୱାସାର୍’ ବୋଲି ଉଜ୍ଜ୍ୱଳ ଅନ୍ତଃସ୍ଥଳ ଅନ୍ୟ ଏକ ନିକଟବର୍ତ୍ତୀ ତାରକା ମଣ୍ଡଳକୁ କ୍ଷତି ପହଞ୍ଚାଇବାର। ଏହି ‘କ୍ୱାସାର୍’ଟି ଆମ ଛାୟାପଥର ବିକିରଣଠାରୁ ପ୍ରାୟ ସହସ୍ରଗୁଣ ଅଧିକ ଶକ୍ତିଶାଳୀ ବିକିରଣ କରୁଥିବା ଏକ କୃଷ୍ଣଗର୍ତ୍ତ ଭଳି ମନେ ହେଉଥିବା ବିଚିତ୍ର ଅତ୍ୟଧିକ ବସ୍ତୁତ୍ୱସମ୍ପନ୍ନ ପିଣ୍ଡଠାରୁ ଶକ୍ତି ପ୍ରାୟ ହେଉଛି।

ପାସ୍‌କୁଇଅର୍ ନୋଟେଡାମେଙ୍କ ସୂଚନା ଅନୁସାରେ ସେ ମନେ କରୁଥିଲେ ଯେ, ଆକ୍ରମଣକାରୀ ତାରକା ମଣ୍ଡଳର ‘କ୍ୱାସର’ର ଚତୁଃପାର୍ଶ୍ୱରେ ଭରି ରହିଛି କେବଳ ବାଷ୍ପ ଅଣୁ। ଅତିବୃହତ୍ ଦୂରବୀକ୍ଷଣ ଯନ୍ତ୍ରରେ ପର୍ଯ୍ୟବେକ୍ଷଣ କଲାପରେ ଏଠାରେ ଦୁଇଟି ତାରକା ମଣ୍ଡଳ ଥିବାର ଚିହ୍ନଟ କରାଯାଇପାରିଲା। ପୁନଶ୍ଚ ପ୍ରଥମଟିର ବିକିରଣ ମାଡ଼ ଦ୍ୱିତୀୟଟିରେ ନୂତନ ତାରକା ସୃଷ୍ଟି ଲାଗି ଉଦ୍ଦିଷ୍ଟ ବାଷ୍ପୀୟ ବାଦଲରେ ଥିବା ଉଦ୍‌ଜାନକୁ ଅଲଗା କରି ଦେଉଥିବାରୁ ଏବଂ ସେଗୁଡ଼ିକ ଛୋଟ ଓ ପତଳା ହୋଇଯାଉଥିବାରୁ ନୂଆ ତାରକା ସୃଷ୍ଟି ଅସମ୍ଭବ ହେଉଥିବା ଜଣାପଡ଼ିଲା। ‘କ୍ୱାସାର୍’ର ବିକିରଣ କିପରି ନିକଟସ୍ଥ ତାରକାମଣ୍ଡଳର ତାରକା ସୃଷ୍ଟିକାରୀ ବାଷ୍ପକୁ ପ୍ରଭାବିତ କରେ ତାହା ବୈଜ୍ଞାନିକମାନେ ପ୍ରଥମ ଥର ପାଇଁ ପ୍ରତ୍ୟକ୍ଷ ଭାବେ ଦେଖିବାକୁ ସମର୍ଥ ହେଲେ।

ଉପରୋକ୍ତ ଘଟଣା ଘଟୁଥିବା ସ୍ଥାନର ‘କ୍ୱାସାର୍’ର ବିକିରଣ ଏତେ ଶକ୍ତିଶାଳୀ ଯେ ତା ମଧ୍ୟରେ ନିକଟବର୍ତ୍ତୀ ତାରକା ମଣ୍ଡଳକୁ ସହଜରେ ଦେଖିବା ସମ୍ଭବ ହୁଏନାହିଁ। ସେଥିପାଇଁ ଏହି ବିରଳ ଦୃଶ୍ୟର ସନ୍ଧାନ ପାଇବା ପାଳଗଦାରୁ ଛୁଞ୍ଚିଟିଏ ଖୋଜି ପାଇବା ଭଳି ଘଟଣା ବୋଲି କହନ୍ତି ଅନ୍ୟତମ ବୈଜ୍ଞାନିକ ସର୍ଗେଲ୍ ବାଲାଶେଭ୍।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଯୌତୁକରେ ୫୮...

ଭିଏତନାମରେ ଦାମି ତଥା ବିକାସପୂର୍ଣ୍ଣ ଖାଦ୍ୟ ଭାବରେ ବିବେଚିତ ହୋଇଥାଏ। ସେଠିପରି ପାରମ୍ପରିକ ଔଷଧ ପାଇଁ ମଧ୍ୟ ସିଭେଟ ରକ୍ତ ଓ ମାଂସକୁ ବ୍ୟବହାର କରାଯାଇଥାଏ। ଯେଉଁଥିପାଇଁ ଚୀନ୍ ଓ ଭିଏତନାମରେ ସିଭେଟ ବିଲେଇର ଅନେକ ଚାହିଦା ରହିଛି।

## ଏଣିକି ରେକର୍ଡ ହୋଇ...

ମସ୍ତିଷ୍କର ଗତିବିଧିକୁ ତର୍ଜମା କରି ମଣିଷ ଦେଖୁଥିବା ସ୍ୱପ୍ନର ଅର୍ଥ ବିଶ୍ଳେଷଣ କରାଯିବା ସମ୍ଭବ। ସମ୍ପ୍ରତି ଏହି ଯନ୍ତ୍ରଟିର ପ୍ରାରମ୍ଭିକ ପର୍ଯ୍ୟାୟ କାର୍ଯ୍ୟ ଶେଷ ହୋଇଛି ଓ ଖୁବ୍ ଶୀଘ୍ର ଏହି ଉପକରଣର ନିର୍ମାଣ ଶେଷ ହେବ ବୋଲି ପ୍ରୟୋଗଶାଳାର ବୈଜ୍ଞାନିକମାନେ ଆଶା ରଖିଛନ୍ତି।

## ଚାଷୀ ରାସ୍ତାରେ...

ଅଭିଯୋଗ ହୋଇଛି। ମଣ୍ଡି ଦାୟିତ୍ୱରେ ଥିବା ଯୋଗାଣ ବିଭାଗ ଧାନ କିଣା ନେଇ ବାରମ୍ବାର ସମୀକ୍ଷା କରୁଛି। ହେଲେ ଚାଷୀଙ୍କ ସମସ୍ୟା ସମାଧାନ ହୋଇ ପାରୁନାହିଁ। ଏଥର ଆଉ ମିଲ୍ ମାଲିକଙ୍କ ମନମାନୀ ଚାଲିବନି; ମଣ୍ଡିରେ ଦଲାଲରାଜ ହେବନି। କଟ୍‌ନୀଛଟ୍‌ନୀ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଏମିତିକି ଅଭିଯୋଗ ଆସିଲେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖୋଦ୍ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଚାଷୀମାନଙ୍କୁ ଆଶ୍ୱାସନା ଦେଲେ। ମାତ୍ର ଚାଷୀମାନେ କଟନିଛଟନିର ଶିକାର ହୋଇ ଅଭିଯୋଗ କରିବା ବେଳକୁ କାର୍ଯ୍ୟାନୁଷ୍ଠାନ ଶୂନ।

କଟ୍‌ନୀଛଟ୍‌ନୀ ନ ହେଲେ ମଣ୍ଡିରୁ ଧାନ ଉଠୁନାହିଁ। ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ କ୍ୱିଣ୍ଟାଲ୍ ପିଛା ୧୦ରୁ ୧୨ କିଲୋ କଟ୍‌ନୀଛଟ୍‌ନୀ କରାଯାଉଥିବାବେଳେ ଉତ୍ତର ଓ ଉପକୂଳ ଓଡ଼ିଶାରେ ୫ରୁ ୬ କିଲୋ କଟାଯାଉଛି। ଚାଷୀମାନେ ଆନାଲାଇଜର୍ ପରୀକ୍ଷାରେ ପାସ୍ କରୁଛନ୍ତି। ଉଚ୍ଚମାନର ଧାନ ଆଣିବା ସହ ଧାନର ଏଫଏକ୍ୟୁ ବି ଭଲ ରହୁଛି। ଏହା ସତ୍ତ୍ୱେ ବି କଟ୍‌ନୀଛଟ୍‌ନୀ କବଳରୁ ବର୍ତ୍ତିପାରୁନାହାନ୍ତି। ଯେଉଁଠି ଚାଷୀମାନେ ଏହାକୁ ବିରୋଧ କରୁଛନ୍ତି, ସେଠି ଯୋଗାଣ ଅଧିକାରୀ ତୁରନ୍ତ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା ଗାଡ଼ି ଡାକି ଧାନ ପଠାଇ ଦେଉଛନ୍ତି। ଟୋକନ ପାଇବା ପରେ ଚାଷୀ ଧାନ ଆଣୁଛନ୍ତି। ହେଲେ ଚାଷୀଙ୍କୁ ହଇରାଣ କରିବା ଓ ଧାନର ମାନକୁ ଖରାପ କରିବା ଉଦ୍ଦେଶ୍ୟରେ ଦିନ ଦିନ ଧରି ଧାନକୁ ପକାଇ ରଖିଦିଆଯାଉଛି। ମିଲର୍ ଓ ଯୋଗାଣ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଚାଷୀଙ୍କୁ ହଇରାଣ କରିବା ପାଇଁ ଏଭଳି କରାଯାଉଥିବା ଅଭିଯୋଗ ହେଉଛି।

କୃଷକ ନେତା ରାମଚନ୍ଦ୍ର ସାହୁ କହିଛନ୍ତି ଯେ ମିଲରଙ୍କ ଚାପ ଯୋଗୁଁ ସରକାର ଧାନ କିଣାରେ ସଂସ୍କାର ଆଣୁନାହାନ୍ତି। କଟ୍‌ନୀଛଟ୍‌ନୀଠାରୁ ଆରମ୍ଭକରି ବିଭିନ୍ନ କ୍ଷେତ୍ରରେ ଚାଷୀଙ୍କୁ ଶୋଷଣ କରାଯାଉଛି। ଗୋଟିଏପଟେ ସବସିଡି ଦେଲୁ ବୋଲି ପ୍ରଚାର କରୁଛନ୍ତି, ଅନ୍ୟପଟେ ଚାଷୀଙ୍କ ପେଟକୁ ଲାତ ମାରୁଛନ୍ତି। ଚାଷୀମାନେ ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଖରିଫ୍ ଋତୁରେ ବି ମିଲର୍‌ଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଏମିତିକି ମିଲର୍‌ମାନେ ଚାଷୀଙ୍କୁ ଠକିଥିବା ପ୍ରମାଣିତ ବି ହୋଇଥିଲା। ହେଲେ ଏଯାବତ୍ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲାନି। ତେବେ ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଆମେ ନିୟମିତ ଭାବେ ଜିଲ୍ଲାୱାରୀ ରିପୋର୍ଟ ସଂଗ୍ରହ କରୁଛୁ। ପଶ୍ଚିମ ଓଡ଼ିଶାରେ କିଛି ଅଭିଯୋଗ ଆସିଥିଲା, ତା'ର ତୁରନ୍ତ ସମାଧାନ କରାଯାଇଛି।

## ୫ ଘଣ୍ଟା ଜାତୀୟ...

ଧାନ ବିକ୍ରିର ଶିକାର ହେଉଛି ବୋଲି ଅଭିଯୋଗ କରିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ରାସ୍ତା ଉପରେ ବସି ରହିଥିଲେ। ଜାତୀୟ ରାଜପଥ ହୋଇଥିବାରୁ ଲକ୍ଷାଧିକ ଗାଡ଼ି ଅଟକି ରହିଥିଲା। ସଙ୍ଗେ ସଙ୍ଗେ ପୁଲିସ, ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ଘଟଣା ସ୍ଥଳକୁ ପହଞ୍ଚିଥିଲା। ଚାଷୀମାନେ ନୂତନ ସରକାର ଓ ଜିଲ୍ଲା ପ୍ରଶାସନ ହାଏ ହାଏ ନାରା ଦେଇ କହିଛନ୍ତି, ଚଳିତ ବର୍ଷ ପ୍ରଥମ ଥର ମିଲକୁ ଟାର୍ଗେଟ ମିଳୁ ନଥିବା କଥା ଶୁଣିବାକୁ ମିଳୁଛି। ପୂର୍ବ ସରକାରଙ୍କ ସମୟରେ ଏପରି କେବେ ଘଟିନଥିଲା। ଯୋଗାଣ ବିଭାଗକୁ ଏନେଇ ପ୍ରଶ୍ନ କଲେ ରାଜ୍ୟ ସରକାର ଟାର୍ଗେଟ ଦେଇ ନଥିବା କହୁଛନ୍ତି। ସରକାର ଧାନ କ୍ରୟ ପାଇଁ ଟାର୍ଗେଟ ବୃଦ୍ଧି କରିବାକୁ ନାମାନିବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ ପଶ୍ଚିମ ଓଡିଶା କୃଷକ ସଂଗଠନର ଆବାହକ ଅଶୋକ ପ୍ରଧାନ। ଏହା ସହ ଡିଏଲପିସି ବୈଠକର କୌଣସି କ୍ଷମତା ନାହିଁ। ସବୁ ନିଷ୍ପତି ଭୁବନେଶ୍ୱରରୁ ନିଆଯାଉଛି, ତେଣୁ ଏମିତି ସମସ୍ୟା ବାରମ୍ବାର ଉପୁଜୁଛି। ଆନ୍ଦୋଳନ ସ୍ଥଳକୁ ଆସିଥିବା ମାନେଶ୍ୱର ତହସିଲଦାର ବ୍ରଜ କିଶୋର ସାହୁ କହିଛନ୍ତି ଯେ, ପୂର୍ବରୁ ଦିଆଯାଇଥିବା ଟାର୍ଗେଟ ଅନୁସାରେ ସବୁ ମଣ୍ଡିରୁ ଧାନ କିଣା ସରିଛି। ତେବେ ବର୍ତ୍ତମାନ ମଧ୍ୟ କିଛି ଚାଷୀଙ୍କ ଧାନ ବିକ୍ରି କରିବାକୁ ବାକି ରହିଛି। ତେଣୁ ଗତକଲି ରାଜ୍ୟ ସରକାର ଏକ ରିଭାଇଜଡ ଟାର୍ଗେଟ ସ୍ଥିର କରିଛନ୍ତି। ଜିଲ୍ଲା ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ବୀରେନ୍ଦ୍ର ସୋରେନ କହିଛନ୍ତି ଯେ ସରକାର ଆଜି ପର୍ଯ୍ୟନ୍ତ ୧୨ ଲକ୍ଷ ୪୪ ହଜାର କ୍ୱିଣ୍ଟାଲର ଟାର୍ଗେଟ ଦେଇଥିଲେ। ଏତିକି ଧାନ କିଣିବାକୁ ସୋସାଇଟି ମାନଙ୍କୁ ଅନୁମତି ଦିଆଯାଇଛି। ତେବେ ବର୍ତ୍ତମାନ ସ୍ଥିତିରେ ଚାଷୀଙ୍କ ପାଇଁ ୧୩ ଲକ୍ଷ ୬୭ ହଜାର କ୍ୱିଣ୍ଟାଲ ଟାର୍ଗେଟର ଆବଶ୍ୟକତା ଅଛି। ତେଣୁ ସନ୍ଧ୍ୟା ସୁଦ୍ଧା ବଳକା ଥିବା ଟାର୍ଗେଟ ଦେଇ ଦିଆଯିବ ବୋଲି କୁହାଯାଇଛି।

ଜିଲ୍ଲା ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଛନ୍ତି ଚାଷୀ। ଟାର୍ଗେଟ ନଥିବା ନାଁରେ ଆସନ୍ତାକାଲି ଠାରୁ କୌଣସି ମଣ୍ଡିରେ ଧାନ ପଡି ରହିବ ନାହିଁ ବୋଲି ସମ୍ବଲପୁର ଜିଲ୍ଲାପାଳଙ୍କ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ରୋକ ଆନ୍ଦୋଳନରୁ ଓହରିଥିଲେ। ମିଲରେ ଧାନ ଅନଲୋଡ ଶୀଘ୍ର ହେବ। କୌଣସି ଚାଷୀ ଏପରି ସ୍ଥିତିର ସମ୍ମୁଖୀନ ହେବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳରୁ ଓହରିଥିଲେ। ଅପରାହ୍ନ ପ୍ରାୟ ୧ ଟା ବେଳକୁ ସ୍ୱାଭାବିକ ଗାଡ଼ି ଚାଳନା ହୋଇଥିଲା। ଜିଲ୍ଲା ପ୍ରଶାସନର ପ୍ରତିଶ୍ରୁତି ପାଳନ ନହେଲେ ପୁଣି ରାସ୍ତାକୁ ଓହ୍ଲାଇବେ ବୋଲି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନର ସଭାପତି ଦେବେନ୍ଦ୍ର ପ୍ରଧାନ କହିଛନ୍ତି।

## ଜେଲ୍ ଗଲେ...

ଏହାପରେ ଭିଜିଲାନ୍ସ ତାଙ୍କ ଅଫିସ ଓ ଘରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଉପଜିଲ୍ଲାପାଳ ଧୀମାନଙ୍କ ଘରୁ ଆଉ ୪୭ ଲକ୍ଷ ଟଙ୍କା ମିଳିଥିଲା।

ଭିଜିଲାନ୍ସ ସୂତ୍ରରୁ ପ୍ରକାଶ ଯେ ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକ୍‌ମା ଜୟପାଟଣା ବ୍ଲକ ଆମଯୋର ଅଞ୍ଚଳର ଜଣେ କ୍ରସର ମାଲିକଙ୍କୁ କାର୍ଯ୍ୟାନୁଷ୍ଠାନ ଭୟ ଦେଖାଇ ୨୦ ଲକ୍ଷ ଟଙ୍କା ଦାବି କରିଥିଲେ। କ୍ରସର ମାଲିକ ଅନ୍ୟ ଉପାୟ ନ ପାଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଉପଜିଲ୍ଲାପାଳଙ୍କୁ ଧରିବା ଲାଗି ଯୋଜନା ପ୍ରସ୍ତୁତି ହୋଇଥିଲା। ଯୋଜନା ଅନୁଯାୟୀ ପ୍ରଥମ କିସ୍ତି ବାବଦରେ ୧୦ ଲକ୍ଷ ନେବା ପାଇଁ ଡିଲ୍ ହୋଇଥିଲା। ସରକାରୀ କ୍ୱାର୍ଟର୍ସରେ ଦାବି ମୁତାବକ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଲାବେଳେ ଶ୍ରୀ ଚକ୍‌ମାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ମାଡ଼ିବସିଥିଲେ। ଲାଞ୍ଚ ମାମଲାରେ ଜଣେ ଆଇଏଏସ୍ ଅଫିସର ଗିରଫ ହେବା ଓଡ଼ିଶାରେ ଏହା ହେଉଛି ପ୍ରଥମ ଘଟଣା। ଏନେଇ ଭିଜିଲାନ୍ସ ଏସ୍‌ପି ଏମ୍. ରାଧାକ୍ରିଷ୍ଣନ କହିଛନ୍ତି ଯେ, ଜଣେ ବ୍ୟବସାୟୀ ଅଭିଯୋଗ କରିବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ସେଇ ଆଧାରରେ ମାମଲା କରାଯାଇ ତାଙ୍କୁ ନଗଦ ଟଙ୍କା ସହ ଗିରଫ କରାଯାଇଛି। ଏବେ ସେ ବିଚାର ବିଭାଗୀୟ ହାଜତକୁ ଯାଇଥିଲେ ମଧ୍ୟ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ସେ କହିଛନ୍ତି।

ଲାଞ୍ଚ କାରବାର ସଂପର୍କରେ ଅଭିଯୋଗ ମିଳିବା ପରେ ଭିଜିଲାନ୍ସ ଅଧିକାରୀ ଭୁବନେଶ୍ୱରରୁ ଆସି ଭବାନୀପାଟଣାରେ ୫ଦିନ ଧରି ଡେରା ପକାଇଥିଲେ। ଉପଜିଲ୍ଲାପାଳ ଚକମା ମିଟିଂ ଲାଗି ଭୁବନେଶ୍ୱର ଚାଲିଯାଇଥିବା ଜାଣିବା ପରେ ଭିଜିଲାନ୍ସର ଅଧିକାରୀମାନେ ଫେରିନଯାଇ ପଡ଼ୋଶୀ ଜିଲ୍ଲା ବଲାଙ୍ଗିରରେ ରହି ଅପେକ୍ଷା କରିଥିଲେ। ରବିବାର ମିଟିଂ କାର୍ଯ୍ୟ ସାରି ଉପଜିଲ୍ଲାପାଳ ଧୀମାନ ଚକମା ଧର୍ମଗଡରେ ପହଞ୍ଚିଥିବା ଖବର ପାଇ ଭିଜିଲାନ୍ସର ସମସ୍ତ ଅଧିକାରୀ ଧର୍ମଗଡରେ ପହଞ୍ଚିଥିଲେ। ଯୋଜନା ମୁତାବକ ଉପଜିଲ୍ଲାପାଳ ଉକ୍ତ ବ୍ୟବସାୟୀଙ୍କ ଠାରୁ ନଗଦ ୧୦ ଲକ୍ଷ ଟଙ୍କା ଗ୍ରହଣ କରି ନିଜ ବାସଭବନରେ ପହଞ୍ଚିବା ପରେ ପୂର୍ବରୁ ଜାଲ ବିଛାଇ ଅପେକ୍ଷା କରିଥିବା ଭିଜିଲାନ୍ସ ଟିମ ଧର୍ମଗଡ଼ସ୍ଥିତ ତାଙ୍କର ସରକାରୀ ବାସଭବନକୁ ପ୍ରବେଶ କରି କ୍ୟାମିକାଲ ବୋଳା ଟଙ୍କା ଜବତ କରିଥିଲେ। ହାତ ଧୋଇବା ଏବଂ ଟେବୁଲ ଡ୍ରୟର ଧୋଇବା ଉଭୟ ରାସାୟନିକ ପ୍ରତିକ୍ରିୟା ପରେ ୧୦ ଲକ୍ଷ ଲାଞ୍ଚ ଟଙ୍କା ଗ୍ରହଣ କରିଥିବା ପ୍ରମାଣିତ ହୋଇଥିଲା। କେବଳ ସେତିକି ନୁହେଁ ତାଙ୍କ ସରକାରୀ ବାସଭବନରେ ତଲାସି ସମୟରେ ଆହୁରି ୪୭ ଲକ୍ଷ ଟଙ୍କା ନଗଦ ଟଙ୍କା ଜବତ କରାଯାଇଛି। ମୋଟ ନଗଦ ଟଙ୍କା ୫୭ ଲକ୍ଷ ୪୭ ହଜାର ୭୫୭ ଭିଜିଲାନ୍ସ ଜବତ କରିଛି। ଏବେ ବି ତଲାସି ଜାରି ରହିଛି। ଭିଜିଲାନ୍ସ ସେଲ୍ ପିଏସ୍ କେସ୍ ନମ୍ବର ୬/୩.୦୬.୨୦୨୫ ଅନ୍ତର ସେକ୍ସନ ୭ ପି.ସି. ଆଇନ, ୨୦୧୮ ଅନୁଯାୟୀ ପି.ସି. (ସଂଶୋଧନ) ଆଇନ ଦ୍ୱାରା ମାମଲା ପଞ୍ଜୀକୃତ କରାଯାଇଥିବା ଭିଜିଲାନ୍ସ ସୂତ୍ରରୁ ପ୍ରକାଶ।

୨୦୨୧ ବ୍ୟାଚ୍‌ର ଆଇଏଏସ୍ ଅଫିସର ହେଉଛନ୍ତି ଧୀମାନ ଚକ୍‌ମା। ତାଙ୍କ ଘର ତ୍ରିପୁରାର କାଞ୍ଚନପୁର ଅଞ୍ଚଳରେ। ୨୦୨୦ରେ ସେ ୟୁପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ନିଜ ପରିବାର ତଥା ହୋମ୍ ଟାଉନ୍‌ରୁ ସେ ପ୍ରଥମ ଆଇଏଏସ୍ ଥିଲେ। ଧୀମାନଙ୍କ ବାପା ଜଣେ ଶିକ୍ଷକ ଏବଂ ମାଆ ଜଣେ ଗୃହିଣୀ। ଧୀମାନ ଅଗରତାଲା, ଏନ୍‌ଆଇଟିରୁ କମ୍ପ୍ୟୁଟରରେ ସାଇନ୍ସ ପାଠ ସାରି ୨୦୧୯ରେ ୟୁପିଏସ୍‌ସି ପରୀକ୍ଷା ଦେଇଥିଲେ। ଭଲ ର୍‍ୟାଙ୍କ ଆସିଥିଲେ ମଧ୍ୟ ସେ ଆଇଏଫ୍‌ଏସ୍ ଅଫିସର ହୋଇଥିଲେ। ପ୍ରଥମେ ତାଙ୍କୁ ମୟୂରଭଞ୍ଜରେ ପୋଷ୍ଟିଂ ମିଳିଥିଲା। ପରେ ୨୦୨୧ରେ ସିଭିଲ୍ ସର୍ଭିସ ପରୀକ୍ଷାରେ ୫୨୦ ର୍‍ୟାଙ୍କ୍ ରଖି ଓଡ଼ିଶା କ୍ୟାଡର୍ ଆଇଏଏସ୍ ଭାବେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଥିଲେ। ଉଚ୍ଚ ପ୍ରଶାସନିକ ପଦବୀରେ ରହି ସମାଜ ପାଇଁ ଅନେକ କିଛି କରିବାର ସ୍ୱପ୍ନ ଦେଖିଥିବା ଯୁବ ଆଇଏଏସ୍ ଅଧିକାରୀ ଧୀମାନ୍ ଚକ୍‌ମା କିନ୍ତୁ ନିଯୁକ୍ତି ପାଇବା ପରେ ଦୁର୍ନୀତିରେ ବୁଡ଼ି ରହିଥିଲେ। ସେ ଲୋକମାନଙ୍କୁ ଧମକଚମକ ଦେଇ ମୋଟା ଅଙ୍କର ଲାଞ୍ଚ ଦାବି କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିଲା। ଶେଷରେ କ୍ରସର ମାଲିକଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଗତକାଲି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।

## ଜଳୁଛି ମଣିପୁର...

ବିକ୍ଷୋଭକାରୀ ରାଜପଥ ମଧ୍ୟ ଅବରୋଧ କରିଛନ୍ତି। ପରିବହନ ମାର୍ଗକୁ ଅଟକାଇ ଦେଇଛନ୍ତି। ଏଥିଯୋଗୁଁ ସାଧାରଣ ଲୋକେ ବହୁଳ ଭାବେ ପ୍ରଭାବିତ ହେଉଛନ୍ତି। ରାସ୍ତା ବନ୍ଦ ହୋଇଥିବା ଯୋଗୁଁ ଜରୁରୀ ସାମଗ୍ରୀ ଯୋଗାଣ ମନ୍ଥର ହୋଇଯାଇଛି। ତେଣୁ ବିଭିନ୍ନ ସାମଗ୍ରୀର ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି। ଚୁରାଚାନ୍ଦପୁର ଏବଂ ରାଜଧାନୀ ଇମ୍ଫାଲ ଏଥିରେ ବିଶେଷ ପ୍ରଭାବିତ ହୋଇଛି। ଖାଦ୍ୟ ସାମଗ୍ରୀ ଏବଂ ଔଷଧର ଘୋର୍ ଅଭାବ ଦେଖା ଦେଇଛି। ହିଂସା ପ୍ରଭାବିତ ଅନେକ ଅଞ୍ଚଳରେ ଔଷଧ ମଧ୍ୟ ମିଳୁ ନାହିଁ। ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି ଯେ ଏବେ ସବୁ ସାମଗ୍ରୀ ମିଜୋରାମ ଦେଇ ଆସୁଛି। ଏଥିପାଇଁ ସବୁ ମହଙ୍ଗା ହୋଇଯାଇଛି। ଆଉ ପୂର୍ବଭଳି ସ୍ଥିତି ନାହିଁ।

ସୂଚନା ଅନୁଯାୟୀ ଚୁରାଚାନ୍ଦପୁରକୁ କୁକି ସମ୍ପ୍ରଦାୟର ଗଡ଼ ଧରାଯାଏ। ଏହା ଜାତୀୟ ରାଜପଥ-୨ ଏବଂ ୩୭ ଉପରେ ନିର୍ଭରଶୀଳ। ଏହା ଆସାମ ଏବଂ ନାଗାଲାଣ୍ଡକୁ ମଣିପୁର ସହ ଯୋଡୁଛି। ଏବେ ଏହି ରାସ୍ତା ବନ୍ଦ ରହିଛି। ତେଣୁ ଟ୍ରକଗୁଡିକ ଦୀର୍ଘ ପଥ ଅତିକ୍ରମ କରି ମିଜୋରାମ ଦେଇ ଆସୁଛନ୍ତି। ଏଥିଯୋଗୁଁ ପରିବହନ ମୂଲ୍ୟ ବୃଦ୍ଧି ପାଉଛି। ୨୦୨୩ ମେ' ୩ରୁ ଆରମ୍ଭ ହୋଇଥିବା ହିଂସାରେ ଏ ପର୍ଯ୍ୟନ୍ତ ୩୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ୧୫୦୦ରୁ ଅଧିକ ଆହତ ହେଲେଣି। ୭୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହେଲେଣି। ୬ ହଜାରରୁ ଅଧିକ ଏତଲା ରୁଜୁ ହେଲାଣି। ତଥାପି ହିଂସା ବନ୍ଦ ହେଉନି।

ଅରମ୍ବାଇ ଟେଙ୍ଗୋଲର ନେତା କାନନ ସିଂହଙ୍କ ଗିରଫକୁ ନେଇ ଆରମ୍ଭ ହୋଇଥିବା ଏହି ସଦ୍ୟ ହିଂସା ଯୋଗୁ ଇମ୍ଫାଲର ବିଭିନ୍ନ ସ୍ଥାନରେ ପୁଲିସ ଏବଂ ପ୍ରଦର୍ଶନକାରୀ ମୁହାଁମୁହିଁ ହୋଇଛନ୍ତି। ଏହାକୁ ଦେଖି ୫ ଜିଲ୍ଲାରେ ଇଣ୍ଟରନେଟ ବନ୍ଦ କରିଦିଆଯାଇଛି।

## ଏମ୍‌ବିଏ, ଏମ୍‌ସିଏ...

କରିବାକୁ ଅବେଦନ କରୁଥିବା କିଛି ନିଯୁକ୍ତି ଆଶାୟୀ ପ୍ରକାଶ କରିଛନ୍ତି।

ରାଉରକେଲା ପୁଲିସ ଜିଲ୍ଲାରେ ଗୃହରକ୍ଷୀ ବାହିନୀରେ ନିଯୁକ୍ତି ପାଇଁ କମ୍ପ୍ୟୁଟର ଜ୍ଞାନ, ଗାଡି ଚାଳନା ଜ୍ଞାନ, ରୋଷେଇ କରିବା ଜ୍ଞାନ, ବିଦ୍ୟୁତ ମିସ୍ତ୍ରୀ ଜ୍ଞାନ, ପାଇପ ମିସ୍ତ୍ରୀ ଜ୍ଞାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷତା ଜ୍ଞାନ ଥିବା ଆବେଦନକାରୀଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ବୋଲି ବିଜ୍ଞାପନରେ ପ୍ରକାଶିତ ହୋଇଥିଲା। ହୋମଗାର୍ଡ ସେବା ସ୍ଥାୟୀ ଚାକିରି ନୁହେଁ, ଏକ ସ୍ୱେଚ୍ଛାସେବୀ ସେବା ଥିବା ଓ ୩ ବର୍ଷର କାର୍ଯ୍ୟାକାଳ ପାଇଁ ଉଦ୍ଦିଷ୍ଟ ଥିବା ଚାକିରି ବୋଲି ବିଜ୍ଞାପନରେ ସ୍ୱଷ୍ଟ ଉଲ୍ଲେଖ ରହିଥିଲା। ତଥାପି ଆଜି ୯୦୬୧ ଜଣ ଯୁବକ ଯୁବତୀ ଲିଖିତ ପରୀକ୍ଷା ଦେଇଛନ୍ତି। ସେକ୍ଟର-୬ ଇସ୍ପାତ ଷ୍ଟାଡିୟମରେ ଦୁଇଟି ସିଟିଂରେ ଓଡ଼ିଆ ପ୍ରବନ୍ଧ ଲିଖନ ଓ ସାଧାରଣ ଜ୍ଞାନ ପରୀକ୍ଷା ହୋଇଥିଲା। ପରେ ୨ କି.ମି ଚାଲିବା ସହ ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା ହୋଇଥିଲା। ପୋଲିସ ପକ୍ଷରୁ ଇସ୍ପାତ ଷ୍ଟାଡିୟମରେ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ତତ୍ତ୍ୱାବଧାନରେ ୩ ଜଣ ଅତିରିକ୍ତ ଏସ୍‌ପି, ୮ ଜଣ ଡିଏସପି, ୧୭ ଜଣ ଇନ୍ସପେକ୍ଟର, ୯୬ ଜଣ ଏସ୍‌ଆଇ, ୧୦୦ ଜଣ ହୋମଗାର୍ଡ ଏବଂ ୧୦ ପ୍ଲାଟୁନ୍ ପୁଲିସ ଫୋର୍ସ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। କେବଳ ଏତିକି ନୁହେଁ ଏକକାଳୀନ ଷ୍ଟାଡିୟମ ପଡ଼ିଆରେ ଏତେ ସଂଖ୍ୟକ ପରୀକ୍ଷାର୍ଥୀ ହେଉଥିବାରୁ ଆକାଶମାର୍ଗରୁ ଡ୍ରୋନ୍ ମାଧ୍ୟମରେ ସେମାନଙ୍କ ଉପରେ କଡ଼ା ନଜର ରଖାଯାଇଥିଲା। ଆଗାମୀ ଦିନରେ ସୁନ୍ଦରଗଡ଼ ପୁଲିସ ଜିଲ୍ଲା ପାଇଁ ହୋମଗାର୍ଡ ନିଯୁକ୍ତି ପରୀକ୍ଷା ହେବ ବୋଲି ଜଣାପଡିଛି।

## ସ୍ତ୍ରୀକୁ ଶିଳପୁଆରେ...

ଯେ ସେ ଭୋର୍‌ରୁ ଗ୍ରାମ ନିକଟସ୍ଥ ନାଳକୁ ସ୍ନାନ-ଶୌଚ ପାଇଁ ଯାଇ ଫେରିଲା ବେଳକୁ ନରେନ୍ଦ୍ର ଘରୁ ଦୌଡ଼ି ପଳାଉଥିବା ଦେଖିଥିଲେ। ସନ୍ଦେହ କରି ଘର ଭିତରକୁ ଯାଇ ଦେଖିବା ବେଳକୁ ମୋନି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚଟାଣରେ ପଡ଼ିଛି। ପରେ ଘରର ଅନ୍ୟାନ୍ୟ ସଦସ୍ୟ ଏବଂ ପଡ଼ୋଶୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ।

ନରେନ୍ଦ୍ର ଓ ମୋନିଙ୍କ ୫ ବର୍ଷିଆ ଏକ ଝିଅ ନିକିତା ରହିଛି। ଘଟଣା ସମ୍ପର୍କରେ ଖବର ପାଇ ସେରଙ୍ଗ ଥାନା ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଳ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଏକ ହତ୍ୟା ମାମଲା ରୁଜୁ କରିବା ସହ ଶବ ଜବତ କରି ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଘଟଣା ପରଠାରୁ ନରେନ୍ଦ୍ର ଫେରାର୍ ହୋଇଯାଇଥିବା ବେଳେ ପୁଲିସ୍ ଖୋଜାଖୋଜି ଜାରି ରଖିଥିଲା। ତେବେ ସନ୍ଧ୍ୟାରେ ଗାଇବା ଗାଁ ପଛପଟେ ଥିବା କାଜୁ ଜଙ୍ଗଲରେ ନରେନ୍ଦ୍ରଙ୍କ ମୃତଦେହ ଝୁଲୁଥିବା ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସନ୍ଧ୍ୟା ହୋଇଯାଇଥିବାରୁ ପୁଲିସ ମୃତଦେହକୁ ଉଦ୍ଧାର କରିପାରିନାହିଁ। ନରେନ୍ଦ୍ରଙ୍କ ପରିବାରଲୋକଙ୍କୁ ଖବର ଦିଆଯାଇଛି। ମଙ୍ଗଳବାର ପରିବାରଲୋକେ ଆସିବା ପରେ ଗଛରୁ ମୃତଦେହ ଓହ୍ଲାଯିବ ବୋଲି ସେରଙ୍ଗ ଆଇଆଇସି ପ୍ରମୋଦ କୁମାର ଖଣ୍ଡୁଆଳ କହିଛନ୍ତି। ଶେଷ ଖବର ଲେଖା ହେବା ବେଳକୁ ମୃତଦେହକୁ ପୁଲିସ ଜଗି ରହିଛି।

# ଆନ୍ଧ୍ରରେ କାମ ଦେଉନି 'ଆୟୁଷ୍ମାନ'



ଲକ୍ଷ୍ମୀପୁର,୯।୬(ସମିସ): ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ବିଜୟନଗରମ ଭଳି ଅନେକ ସହରର ବଡ଼ବଡ଼ ଘରୋଇ ମେଡ଼ିକାଲରେ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡରେ ଓଡ଼ିଶା ରୋଗୀଙ୍କୁ ଚିକିତ୍ସାସୁବିଧା ମିଳୁନି। ହସ୍ପିଟାଲକର୍ତ୍ତୃପକ୍ଷ କାର୍ଡ ଦେଖିଦେଖି ସିଧାସଳଖ ମନା କରିଦେଉଛନ୍ତି। ଫଳରେ ରୋଗୀ କଲବଲ ହୋଇ ଘରକୁ ଫେରିବା ସାର ହେଉଛି। ସୂଚନାନୁସାରେ, ପୂର୍ବରୁ ବିଜୁ ସ୍ୱାସ୍ଥ୍ୟକାର୍ଡରେ ବିଶାଖାପାଟଣାର ପିନାକିଲ, ଆପୋଲୋ, ମେଡିକଭର୍; ଏଭଳି ଅନେକ ମେଡ଼ିକାଲରେ ଓଡ଼ିଶାର ଲୋକେ ଦେୟମୁକ୍ତ ଚିକିତ୍ସିତ ହୋଇ ଘରକୁ ଫେରୁଥିଲେ। ଏବେ କିନ୍ତୁ ଉପରୋକ୍ତ କୌଣସି ମେଡ଼ିକାଲରେ ଆୟୁଷ୍ମାନ କାର୍ଡରେ ଚିକିତ୍ସା କରାଯାଉନାହିଁ। କୋରାପୁଟ, ନବରଙ୍ଗପୁର, ରାୟଗଡା, ଗଜପତି, କଳାହାଣ୍ଡି ଭଳି ଦକ୍ଷିଣ ଓଡ଼ିଶାର ଲୋକେ ଆନ୍ଧ୍ରପ୍ରଦେଶର ଘରୋଇ ମେଡିକାଲ ଉପରେ ଅଧିକାଂଶ ନିର୍ଭର କରିଥା'ନ୍ତି। କିନ୍ତୁ ଏବେ ମାଗଣା ଚିକିତ୍ସା ସେବା ମିଳି ପାରୁନଥିବା

### କଲବଲ ଓଡ଼ିଶା ରୋଗୀ

ହେତୁ ରୋଗୀ ଓ ସେମାନଙ୍କ ଅଭିଭାବକ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ସେଠାକାର ମେଡ଼ିକାଲ କର୍ତ୍ତୃପକ୍ଷ କହିବା କଥା, ଆୟୁଷ୍ମାନ କାର୍ଡରେ ଥିବା ଚିକିତ୍ସାର ମୂଲ୍ୟ ଅତି କମ୍। ସେଥିପାଇଁ କୌଣସି ମେଡ଼ିକାଲ ଏହାକୁ ଗ୍ରହଣ କରୁନାହାନ୍ତି। ଚିକିତ୍ସା ସମୟରେ ରୋଗୀର ବିଭିନ୍ନ ପରୀକ୍ଷାନିରୀକ୍ଷା ଆବଶ୍ୟକ ପଡ଼ିଥାଏ। କିନ୍ତୁ ଆୟୁଷ୍ମାନ କାର୍ଡରେ ତାହା ନଅଣ୍ଟ ପଡୁଛି। ଉଚିତ ମୂଲ୍ୟ ଧାର୍ଯ୍ୟ ହେଲେ କାର୍ଡ ଲାଗୁ କରିବା ନେଇ ମେଡ଼ିକାଲ କର୍ତ୍ତୃପକ୍ଷମାନେ ଚିନ୍ତା କରିବ। ଏହା ରୋଗୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.ETCECONIBBS 2025023, ତା.03.06.2025ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳ ଅଧୀନସ୍ଥ କଳାହାଣ୍ଡି (ନରଲା) ଠାରେ ଇଲେକ୍ଟ୍ରିକ୍ ଲୋକୋ ପିରିଓଡ଼ିକାଲ ଓଭର ହଲିଙ୍ଗ (POH) କାରଖାନାର ସ୍ଥାପନ ... P.Way ଲିଙ୍କିଙ୍ଗ କାର୍ଯ୍ୟର ସମ୍ପାଦନ (କାରଖାନା ସହିତ), ... କାର୍ଯ୍ୟସମୂହ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 2225.48 ଲକ୍ଷ, EMD (ଟଙ୍କାରେ): 12,62,700/-. କାର୍ଯ୍ୟ ଶେଷ ହେବା ଅବଧି : 18 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.07.2025 ରିଖ 1200 ଘଣ୍ଟିକାରେ।

... www.ireps.gov.in ... IREPS ... B/G ଏବଂ G1ର ... 2 ... 3.1 ...

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-40/CI/25-26

**AFFIDAVIT**
By vitue of an affidavit CF No.: 54 sworn before Executive Magistrate, Bhubaneswar Dt.09.06.2025 I, Ramesh Kumar Patro, S/o.: Udayanath Patro, R/o Vil: Sakti Nagar, Near UCP Engineering School, P.S.: Berhampur Sadar, Dist.: Ganjam declare that I have changed name of my daughter from Roshni Patro to Roshoni Patro. Henceforth, she shall be known as Roshoni Patro for all purposes.

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

**AFFIDAVIT**
I, Balaram Harijan, S/o- Late Pakulu Harijan, resident of At/PO- KONA GOAN, Via- BORIGUMMA, Dist.- Koraput, Odisha, PIN- 764056 declare by this affidavit No. 78AA 537777, dtd.- 09/06/ 2025 that now onwards I shall be known as **BALARAM NAYAK** and my late father as **PAKULU NAYAK** as for all future purposes.

**NOTICE**
By virtue of an affidavit sworn before Executive Magistrate, Jagatsinghpur on dated 17.03.2025, I Biki Swain W/o Dipak Kumar Swain of Vill: Aunri, PO: Goda, P.S.: Erasama, Dist: Jagatsinghpur, Odisha, Pin-754110 declare that I have changed my son's name from Biswanath Swain to Somanath Swain. Henceforth, he shall be known as Somanath Swain for all purposes.
Sd/- Biki Swain

**NOTICE (above 18 years of age)**
By virtue of an affidavit sworn before Notary Public, Udala, Mayurbhanj, dated 07-06-2025 I, Kailash Chandra Naik, Address At- Badkaranjia, PO- Badkaranjia, PS- Khunta, Dist- Mayurbhanj, Odisha, Pin- 757019 declare that I have changed my name from **Kaylash Cjndra Naik** to **Kailash Chandra Naik**. Henceforth, I shall be known as **Kailash Chandra Naik** for all purposes.
Kailash Chandra Naik

**AFFIDAVIT**
By virtue of an affidavit Sl.No. - 634125, dtd. 05.06.2025 before the Notary Public, Malkangiri, I, Pannarani Malik have changed my name from **Pana Mallick** to **Pannarani Malik.** Henceforth I shall be know as **Pannarani Malik** for all purposes.
Sd/- Pannarani Malik.

**LOST**
ମୁଁ ଶ୍ରୀ ସୁଶାନ୍ତ କୁମାର ମିଶ୍ର, ପିତା କ୍ଷୀରୋଦ କୁମାର ମିଶ୍ର ଓ ଶ୍ରୀମତୀ ସ୍ୱରାଜ୍ୟ ମିଶ୍ର, ସ୍ୱାମୀ କ୍ଷୀରୋଦ କୁମାର ମିଶ୍ର, ହାତୀପଥର ରୋଡ୍, ତୃତୀୟଗଳି, ରାଣୀଗୁଡ଼ା ଫାର୍ମ, ରାୟଗଡ଼ା, ଏହାଦ୍ୱାରା ଘୋଷଣା କରୁଅଛୁ ଯେ, ଆମର ମୂଳ ପଞ୍ଜିକୃତ ବିକ୍ରୟ ଡକୁମେଣ୍ଟ ନମ୍ବର 11581001579 ତାରିଖ 08-10-2010ରେ ରାୟଗଡ଼ା ତହସିଲ, ଜିଲ୍ଲା ରାୟଗଡ଼ା ଅନ୍ତର୍ଗତ ମୌଜାରେ ଅବସ୍ଥିତ ସମ୍ପତ୍ତି ସହିତ ଜଡ଼ିତ ଯାହାର ଖାତା ନମ୍ବର 50/147, ପ୍ଲଟ ନମ୍ବର 145/239/377 ଏବଂ ପରିମାଣ ଏକର 0.012 Decimal ଅଟେ। ଉକ୍ତ ଡକୁମେଣ୍ଟ ମୋର ପରିବହନ ସମୟରେ ହଜିଯାଇଛି। ମୁଁ ବ୍ୟାଙ୍କରୁ ଋଣ ନେବାକୁ ଯାଉଛି। ଯଦି କାହା ପାଖରେ ମୂଳ ଡକୁମେଣ୍ଟ ଅଛି କିମ୍ବା କୌଣସି ଆପତ୍ତି ଅଛି ତେବେ ଏହି ନୋଟିସର 7 ଦିନ ମଧ୍ୟରେ ବ୍ୟାଙ୍କକୁ ଜଣାଇବାକୁ ଅନୁରୋଧ କରୁଅଛୁ

**TRUST FUND DEGREE COLLEGE**
BARGARH - 768 028
Ref. No. 133/TFDC/2025 Date. 09.06.2025
e-mail: tfdc.bgh98@gmail.comw website : www.tfdegreecollege.org
WALK IN INTERVIEW
TRUST FUND DEGREE COLLEGE.BARGARH.
Phone No.06646 - 231498
Desirous candidates having more then 55 % of marks in concerned subject at P.G. Level May attend the walk In Interview for the post of Lecturer in Political Science to be held on dt.20.06.2025 at 10.00 A.M.
N.B.- No T.A. IDA. will be provided to the candidate.
Sd/- Principal in-Charge-cum- Secretary
TRUST FUND DEGREE COLLEGE, BARGARH.

**AFFIDAVIT**
By virtue of an affidavit sworn before Executive Magistrate, Satyabadi, CF No- 1303 dated 09.06.2025, I, Manas Jena S/o late Bhikari Jena, At: Dugal, Po: Brahmanapada, P.S: Satyabadi, Dist: Puri - 752014, Odisha have changed my daughter's name from **Papali Jena** to **Sradhanjali Jena**. Henceforth she will be known as **Sradhanjali Jena** for all purposes.
Sd/- Manas Jena

**AFFIDAVIT**
By virtue of an affidavit sworn before The Notary Public, Sunabeda dated 06/06/2025 I, Smt. Lachami Hantal W/o Dhanarjaya Hantal Vill:- Debatiguda PO- Hatibari PS- Padwa District-Koraput declare that I have changed my name from **Lachami Khara** to **Lachami Hantal.** Henceforth, I shall be known as **Lachami Hantal** for all purposes.

**AFFIDAVIT**
By virtue of affidavit before Notary Bolangir, I PRAMOD KUMAR MAHARANA S/O - Bhagabana Badhei, SHANTIPADA, PS BALANGIR TOWN, Dist BALANGIR, Odisha, PIN - 767002, do hereby declare by this affidavit no. 287, Dt.18.03.2025, that I have changed my name From **PRAMOD KUMAR BADHEI** to **PRAMOD KUMAR MAHARANA**. Hence now onwards I shall be known as **PRAMOD KUMAR MAHARANA** for all future purposes.

**AFFIDAVIT**
I, Sujata Malik, W/o: Shyam Sundar Malik, residing of House No.: 1, Riviera Green, P.O.: Naharakanta, P.S.: Pahala, Bhubaneswar- 752101, Dist.: Khordha, Odisha declare by this affidavit No.: 18454, dtd. 06.06.2025 that now onwards I shall be known as **Sujata Mallik** for all future purposes.

**AFFIDAVIT**
I, Subhasree Swagatika Nayak, W/o- Pramod Kumar Nayak resident of At- Barha Domanda, P.o- Bhamanda, P.S- Rajkanika, Dist- Kendrapara, Odisha. Declare by this affidavit No. 4502, dated- 09/06/2025 that now onwards I shall be known as **SHUVASHREE SWAGATIKA NATH** for all future purposes.

O-258
GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, RAYAGADA
Email ID-ccerwcrayagada@gmail.com
Letter No.1089 _/ Date:05.06.2025
2nd Corrigendum
In Continuation to this office bid identification No. NCB-06/ RWCRGDA/2025-26 invited vide this office letter No-539 dated-11.04.2025 & 1st corrigendum letter No-912 dated-15.05.2025 partial modification of TCN has been made as follows:

| Sl.No. | Item | Time schedule as per Original TCN | Time schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | Dt.25.04.2025 at 11.00 A.M. to Dt.16.05. 2025 Up to 5.00 P.M. | Extended up to 5.00 PM of 04.07.2025 |
| 2 | Date & time of seeking tender clarification if any | Dt.15.05.2025 Up to 5.00 P.M. | Dt.03.07.2025 Up to 5.00 P.M. |
| 3 | Date & time of opening of tender (Technical Bid) | Dt.17.05.2025 At 11.00 A.M. | Dt.05.07.2025 At 11.00 A.M. |
| 4 | Date & time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.
Chief Construction Engineer, Rural Works Circle, Rayagada
OIPR - 25196/11/0017/2526

**AFFIDAVIT**
By virtue of an affidavit sworn before The Notary Public, Sunabeda dated 06/06/2025 I, Sri Dhanarjaya Hantal S/o Sitaram Hantal Vill:- Debatiguda PO- Hatibari PS- Padwa District- Koraput declare that I have changed my name from **Dhanajaya Gemel** to **Dhanarjaya Hantal.** Henceforth, I shall be known as **Dhanarjaya Hantal** for all purposes.
Dhanarjaya Hantal.

C-482
OFFICE OF THE MUNICIPAL COUNCIL: BALANGIR
No. 2601 /BM/Dt. 04.06.2025 //
e Procurement Notice
BID IDENTIFICATIONNUMBER - BLGRMPTY/02(01-12)/2025-26
Bid Documents consisting of work, Estimated cost, Cost of Tender paper, EMD, Time of completion, Class of Contractor and the set of terms and conditions of contract and other necessary documents can be seen in Govt. Website i.e. www.tendersorissa.gov.in.

| | | |
|---|---|---|
| 1 | Name of the Work | Civil Construction work as mentioned in DTCN |
| 2 | No. of works | 12(Twelve) Nos. |
| 3 | Estimated Cost. | Rs.5.00 Lakhs to Rs.18.60 Lakhs |
| 4 | Period of Completion | 3 Calendar Month |
| 5 | Date and Time of on line Bidding | from 11.00 AM of 09.06.2025 to 5.00 PM of 23.06.2025 |
| 6 | Online Bids shall be Open on | 24.06.2025 on 11.00 AM |
| 7 | Name & Address of the Officer Inviting Bid | Executive Officer, Balangir Municipality |

8 Further details can be seen from the website www.tendersorissa.gov.in
9 Further any addendum/ corrigendum/ clarification issued in connection with the tenders shall be uploaded in the above website and no news paper advertisement shall be given. Bidders are advised to visit the website regularly for obtaining all such details.
Executive Officer
Balangir Municipality
OIPR - 13169/11/0060/2526

**AFFIDAVIT**
By virtue of an affidavit No-153, dtd- 19/05/2025 before The Executive Magistrate Ambabhona, (Bargarh). I, **Nalini Parua** aged about 42 years, W/o- Niranjan Parua, resident of At/Po- Dwari, Ps/Tah- Ambabhona, Dist- Bargarh, Pin- 768045 Odisha do hereby declare that, my maiden name is **Puspanjali Bhue**, D/o- Kshyamanidhi Bhue, @ Bunaki Bhue of Bhatli after marriage to Niranjan Parua of Dwari. I have changed my name from **Puspanjali Bhue to Nalini Parua**. Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Nalini Parua** (new name).
Nalini Parua

**AFFIDAVIT**
By virtue of an affidavit sworn before the Executive Magistrate, Pattamundai on dated- 30/12/2024. I, **Rahima Bibi**, W/o- Md. Bellar Khan, resident of Village- Badajaria, Po- Jaria, P.S- Pattamundai, Dist- Kendrapada, Odisha, declare that, my Name has been mentioned **R. Lala** instead of **Rahima Bibi** in post office account of Jaria branch. Henceforth, both the name **Rahima Bibi** and **R. Lala** is one and same person for all purposes.

# ଜବରଦଖଲକାରୀଙ୍କ କବ୍‌ଜାରେ ସରକାରୀ ଜମି

## ବାଦ୍‌ପଡ଼ିନି ପୋଖରୀ, ଗୋଚର ଓ ଜଙ୍ଗଲ ଜମି

ସୋନପୁର, ୯ ।୬(ସମିସ)



ପୁରାତନ ସହର ସୁବର୍ଣ୍ଣପୁରରେ ଥିବା ବହୁ ସରକାରୀ ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି । ଗରିବଗୁରୁବାଙ୍କ ସମେତ ଧନିକ ବଡ ବଡିଆ ଲୋକେ ମଧ୍ୟ ଜବରଦଖଲକାରୀଙ୍କ ତାଲିକାରେ ରହିଛି । ଦବୋତ୍ତର, ପୋଖରୀ, ଗୋଚର, ଜଙ୍ଗଲ ଜମି ଉପରେ ଜବରଦଖଲକାରୀଙ୍କ ଲୋଲୁପ ଦୃଷ୍ଟି ପଡୁଛି । ସମସ୍ତ ସହରରେ ସରକାରୀ ଜମି ଉପରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହେବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା । କିନ୍ତୁ ଏଯାଏଁ ସୋନପୁର ସହରରେ ଏହି ଅଭିଯାନ ଆରମ୍ଭ ହୋଇ ନାହିଁ । ବେଧଡକ ଭାବେ ଲୋକେ ସରକାରୀ ଜମି ଜବର ଦଖଲ କରି ଚାଲିଛନ୍ତି । ଜମି ଜବରଦଖଲ ପଛରେ କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ଥିବାରୁ ପ୍ରଶାସନ ବି କୌଣସି ପଦକ୍ଷେପ ନେଇ ପାରୁନଥିବା ସାଧାରଣରେ ଆଲୋଚନା ହେଉଛି । ସୋନପୁରରେ ଜବରଦଖଲକାରୀଙ୍କ କବ୍‌ଜାରେ ପୋଖରୀ ହୁଡା, ଜଙ୍ଗଲ ଜମି, ଗୋଚର ଏବଂ ଦେବୋତ୍ତର ଜମି ରହିଛି । ଏପରିକି ଦେବୋତ୍ତର ଜମିରେ ବଡ ବଡ ଦୋକାନ ବଜାର ଗଢି ଉଠିଥିବା ବେଳେ ଯେଉଁ ଦେବା ଦେବୀଙ୍କ ପାଇଁ ଏହି ଜମି ଉଦ୍ଦିଷ୍ଟ ସେହି ମନ୍ଦିରର ପୂଜକ ଜଳକା ହୋଇ ଦେଖୁଛନ୍ତି । ଆର୍ଥିକ ଅଭାବରୁ ଠାକୁରଙ୍କ ନୀତିକାନ୍ତି କରିବା ପୂଜକଙ୍କ ପାଇଁ ଅଡୁଆ ହୋଇଯାଉଛି । ସେହିପରି ସହର ଉପକଣ୍ଠ କିଛି ଜଙ୍ଗଲ ଜମିକୁ ବେଧଡକ ଭାବେ କିଛି ପ୍ରଭାବଶାଳୀ ବ୍ୟକ୍ତି ବିକ୍ରି କରି ଚାଲିଥିବା ଅଭିଯୋଗ ହୋଇଛି । ଗୋଚର ଏବଂ ପୋଖରୀ ଜମି ଜବରଦଖଲ ସୋନପୁରରେ ବଡ ସମସ୍ୟା ସାଜିଛି । ସୋନପୁରର ପୁରାତନ ନାଳ ନର୍ଦ୍ଦମା ବି ଜବରଦଖଲକାରୀଙ୍କ ନଜରରୁ ବର୍ତ୍ତି ପାରି ନାହିଁ । ପ୍ରାକୃତିକ ନାଳ ଗୁଡିକୁ ମାଟି ପକାଇ ବନ୍ଦ କରି ଲୋକେ ଘର କରିଦେଇଥିବା ନଜରକୁ ଆସିଛି । ଯାହାଦ୍ୱାରା କେଉଁ ନାଳ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲାଣି ତ କେଉଁ ନାଳରେ ମାଟି ପକାଇ ସରୁ ଡ୍ରେନ ଭଳି ଅବସ୍ଥା କରିଦେଇଥିବା ଦେଖିବାକୁ ମିଳିଛି । ରାଜା ରାଜୁଡା ସମୟରୁ ସହରର ବର୍ଷା ଜଳ ବିଭିନ୍ନ ନାଳ ଦେଇ ମହାନଦୀକୁ ନିଷ୍କାସନ ହେଉଥିଲା । ତେଣୁ ପୂର୍ବରୁ କେବେ ବର୍ଷା ଦିନରେ ସୋନପୁର ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉ ନଥିଲା । ତେବେ କିଛି ବର୍ଷ ହେଲା ବର୍ଷା ଦିନେ ସୋନପୁର ସହରର ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ ହୋଇଯାଉଛି । ପୂର୍ବରୁ ବିସାଗରରୁ ଯେଉଁ ନାଳ ଦ୍ୱାରା ବର୍ଷା ଜଳ ନିଷ୍କାସନ ହେଉଥିଲା, ଏବେ ସେହି ନାଳ ଉପରେ ଦୋକାନ ବଜାର ଗଢ଼ିଉଠିଛି । ପୋଖରୀ ହୁଡା ଉପରେ ଲୋକେ ବହୁ ପକ୍କା ଘର ତୋଳିଥିବା ଦେଖିବାକୁ ମିଳୁଛି । ବଡବଜାର ଅଞ୍ଚଳରେ ଥିବା ବହୁ ପୋଖରୀ ଏବଂ ପ୍ରାକୃତିକ ନାଳ ମଧ୍ୟ ଏବେ ସତ୍ତା ହରାଇବାକୁ ବସିଲାଣି । ଜବରଦଖଲକାରୀଙ୍କ ଯୋଗୁଁ ଭବିଷ୍ୟତରେ ସହରବାସୀ ଘୋର ଅସୁବିଧାରେ ପଡ଼ିବାର ଆଶଙ୍କା ପ୍ରକାଶ ପାଇଛି । ତେଣୁ ସୋନପୁର ସହରରେ ଶୀଘ୍ର ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ପାଇଁ ଦାବି ହୋଇଛି ।

## ହରଭଙ୍ଗାରେ ଜିଲ୍ଲାପାଳଙ୍କ ଜନଶୁଣାଣି



**ଚାରିଛକ, ୬ ।୬(ସମିସ):** ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସୋମବାର ବୌଦ୍ଧ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ୧୦୪ଟି ଅଭିଯୋଗ ପହଞ୍ଚି ଥିଲା । ସେଥିରୁ ୯୧ଟି ବ୍ୟକ୍ତିଗତ ଏବଂ ୧୩ଟି ସାମୂହିକ ଅଭିଯୋଗ ରହିଥିଲା । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ୫୧ ଅଭିଯୋଗର ଶୁଣାଣି କରି ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜଣଙ୍କୁ ହୁଇଲ ଚେୟାର, ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଏବଂ ୪ ଜଣଙ୍କୁ ରେଡ଼କ୍ରସରୁ ୨୫ହଜାର ଟଙ୍କା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହିତ ବୌଦ୍ଧ ଏସ୍‌ପି ରାହୁଲ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ମୁଖ୍ୟ ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବିଡ଼ିଓ ଶରତ ସେଠିଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଜାତିଆଣ ବିବାଦକୁ ନେଇ ଯୁବକଙ୍କୁ ଆକ୍ରମଣ

**ବୌଦ୍ଧ, ୯ ।୬(ସମିସ):** ବୌଦ୍ଧ ଥାନା କୁତକୁର ଗ୍ରାମରେ ଜାତିଆଣ ବିବାଦକୁ ନେଇ ଜଣେ ଯୁବକଙ୍କୁ ଆକ୍ରମଣ ଫଳରେ ଗୁରୁତର ଅବସ୍ଥାରେ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କୁତୁକୁରଗ୍ରାମ ପ୍ରଧାନ ସାହିର ବିମ୍ବାଧର ପ୍ରଧାନଙ୍କ କୌଣସି ଏକ ଜାତିଆଣ ବିବାଦକୁ ନେଇ ସମାଜର ବୈଠକ କୁତୁକୁର ଗ୍ରାମରେ ଅନୁଷ୍ଠିତ ହୋଇ ମାମଲାର ଆପୋଷ ସମାଧାନ ହୋଇଥିଲା । ରାତି ପ୍ରାୟ ୧୧ ଘଣ୍ଟା ସମୟରେ ବିମ୍ବାଧରଙ୍କୁ ବାଇକ୍‌ରେ ଘରକୁ ଛାଡି ଆଣିବା ବାହାନାରେ କୁତୁକୁର ଗ୍ରାମର ପ୍ରଭାତ ପ୍ରଧାନ ଓ ଝାଙ୍କରପଡ଼ା ଗ୍ରାମର ବିନୋଦ ଝାଙ୍କର ବାଟରେ ଅଟକାଇ ଆକ୍ରମଣ କରିଥିବା ବିମ୍ବାଧର ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବଘିଆପଡ଼ା ଫାଣ୍ଡି ପୁଲିସ୍ ଅବଗତ ଥିବା ବେଳେ ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ ।



### ଖବର ପ୍ରସାରଣ ପରେ ଚେତିଲା ବିଭାଗ

## ଉଚ୍ଚତାରେ ଟଣା ହେଲା ବିଦ୍ୟୁତ୍ ତାର

**ଶଗଡ଼ା, ୯ ।୬( ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ମନୁପାଲି ଗପଞ୍ଚାୟତ ଅନ୍ତର୍ଗତ ଡିଗିଗ୍ରାମର ବାଘ ନଦୀ କୂଳରେ ଥିବା ଉଠା ଜଳସେଚନ ପ୍ରକଳ୍ପକୁ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ବିପଦ ସଙ୍କୁଳ ଅବସ୍ଥାରେ ଅତି କମ୍ ଉଚ୍ଚତାରେ ଝୁଲି ରହିଥିଲା । ନଦୀକୂଳରେ ଗ୍ରାମର ଜଣେ ଚାଷୀଙ୍କ ବିଲ ଉପରେ ଯାଇଥିବା ଉକ୍ତ ବିଦ୍ୟୁତ୍ ତାର ତଳୁ ୬ ଫୁଟ ଉଚ୍ଚତାରେ ଯାଇଥିବା ଦେଖିବାକୁ ମିଳିଥିଲା । ଉକ୍ତ ଜମି ଦେଇ କମ୍ ଉଚ୍ଚରେ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଯାଇଥିବାରୁ ହଳ କି ଟ୍ରାକ୍ଟର କୌଣସି ପ୍ରକାରରେ ପ୍ରାୟ ୨ଏକର ଜମି ଚାଷ କରି ହେଉ ନ ଥିବା ଜମି ମାଲିକ ଅଭିଯୋଗ କରିଛନ୍ତି । ଏକ ପୋଲ ଦେଇ ଉଚ୍ଚତାରେ ବିଦ୍ୟୁତ୍ ତାର ଟାଣିବାକୁ ଅନେକ ଥର ବିଦ୍ୟୁତ୍ ବିଭାଗ ନିକଟରେ ଅଭିଯୋଗ କରି ଆସୁଥିଲେ । କିନ୍ତୁ ଏହାର କୌଣସି ସମାଧାନ ହୋଇ ନ ଥିବା କହିଛନ୍ତି । ଉକ୍ତ ତାର ଯୋଗୁଁ ଅନେକ ଗାଇଗୋରୁ ସହ ମଣିଷ ପ୍ରତି ମଧ୍ୟ ବିପଦ ଥିବା ବେଳେ ବିଦ୍ୟୁତ୍ ବିଭାଗ ଏହାକୁ ଅଣଦେଖା କରୁଥିଲା । ଏ ନେଇ ଗତକାଲି 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ହେଧର, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ମନଧର କର୍ମୀ ଟୁଇଟ୍ କରି ପ୍ରଶାସନ ସହ ବିଦ୍ୟୁତ୍ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ । ଆଜି ବିଭାଗ ପକ୍ଷରୁ ଉକ୍ତ ସ୍ଥାନରେ ନିର୍ଦ୍ଧାରିତ ଉଚ୍ଚତାରେ ଟଣା ଯାଇ ଥିବା ଦେଖିବାକୁ ମିଳିଛି ।

## ବିକଶିତ କୃଷି ସଂକଳ୍ପ ଅଭିଯାନ



**ଶଗଡ଼ା, ୯ ।୬(ସମିସ):** ବୌଦ୍ଧ ଜିଲ୍ଲାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ନିରନ୍ତର କୃଷି ପ୍ରଣାଳୀ ଏବଂ କୃଷକ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ଦେଶବ୍ୟାପୀ ଅଭିଯାନର ଅଂଶ ସ୍ୱରୂପ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବୈଜ୍ଞାନିକ କବିତା ମିଶ୍ର, ସସ୍ମିତା ପଲ, ବ୍ଲକ କୃଷି ଅଧିକାରୀ ଲଳିତ ସାହୁ, କଣ୍ଟାମାଳ ସହକାରୀ କୃଷି ଅଧିକାରୀ ଚାନ୍ଦନୀ ପ୍ରଧାନ, ରାଜୀବ ସାହୁ, ରିତା ପ୍ରଧାନ, ସ୍ଥାନୀୟ ସରପଞ୍ଚ ରଞ୍ଜୁ ବେହେରା, ପରେଶ ପ୍ରଧାନ ଓ ଗ୍ରାମ୍ୟ କୃଷି ଅଧିକାରୀ ସୁନିତା ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ଫାର୍ମ ପଣ୍ଡ କାମରେ ଆସୁନି



**ବୌଦ୍ଧ, ୯ ।୬(ସିମିସି):** ମନରେଗାରେ ଗୋଟିଏ ପଞ୍ଚାୟତକୁ ଗରିବ ଲୋକଙ୍କ ହିତ ପାଇଁ ଯେତିକି ଟଙ୍କା ଆସୁଛି ସେସବୁର ଯଦି ସଠିକ୍ ଭାବେ ଉପଯୋଗ ହେବ ଗୋଟିଏ ଗାଁର ମାନଚିତ୍ର ସମ୍ପୂର୍ଣ୍ଣ ଭାବେ ବଦଳି ଯିବ । ମାତ୍ର ଏହା କାର୍ଯ୍ୟକାରୀ ହେବା ସମୟରେ ବିଭାଗୀୟ ଅଧିକାରୀ ଗାଁରେ ଥିବା ଠିକାଦାରଙ୍କ ସହିତ ସାମିଲ ହୋଇ ଯେଉଁଳି ଭାବେ ଅସାଧୁ ଉପାୟ ଅବଲମ୍ବନ କରୁଥିବାରୁ ଏହି ମହତ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚି ପାରୁନାହିଁ । ଫାର୍ମ ପଣ୍ଡ କେନ୍ଦ୍ରୀୟ ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି । ଗତ ବର୍ଷ ବୌଦ୍ଧ ବ୍ଲକରେ ପ୍ରାୟ ୪୦୦ ଟି ଫାର୍ମ ପଣ୍ଡ ଖନନ ହୋଇଥିବା ବେଳେ ଏଥିରୁ ଜଣେ ବି ହିତାଧିକାରୀ ଲାଭବାନ ହୋଇନଥିବା ଅଭିଯୋଗ ହେଉଛି । ଫାର୍ମ ପଣ୍ଡ କାର୍ଯ୍ୟକୁ ନେଇ ଶ୍ରମିକଙ୍କୁ ପୂର୍ବରୁ ସୂଚନା ଦିଆଯାଇ ନଥାଏ । ଦୃଷ୍ଟାନ୍ତସ୍ୱରୂପ, ଫାର୍ମ ପଣ୍ଡ (କୌଣସି ହିଁ ଉନ୍ନୟନ ମୂଳକ ନିର୍ମାଣ) କାର୍ଯ୍ୟକୁ ନେଇ ଗାଁର ସମ୍ପୃକ୍ତ ଠିକାଦାର ହିତାଧିକାରୀ ଘରକୁ ଯାଇ 'ତୋ ନାଁରେ ଏକ ଫାର୍ମ ପଣ୍ଡ ଆସିଛି' କହି ଧଳା କାଗଜରେ ଦସ୍ତଖତ ନେଇଆସନ୍ତି । ଗାଁରେ ଲୋକଙ୍କ ସରଳତା ଓ ବିଶ୍ୱାସନୀୟତାର ଫାଇଦା ଉଠାଇ ଏଭଳି ଭାବେ ବହୁ ପରିମାଣରେ ଅର୍ଥ ହଡ଼ପ୍ କରାଯାଉଛି । ହିତାଧିକାରୀଙ୍କୁ ଜଣାନଥାଏ କାହିଁକି ଦସ୍ତଖତ ନିଆଯାଉଛି । ଦିନେ ୨ ଦିନ ପରେ ମେସିନ୍ ଲଗାଇ ଉକ୍ତ କାର୍ଯ୍ୟକୁ ସମ୍ପନ୍ନ କରାଯାଇଥାଏ । ୧୨-୧୪ ଘଣ୍ଟା କାମ ହେଲା ପରେ ପୁଣି ତାହା ବନ୍ଦ ହୋଇଯାଏ । ପୋଖରିରୁ ବାହାରୁଥିବା ମାଟି, ମୋରୁମ୍‌କୁ ଟ୍ରାକ୍ଟର ଯୋଗେ ଠିକାଦାର ନେଇ ପାଖରେ ହେଉଥିବା ରାସ୍ତା ଓ ଅନ୍ୟ କାମରେ ଲଗାନ୍ତି ।ପରେ ୪/୫ ଜଣ ଶ୍ରମିକ ଲଗାଇ ଫାର୍ମ ପଣ୍ଡ ଖୋଳା ହୋଇଥିବା କାମ ଦର୍ଶାଇ ଶ୍ରମିକଙ୍କ ଖାତାରେ ଟଙ୍କା ପକାଇ କାର୍ଡ ପିଛା ୨୦୦ରୁ ୩୦୦ ଟଙ୍କା ଦେଇ ବାକି ଟଙ୍କା ଠିକାଦାର ନିଅନ୍ତି । କେତେକ ସ୍ଥାନରେ ହିତାଧିକାରୀଙ୍କ ନିଜସ୍ୱ ଜମିରେ କାମ ନ କରି ସରକାରୀ ଜମିରେ ଏହା ସମ୍ପାଦିତ ହେଉଛି । କାରଣ ପୂର୍ବରୁ ସେଠାରୁ ରାସ୍ତାକାମ ପାଇଁ ମାଟି କିମ୍ବା ମୋରୁମ ଠିକାଦାର ନେଇ ସାରିଥାନ୍ତି । ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି ।

## ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଶଗଡ଼ା, ୯ ।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଶିବ ମନ୍ଦିର ପ୍ରାଙ୍ଗଣରେ କଣ୍ଟାମାଳ ରଥଯାତ୍ରା କମିଟିର ପ୍ରସ୍ତୁତି ବୈଠକ ବିଶିଷ୍ଟ ଜଗନ୍ନାଥ ପ୍ରେମୀ ଫଗୁନୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମ୍ପାଦକ ଗୌର ଚନ୍ଦ୍ର ବାଘ ଓ ଲକ୍ଷ୍ମଣ ସାହୁଙ୍କ ଆବାହକତ୍ୱରେ ବରଗାଁ, ଖଲିଆପାଲି ଗ୍ରାମପଞ୍ଚାୟତ ର ସମସ୍ତ ଜଗନ୍ନାଥ ପ୍ରେମି ଅଂଶ ଗ୍ରହଣ କରିଥିଲେ । ବେଦବ୍ୟାସ ମଲିକ, ଠାକୁର ନାୟକ ପ୍ରମୁଖ ଅଂଶ ଗ୍ରହଣ କରି ଥିଲେ । ଆଗାମୀ ରଥଯାତ୍ରାକୁ ବେଶ ଧୁମଧାମରେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା । ଠାକୁରଙ୍କ ନୀତିକାନ୍ତି ଠିକ ସମୟରେ ସମ୍ପନ୍ନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରିବାକୁ ଆଲୋଚନା କରାଗଲା ।

### ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

## ୫୯ ଅଭିଯୋଗର ଶୁଣାଣି

**ତରଭା, ୯ ।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ନାରାୟଣ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ପର୍କୀତ ୫୯ ଗୋଟି ପଞ୍ଜୀକୃତ ଅଭିଯୋଗର ଦରଖାସ୍ତ ଗ୍ରହଣ କରିବା ସହ ଶୁଣାଣି କରିଥିଲେ । ତନ୍ମଧ୍ୟରୁ ୪୯ ଗୋଟି ବ୍ୟକ୍ତିଗତ ଓ ୧୦ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଦୁଇ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବାବେଳେ ଅନ୍ୟ ସମସ୍ତ ଅଭିଯୋଗ ଗୁଡିକର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ତରଭା ତହସିଲଦାର ଶ୍ୱେତାଲିନା ମାହାଣା, ଏନ୍‌ଏସି ନିର୍ବାହୀ ଅଧିକାରୀ ଲକ୍ଷୀକାନ୍ତ ମଲିକ, ତହସିଲ ଓ ବ୍ଲକସ୍ତରୀୟ କର୍ମଚାରୀ ଉପସ୍ଥିତ ଥିଲେ । ଶିବିରରେ ଜିଲ୍ଲାପାଳ ଶ୍ରୀମତୀ ଦାସ ଏସ୍‌ବିଆଇ ତରଭା ଶାଖା ଦ୍ୱାରା ପ୍ରଧାନମନ୍ତ୍ରୀ ଜୀବନ ବୀମା ଯୋଜନାରେ ବଡ଼ଭଇଁରୋ ଗ୍ରାମ ପଞ୍ଚାୟତ ଗରାମହୁଲ ଗ୍ରାମର ମୃତକ ଜ୍ୟୋସ୍ନା ଜାଲଙ୍କ ସ୍ୱାମୀ ହେମନ୍ତ ଜାଲଙ୍କୁ ୨ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଥିଲେ । ସେହିପରି ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ବଡ଼ଫଟକରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଛେମତଲା ଗ୍ରାମର ମୃତ ଅମୀୟ କୁମାର ନାଗଙ୍କ ପିତା ପହିଲମାନ ନାଗଙ୍କୁ ମଧ୍ୟ ୨ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରାଯାଇଥିଲା । ବୀମା ରାଶି ପ୍ରଦାନ ସମୟରେ ତରଭା ଏସ୍‌ବିଆଇ ଶାଖା ପରିଚାଳକ ସୁଶାନ୍ତ ସାହୁ ଓ ଲିଡ୍ ବ୍ୟାଙ୍କ ପରିଚାଳକ କାର୍ତ୍ତିକେଶ୍ୱର ପଣ୍ଡା ଉପସ୍ଥିତ ଥିଲେ ।



### ରଣ୍ଡିମହୁଲ ପ୍ରିମିୟର ଲିଗ୍ ଉଦ୍‌ଯାପିତ

## ଆନନ୍ଦ ଫାଇଟର୍ ରଣ୍ଡିମହୁଲ ଦଳ ଚାମ୍ପିଅନ



**ଶଗଡ଼ା, ୯ ।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରଣ୍ଡିମହୁଲ ବାହାଳୀ ଖେଳ ପଡ଼ିଆରେ ଆଠ ଦିନ ଧରି ଚାଲିଥିବା ରଣ୍ଡିମହୁଲ ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇ ଯାଇଛି । ଆଜିର ଫାଇନାଲ ମ୍ୟାଚ୍ ପ୍ରହରାଜ ସ୍ପୋର୍ଟିଂ ଧାନଖଣ୍ଡି ଓ ଆନନ୍ଦ ଫାଇଟର ରଣ୍ଡିମହୁଲ ଦଳ ମଧ୍ୟରେ ହୋଇଥିଲା । ଆନନ୍ଦ ଫାଇଟର ରଣ୍ଡିମହୁଲ ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୧୫ ରନ ଟାର୍ଗେଟ ଥିବା ବେଳେ ୧୧୪ ରନ କରିଥିଲା । ଦ୍ୱିତୀୟ ସେଟ ଖେଳରେ ପ୍ରହରାଜ ସ୍ପୋର୍ଟିଂ ଧାନଖଣ୍ଡି ଦଳ ୫ ଓଭରରେ ୫୨ରନ କରି ଥିବାବେଳେ ଆନନ୍ଦ ଫାଇଟର ରଣ୍ଡିମହୁଲ ଦଳ ୫୧ ରନ କରିଥିଲେ । ତୃତୀୟ ସେଟରେ ଆନନ୍ଦ ଫାଇଟର ରଣ୍ଡିମହୁଲ ଦଳ ୧ଓଭରରେ ୮ରନ କରିଥିବା ବେଳେ ପ୍ରହରାଜ ସ୍ପୋର୍ଟିଂ ଧାନଖଣ୍ଡି ୭ରନ କରିଥିଲା । ଫଳରେ ଆନନ୍ଦ ଫାଇଟର ରଣ୍ଡିମହୁଲ ଦଳ ବିଜୟୀ ହୋଇ ଚାମ୍ପିଅନ ଘୋଷିତ ହୋଇଥିଲା । ଖେଳର ଧାରା ବିବରଣୀ ପାର୍ଥ ଭାଇ ପ୍ରଦାନ କରିଥିବା ବେଳେ, ଜିତେଶ ବେହେରା ଓ ଟୁନା ଭାଇ ମ୍ୟାଚ ପରିଚାଳନା କରିଥିଲେ । ରଞ୍ଜନ ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ । ଉଦଯାପନୀ ସଭାରେ ଅବସର ପ୍ରାପ୍ତ ଶିକ୍ଷକ ସଦାନନ୍ଦ ପ୍ରଧାନ, ସରପଞ୍ଚ ପଞ୍ଚାନନ ସାହୁ, କନ୍ଧମାଳ ସାଂସଦଙ୍କ କଣ୍ଟାମାଳ ପ୍ରତିନିଧି ଦୀପକ ବାରିକ, ମୁନା ମିଶ୍ର, ଅନିଲ କୁମାର ପ୍ରଧାନ, ରାଧାବଲ୍ଲ? ପ୍ରଧାନ, ରମାକାନ୍ତ ସାହୁ, ସୂର୍ଯ୍ୟକାନ୍ତ ଖଟୁଆ, ସନ୍ତୋଷ ବାରିକ ପ୍ରମୁଖ ଯୋଗ ଦେଇ ବିଜେତା, ଉପବିଜେତା ଓ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ରଣ୍ଡିମହୁଲ ନବଜ୍ୟୋତି କ୍ରିକେଟ ଟିମ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ



**ବୌଦ୍ଧ, ୯ ।୬ (ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ବୌଦ୍ଧ ଜିଲ୍ଲାର ୩୭ଟି ସଂକୀର୍ତ୍ତନ ଦଳ ତାଲିକା ଓ ଦାବିପତ୍ର ପ୍ରଦାନ କରାଯାଇଛି । ଓଡ଼ିଶା ସରକାରଙ୍କ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନଙ୍କରେ ସମସ୍ତ ସଂକୀର୍ତ୍ତନ କଳାକାରଙ୍କୁ ଅନ୍ତର୍ଭୁକ୍ତ କରିବା ଓ ସରକାରୀ ଭାବେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଦାବି କରାଯାଇଛି । ବରିଷ୍ଠ ସଂକୀର୍ତ୍ତନ କଳାକାର କଳାକାରଙ୍କୁ ପେନସନ ପାଇଁ ମଧ୍ୟ ଦାବି କରା ଯାଇଥିଲା । ଅନୁଷ୍ଠାନ ତରଫରୁ ସଭାପତି କୈବର୍ତ୍ତ ଛତ୍ରିଆ ସମ୍ପାଦକ ଅନନ୍ତ କୁମ୍ଭାର, କାର୍ଯ୍ୟନୀର୍ବାହୀ ସଂଯୋଜକ ମଳୟ ରଞ୍ଜନ ଦୀପ କୋଷାଧ୍ୟକ୍ଷ ରଘୁନାଥ ଲୁହା, ଅର୍ଜୁନ ରଣା, ଜଗତରାମ ଜଗଦଲା, ଜଗଦୀଶ ବାଗ, ହରେନ୍ଦ୍ର ତରିଆ ସହ ବୌଦ୍ଧ ଜିଲ୍ଲାର ଶତାଧିକ ସଂକୀର୍ତ୍ତନ କଳାକାର ସାମିଲ ଥିଲେ ।

### ରବିବାର ବନ୍ଦ ରହୁଛି ପ୍ରାଣୀଧନ ସହାୟକ କେନ୍ଦ୍ର

## ତାଲା ପକାଇବାକୁ ଚେତାବନୀ ଦେଲେ ଗୋପାଳକ

ବୌଦ୍ଧ, ୯ ।୬(ସମିସ)

ଜିଲ୍ଲାରେ ଗୋ ପାଳନ ବୃଦ୍ଧି ପାଇଁ ରାଜ୍ୟ ସରକାର ଗୋପାଳକମାନଙ୍କୁ ସ୍ୱଳ୍ପ ସୁଧରେ ଋଣ, ଗୁହାଳ, ରିହାତିରେ ଦାନା ଆଦି ଦେଉଥିବା ବେଳେ ଏମାନଙ୍କ ଚିକିତ୍ସା ସୁବିଧା ପାଇଁ ପ୍ରାଣୀ ଧନ ଚିକିତ୍ସାଳୟ ଖୋଲାଯାଇଛି । ଏହି ପରିପ୍ରେକ୍ଷୀରେ ୧୯୭୦ ମସିହାରେ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କରେ ନାରାୟଣ ନଗର ପ୍ରାଣୀଧନ ସହାୟକ କେନ୍ଦ୍ର ସ୍ଥାପନ କରାଯାଇଥିଲା । ପ୍ରଥମେ ଏହା ଚାଳ ଛପର ଘରେ ଚାଲିଥିଲା । ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଭାଙ୍ଗି ଯିବାରୁ ୨୦୧୮ ମସିହାରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ କୋଠା ନିର୍ମାଣ କରାଗଲା । ଏହି କେନ୍ଦ୍ର ଉପରେ ୪ ଟି ପଞ୍ଚାୟତର ଅଞ୍ଚଳର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଗ୍ରାମର ଗୋପାଳକ ନିର୍ଭର କରୁଛନ୍ତି । ୨୦୨୨ ଜୁନରୁ ଏଠାରେ ଥିବା ପ୍ରାଣୀଧନ ନିରୀକ୍ଷକ ସୂର୍ଯ୍ୟକାନ୍ତ ମେହେରଙ୍କ ଅନ୍ୟତ୍ର ବଦଳି ହେବାପରେ ମୁଣ୍ଡାପଡ଼ା ପ୍ରାଣୀ ନିରୀକ୍ଷକ ସୌଭାଗ୍ୟ ପ୍ରଧାନଙ୍କ କେନ୍ଦ୍ର ଦାୟିତ୍ୱରେ ଥିଲେ । ତେବେ ଅକ୍ଟୋବର ମାସରେ ଏଠାରେ ନୂତନ ପ୍ରାଣୀ ନିରୀକ୍ଷକ ଯୋଗ ଦେଇଥିଲେ ମଧ୍ୟ ପ୍ରାଣୀଧନ ସହାୟକ କେନ୍ଦ୍ର ଖୋଲୁ ନଥିବାରୁ ପ୍ରାଣୀପାଳକମାନେ ଆସି ଘଣ୍ଟା ଘଣ୍ଟା ଧରି ଜଗି ହଇରାଣ ହେବା ସହ ଘରୋଇ ଚିକିତ୍ସା କରି ଖର୍ଚ୍ଚାନ୍ତ ହେଉଛନ୍ତି । ତେବେ ୨୦୨୫ ଜାନୁଆରୀ ମାସରୁ ଏହି କେନ୍ଦ୍ରର ଅଭିଲିପ୍ସା ଦାସ ଅନ୍ୟ ଚାକିରି ପାଇବାରୁ ସେହିଦିନ ଠାରୁ ଏହି କେନ୍ଦ୍ର ଖାଲି ପଡ଼ିଛି । ଏବଂ ଅତିରିକ୍ତ ଦାୟିତ୍ୱ ଶ୍ରୀ ପ୍ରଧାନଙ୍କୁ ଦିଆଯାଇଛି । ତେବେ ମୁଣ୍ଡାପଡ଼ା, ତେଲିବନ୍ଧ ଓ ନାରାୟଣ ନଗର (ଜହ୍ନାପଙ୍କ) କେନ୍ଦ୍ର ଦାୟିତ୍ୱରେ ଥିବାରୁ ସମୟ ଦେଇ ପାରୁନ ଥିବାରୁ ରବିବାର ଏହି ପ୍ରାଣୀ ସହାୟକ କେନ୍ଦ୍ର ବନ୍ଦ ରହୁଛି । ଫଳରେ ଗୋପାଳକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏନେଇ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ କଣ ହେଉଛି ମୁଁ ବୁଝୁଛି ବୋଲି ଉତ୍ତର ଦେଇଥିଲେ । ଯଦି ନିୟମିତ କେନ୍ଦ୍ର ନଖୋଲେ ତେବେ ଅଞ୍ଚଳର ଗୋପାଳକମାନେ କେନ୍ଦ୍ରରେ ତାଲା ପକାଇ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଅର୍ଥ ଅଭାବରୁ ହୋଇପାରିଲାନି ଉପଯୁକ୍ତ ଚିକିତ୍ସା

# ଚାଲିଗଲା ଭବିନଙ୍କ ଜୀବନ

**କଲମପୁର, ୯ ।୬ (ସମସ):** କଳାହାଣ୍ଡି ଜିଲ୍ଲା କଲମପୁର ଥାନା ମଣ୍ଡଳ ପଞ୍ଚାୟତ ଅନ୍ତର୍ଗତ ଭାଟିଗାଁର ଭବିନ ପ୍ରଧାନୀ ୩ ମାସ ଧରି ଜୀବନ ସହ ସଂଗ୍ରାମ କରି ଶେଷରେ ହାରି ଯାଇଛନ୍ତି । ଗତ ମାର୍ଚ୍ଚ ୧୦ ତାରିଖରେ ବାଇକ୍ ବାଇକ୍ ମୁହାଁମୁହି ଧକ୍କା ହେବାରୁ ଗୁରୁତର ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ବିଭିନ୍ନ ଡାକ୍ତରଖାନାରେ ପରିବାର ଲୋକେ ଚିକିତ୍ସା କରିଥିଲେ । ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନ ଆସିବାରୁ ଶେଷରେ ରାୟପୁରର ଏକ ଘରୋଇ ମେଡିକାଲରେ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ସ୍ୱାସ୍ଥ୍ୟ ବୀମା କାର୍ଡରୁ ସବୁତକ ଟଙ୍କା ଶେଷ ହୋଇ ଯାଇଥିଲା । ନିଜସ୍ୱ ସମ୍ବଳ ନ ଥିବାରୁ ତାଙ୍କୁ ଅଧିକ ଚିକିତ୍ସା କରାଇ ନ ପାରି ପରିବାରଲୋକ ଘରକୁ ଫେରାଇ ଆଣିଥିଲେ । ଅର୍ଥାଭାବରୁ ପୁଣି ଭଲ ଡାକ୍ତରଖାନାରେ ଚିକତ୍ସା କରିବା ତାଙ୍କ ପକ୍ଷେ ସମ୍ଭବ ହେଲା ନାହିଁ।ବାଧ ହୋଇ ଭଗବାନ ଭରସାରେ ଘରେ ରଖିଲେ ।ଚିକିତ୍ସା ସୁବିଧା ଯୋଗାଇଦେବାକୁ ଜିଲ୍ଲାପାଳଙ୍କ ଠାରେ ଗୁହାରି କରିଥିଲେ । ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ନଗଦ ୨୦ ହଜାର ଟଙ୍କା ଦେବା ବ୍ୟବସ୍ଥା କରିଥିବା ବେଳେ ଚିକିତ୍ସା ସହାୟତା ପାଇଁ ଆଉ ୩ ଲକ୍ଷ ଟଙ୍କା ଯୋଗାଇବା ପାଇଁ ସରକାରଙ୍କ ନିକଟରେ ଆବେଦନ କରିବେ ବୋଲି କହିଥିଲେ । ଆଉ ମଧ ତାଙ୍କ ପୁଅ ଝିଅଙ୍କୁ ପାଠପଢ଼ା କ୍ଷେତ୍ରରେ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରାଇଥିଲେ । ଇତି ମଧରେ କଲମପୁରରୁ ସ୍ୱାସ୍ଥ୍ୟ ବିଭାଗ ଟିମ୍ ରୋଗୀଙ୍କୁ ଚିକିତ୍ସା ପାଇଁ ନେବାକୁ କହିଥିଲେ । କିନ୍ତୁ ରୋଗୀଙ୍କ ପରିସ୍ଥିତି ଅତି ସଙ୍କଟାପନ୍ନ ଏବଂ ସ୍ଥାନୀୟ ଡାକ୍ତରଖାନା ଚିକିତ୍ସା କରାଇଲେ କୌଣସି ଫଳପ୍ରଦ ହେବ ନାହିଁ ବୋଲି ପରିବାର ଲୋକେ ମନା କରିଦେଇଥିବାରୁ ତାହା ହୋଇ ପାରିଲା ନାହିଁ। ତେବେ ଡାକ୍ତରି ଟିମ୍ ଆସିବାର ୪ ଦିନ ପରେ ରୋଗୀଙ୍କ ମୃତ୍ୟୁ ହୋଇ ଯାଇଛି । ପରିବାର ସମ୍ମୁଖରେ ଭବିନ ଛଟପଟ ହୋଇ ଜୀବନ ହାରିଛନ୍ତି । ରୋଜଗାରକ୍ଷମ ପରିବାର ମୁଖ୍ୟ ଥିଲା ଭବିନ । ତାଙ୍କ ମୃତ୍ୟୁ ପରେ ବୃଦ୍ଧ ବାପା ମା, ଚାରି ପୁଅଝିଅ ଏବଂ ସ୍ତ୍ରୀ ଭାଗ୍ୟଶିନୀ ବେସାହାରା ହୋଇ ପଡ଼ିଛନ୍ତି । ଭବିନଙ୍କ ମୃତ୍ୟୁ ପରେ ପରିବାର ମର୍ମାହତ ହୋଇପଡ଼ିଛନ୍ତି । ପତ୍ନୀ ଭାଗ୍ୟଶିନୀ (୩୦)ଙ୍କ ଉପରେ ଏବେ ପରିବାର ବୋଝ ଅଜାଡି ହୋଇ ପଡ଼ିଛି । ପରିବାରକୁ ସରକାର ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

### ଉତ୍କଟ ରୂପ ନେଇଛି ପାନୀୟଜଳ ସମସ୍ୟା

# ବିଡିଓଙ୍କୁ ଭେଟିଲେ ଭଟାଗୁଡାପଡ଼ାର ମହିଳା






**ଥୁଆ ମୂଳରାମପୁର, ୯ ।୬(ସମିସ)**

ସରକାର ପ୍ରତ୍ୟେକ ଲୋକଙ୍କ ଘରକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଏଥିପାଇଁ ସ୍ୱତନ୍ତ୍ର ବିଭାଗ ମଧ କାର୍ଯ୍ୟ କରୁଛି । ହେଲେ ଅନେକ ଅଞ୍ଚଳ ଲୋକଙ୍କ ପାଇଁ ବିଶୁଦ୍ଧ ପାଣି ସ୍ୱପ୍ନ ପାଲଟିଛି । ଲୋକେ ଚିରାଚରିତ ଅବସ୍ଥାରେ ଦୂଷିତ ନାଳ, ଝରଣାର ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ପଡୁଛନ୍ତି । ସରକାରଙ୍କ ବ୍ୟବସ୍ଥାରେ କେଉଁଠି ନଳକୂପ ଅଛି ତ ପାଣି ନାହିଁ ତ ପୁଣି କେଉଁଠି ପାଣି ଅଛି ହେଲେ ବ୍ୟବସ୍ଥିତ ଯୋଜନା ନାହିଁ। ଲକ୍ଷ ଲକ୍ଷ ଟଙ୍କାର ପ୍ରକଳ୍ପ ନିର୍ମାଣ କରାଯାଉଛି ହେଲେ ସେଗୁଡିକ ମଧ କିଛି ଇଲାକାରେ ପ୍ରହସନ ପାଲଟିଛି । ଯାହାର ଉଦାହରଣ ପ୍ରାୟତଃ ଗ୍ରାମାଞ୍ଚଳରେ ରହିଥିବା ଅନେକ ନଜିର ରହିଛି ।କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ପଞ୍ଚାୟତର ପୋଖରୀଗୁଡା ଗ୍ରାମର ଭଟାଗୁଡାପଡ଼ାରେ ଏଭଳି ସମସ୍ୟା ଦୀର୍ଘ ବର୍ଷରୁ ରହି ଆସିଛି । ଏଠାରେ ଉତ୍କଟ ରୂପ ନେଇଛି ପାନୀୟଜଳ ସମସ୍ୟା । ଶତାଧିକ ପରିବାର ବସବାସ କରୁଥିବା ଏହି ପଡ଼ାରେ ସରକାର ୩ଟି ନଳକୂପ ବ୍ୟବସ୍ଥା କରିଛନ୍ତି । ତନ୍ମଧ୍ୟରୁ ଗୋଟିଏ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ରହିଥିବା ବେଳେ ଅନ୍ୟ ଦୁଇଟି ନଳକୂପରୁ ଆବଶ୍ୟକତା ଅନୁଯାୟୀ ପାଣି ବାହାରୁ ନାହିଁ। ଫଳରେ ପଡ଼ାବାସୀ ନିକଟସ୍ଥ ନାଳ, ଝରଣାର ଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି । ବିଶୁଦ୍ଧ ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଛନ୍ତି ପଡ଼ାବାସୀ । ଦୀର୍ଘ ବର୍ଷରୁ ଏହି ସମସ୍ୟା ରହିଆସି ଥିଲେ ମଧ ପ୍ରଶାସନ ତରଫରୁ ଆଜି ପର୍ଯ୍ୟନ୍ତ କୌଣସି ବିକଳ୍ପ ପଦକ୍ଷେପ ନିଆଯାଇନଥିବା ଜଣାପଡ଼ିଛି । ଗ୍ରାମପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲା ପ୍ରଶାସନର ଚରମ ଅବହେଳା ରହିଥିବା ପ୍ରକାଶ କରିଛନ୍ତି ପଡ଼ାବାସୀ । ପାଣି ପାଇଁ ଡହଳ ବିକଳ ହେଉଥିବା ପଡ଼ାର ମହିଳାମାନେ ସୋମବାର ଥୁଆମୂଳ ରାମପୁର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

### ମଶାଣିମୁଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟ

# ପକ୍କା ରାସ୍ତା ନିର୍ମାଣ ଦାବି



**କେସିଙ୍ଗା, ୯ ।୬(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ମଶାଣିମୁଣ୍ଡାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୬ -୧୭ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲିଛି । ବର୍ତ୍ତମାନ ବିଦ୍ୟାଳୟରେ ପ୍ରାୟ ୫୦୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି । ଦୂର ଦୁରାନ୍ତର ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲର ବ୍ୟବସ୍ଥା ରହିଛି । ହେଲେ କେସିଙ୍ଗା ଆଖପାଖ ଗାଆଁର ଛାତ୍ରଛାତ୍ରୀ ପ୍ରତ୍ୟେକ ଦିନ ସାଇକଲରେ ନ ହେଲେ ଅଭିଭାବକମାନେ ନିଜେ ପିଲାଙ୍କୁ ନେବା ଆଣିବା କରିଥାନ୍ତି । ଗତ ସରକାର ଅମଳରେ ୫ଟି ରୂପାନ୍ତରିତ ଯୋଜନାରେ ସାମିଲ କରାଯାଇ ଅନେକ ବିଲ୍ଡିଙ୍ଗ ସମେତ ଭିତ୍ତିଭୂମିର ବିକାଶ କରାଯାଇଛି । ବର୍ତ୍ତମାନ ଅନେକ ବିଲ୍ଡିଙ୍ଗ କାମ ଚାଲୁଥିବା ଦେଖିବାକୁ ମିଳୁଛି । ବହୁତ କିଛି ଭିତ୍ତିଭୂମିର ବିକାଶ ହେଉଥିଲେ ମଧ ଆଜି ପର୍ଯ୍ୟନ୍ତ ଦୀର୍ଘ ୮ ବର୍ଷ ପରେ ମଧ ଆରଡି ରାସ୍ତା ଠାରୁ ପ୍ରାୟ ଏକରୁ ଦେଢ କିଲୋମିଟର ରାସ୍ତା କଚା ଅଛି । ଯେମିତି ସେମିତି ବର୍ଷକୁ ଆଠ ମାସ ବିତିଯାଉଥିଲେ ମଧ ୪ ମାସ ଅତି କଲବଲରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯିବା ଆସିବା କରିଥାନ୍ତି । କଚା ରାସ୍ତା ହୋଇଥିବାରୁ କାଦୁଅ ପଚ ପଚ ରାସ୍ତାରେ ଅନେକ ସମୟରେ ଛୋଟ ବଡ଼ ସମସ୍ୟା ଉପୁଜୁଥିବା ଅଭିଯୋଗ ହୋଇଛି । ଅନେକ ସମୟରେ ବିଦ୍ୟାଳୟର ଅନେକ କାର୍ଯ୍ୟକ୍ରମରେ ଜିଲ୍ଲାର ବଡ଼ ବଡ଼ ଅଧିକାରୀଙ୍କ ସମେତ ସ୍ଥାନୀୟ ଅଧିକାରୀମାନେ ସେହି ରାସ୍ତାରେ ଯିବା ଆସିବା କରୁଥିଲେ ମଧ କାହାର ଦୃଷ୍ଟି ନ ପଡ଼ିବା ଦୁଃଖର ବିଷୟ ବୋଲି ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ବର୍ତ୍ତମାନ ଖରା ଛୁଟି ସରିବାକୁ ବସିଲାଣି ଆଉ କେଇଟା ଦିନ ପରେ ସ୍କୁଲ ଖୋଲିବା ସହିତ ବର୍ଷା ଋତୁ ମଧ ଆରମ୍ଭ ହୋଇଯିବ । ପୁଣି ଯୋଉ ସମସ୍ୟାକୁ ସେହି ସମସ୍ୟା ଉପୁଯିବ ଛୁଟି ସମୟରେ ରାସ୍ତା କାମ କାହିଁକି କରାଗଲା ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସରକାରଙ୍କ ସୁଦୃଷ୍ଟି ଆଦର୍ଶ ବିଦ୍ୟାଳୟର ରାସ୍ତା ଉପରେ ପଡ଼ିବ ଦେଖିବାକୁ ବାକି ରହିଲା ।

# ଜୈନମନ୍ଦିର ନିର୍ମାଣ ପାଇଁ ଭୂମିପୂଜା

**କେସିଙ୍ଗା, ୯ ।୬(ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଠାରେ ଭବ୍ୟ ଦିଗମ୍ବର ଜୈନ ମନ୍ଦିର ପାଇଁ ଭୂମିପୂଜା କାର୍ଯ୍ୟକ୍ରମ ଜୈନ ସମାଜର ପୂଜ୍ୟ ଗୁରୁଦେବ ପୂଜ୍ୟ ଆଗମସାଗର ଜି ମହାରାଜଙ୍କ କରକମଳରେ ଅନୁଷ୍ଠିତ ହୋଇ ଯାଇଛି । ୩୦ ଡିସିମିଲ ଜମିରେ ସୁନ୍ଦର ଓ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଜୈନ ସମାଜ ପକ୍ଷରୁ ସ୍ଥିର କରାଯାଇଛି । ଭୂମିପୂଜନ ସମୟରେ କେବଳ ଜୈନ ସମାଜ ନୁହେଁ ବରଂ କେସିଙ୍ଗା ଅଞ୍ଚଳରେ ଥିବା ସମଗ୍ର ଅଗ୍ରୱାଲ ସମାଜ ମନ୍ଦିର ନିର୍ମାଣରେ ସହଯୋଗ ପାଇଁ ହାତ ବଢ଼ାଇଛନ୍ତି । ଭୂମିପୂଜନ ସ୍ଥାନରେ ଦୁଇ ଜଣ ବ୍ୟକ୍ତି ଦାନ ସ୍ୱରୂପ ମନ୍ଦିର ନିର୍ମାଣ ପାଇଁ ୨୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଥିବା ବେଳେ ମନ୍ଦିରରେ ଧ୍ୱଜାରୋହଣ ପାଇଁ ଜଣେ ଶ୍ରଦ୍ଧାଳୁ ୫ ଲକ୍ଷ ୫୧ ହଜାର ଟଙ୍କା ପ୍ରଦାନ କରିଛନ୍ତି । ସେହିପରି ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଶ୍ରଦ୍ଧାଳୁ ୧୧ ଶହ ଟଙ୍କା ଲେଖାଏ ମନ୍ଦିର ନିର୍ମାଣ ପାଇଁ ଟଙ୍କା ଦାନ କରିଛନ୍ତି ।



# ଶ୍ରୀମଦ ଭାଗବତ ପାରାୟଣ

**ବୀରମହାରାଜପୁର, ୯।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସ୍ଥିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିସରରେ ବ୍ରାହ୍ମଣଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଦାସ କୃତ ଶ୍ରୀମଦ୍‌ଭାଗବତ ମହାପୁରାଣ ପାରାୟଣ ଅନୁଷ୍ଠିତ ହୋଇଯାଇଛି । କର୍ତ୍ତା ଭାବେ ଯୁଗଳ କିଶୋର ମିଶ୍ର ଓ ମେନକା ମିଶ୍ର ଦାୟିତ୍ୱ ତୁଲାଇ ଥିଲେ । ବ୍ରାହ୍ମଣ ମାନେ ଶ୍ରୀମଦ୍‌ଭାଗବଦ୍ ମହାପୁରାଣ ସମ୍ପୂର୍ଣ୍ଣ ପାଠ କରିବା ସହିତ ବିଷ୍ଣୁ ସହସ୍ରନାମ, ଗୋପାଳ ସହସ୍ରନାମ ଏବଂ ହନୁମାନ ଚାଳିଶା ମଧ ପାଠ କରିଥିଲେ । ବାଳକୃଷ୍ଣ ପୁରୋହିତ ପୂଜା କର୍ମ ସହିତ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ ଓ ବିଶ୍ୱାମିତ୍ର ଚାନ୍ଦ ସହଯୋଗ କରିଥିଲେ । ସତ୍ୟ ନାରାୟଣ ଚାନ୍ଦ ଭାଗବତର ସୂଚୀ ଅଧ୍ୟାୟ ପାଠ କରିଥିଲେ । କାର୍ଯ୍ୟକ୍ରମରେ ସନ୍ୟାସୀ ଶତପଥୀ, ଶ୍ରୀନିବାସ ନାୟକ, ଡ.ଦ୍ୱିତୀକୃଷ୍ଣ ପଣ୍ଡା, ସୂର୍ଯ୍ୟ ନାରାୟଣ ପଣ୍ଡା, ଗୋପୀନାଥ ଚାନ୍ଦ, ପିତବାସ ପଣ୍ଡା, ସନ୍ତୋଷ ଚାନ୍ଦ, ଗଣେଶ ହୋତା, କୃଷ୍ଣ ଚନ୍ଦ୍ର ପାଢ଼ୀ, ବାସୁଦେବ ରଥ, ଦିଲ୍ଲୀପ ତ୍ରିପାଠୀ, ନିତ୍ୟାନନ୍ଦ ତ୍ରିପାଠୀ, ଅକ୍ଷୟ ଦାଶ, ମାଗୁଣି ଦାଶ, ଦାମୋଦର ମିଶ୍ର, ନରେନ୍ଦ୍ର ଚାନ୍ଦ, ବନମାଳୀ ପଣ୍ଡା, ବୁଲୁ ଶତପଥୀ, ଦିଲ୍ଲୀପ ମିଶ୍ର, ରମାକାନ୍ତ ପୁରୋହିତ, ଶିବରମଣ ପଣ୍ଡା, ପଞ୍ଚାନନ ପାଣିଗ୍ରାହୀ ପ୍ରମୁଖ ଗ୍ରନ୍ଥ ପାଠ କରିଥିବା ବେଳେ ଶଙ୍କର ମେହେର, ରାଜେଶ ପାଣିଗ୍ରାହୀ, ଲବ ମେହେର, ରାଜେନ୍ଦ୍ରରଥ, ସୁରେଶ ମେହେର, ଜୟ ତ୍ରିପାଠୀ, ଶମ୍ଭୁ ପ୍ରସାଦ ମେହେର, ଗିରିଧାରୀ ହୋତା, ମାନ ଭଞ୍ଜନ ମିଶ୍ର, ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ଓ ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି ଶ୍ରୀ ଜଗନ୍ନାଥ ମନ୍ଦିର ପରିସର ବୁଲି ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ ।



# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଦେବଗଡ଼, ୯ ।୬(ସମିସ):** ତିଲେଇବଣି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୧୯ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧରେ ୧୨ଟି ବ୍ୟକ୍ତିଗତ ଏବଂ ୭ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ବିଶେଷ କରି ସୁଭଦ୍ରା ଯୋଜନା, ନୂତନ ରାସନକାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ଜାଗା ଚିହ୍ନଟ, ପାନୀୟଜଳ ସମସ୍ୟା ସମାଧାନ ପାଇଁ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡ଼ିକ ଶୁଣିବାପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ ଚୋପଦାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ତହସିଲଦାର କର୍ଣ୍ଣ ମଲ୍ଲିକ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।




# ଏକଦିବସୀୟ କ୍ରିକେଟ ପ୍ରତିଯୋଗିତା; ଗୌଡ଼ପଡ଼ା ଜୁନିଅର ଦଳ ବିଜୟୀ



**କୋଲାବିରା, ୯ ।୬(ସମିସ):** ସ୍ୱାସ୍ଥ୍ୟପାଇଁ ଖେଳକୁଦ ଏକ ଅଭିନ୍ନ ଅଙ୍ଗ ବୋଲି ଅଭିହିତ କରି ଖେଳ ସହିତ ଯୋଗ ପ୍ରତି ମଧ ଧ୍ୟାନଦେବା ଅପରିହାର୍ଯ୍ୟ ବୋଲି ଏକ ଦିବସୀୟ କ୍ରିକେଟ ପ୍ରତିଯୋଗିତା ଅବସରରେ ଦାସ ସ୍ପୋର୍ଟ୍ସର ନିର୍ଦ୍ଦେଶକ ପପୁନ ଦାସ୍ କହିଛନ୍ତି । ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ସତ୍ୟ ନାରାୟଣ ଦାଶ, ସମ୍ମାନିତ ଅତିଥି ଭାବେ ଓାର୍ଡସଭ୍ୟ ସ୍ମୃତି ରଞ୍ଜନ ରାଏ, ସମାଜସେବୀ ବରିଷ୍ଠ ନାଗରିକ ଶଚିଦାନନ୍ଦ ସିଂହ ଠାକୁର ପ୍ରମୁଖ ଯୋଗଦେଇ ଥିଲେ । ଫାଇନାଲ ମ୍ୟାଚ୍ ଗୌଡ଼ପଡ଼ା ଏବଂ ଜମିଦାରପଡ଼ା ମଧ୍ୟରେ ହୋଇଥିବାବେଳେ ଜମିଦାରପଡ଼ା ମୋଟ ୧୫୭ ରନ ସଂଗ୍ରହ କରିପାରିଥିଲା । ଗୌଡ଼ପଡ଼ା ଦଳ ବିଜୟ ହାସଲ କରିଥିଲା । ଏହି ପ୍ରତିଯୋଗିତାରେ ନୂଆପଡ଼ା, ଗୌଡ଼ପଡ଼ା, ଜମିଦାରପଡ଼ା, କୁମ୍ଭାରପଡ଼ା, ତରେଇକେଲା, ଗଡ଼ଭିତର ଆଦି ୬ଟି ସ୍ଥାନୀୟ ଦଳଭାଗ ନେଇଥିଲେ । ସମସ୍ତ ଦଳର ଖେଳାଳିଙ୍କ ବୟସ ସୀମା ୧୦ ରୁ ୧୨ ବର୍ଷ ମଧ୍ୟରେ ରହିଥିଲା । ପ୍ରତିଯୋଗିତାରେ ମ୍ୟାନ ଅଫ୍ ଦି ମ୍ୟାଚ ଭାବରେ ଅଙ୍କନ ସୁନାନୀଙ୍କୁ ପୁରସ୍କୃତ ହୋଇଥିଲେ । ଅତିଥିଗଣ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ । ଅଶୋକ ସିଂହ ଓ ମୁକେଶ ରାଏ ପରିଚାଳନା କରିଥିବାବେଳେ ସୁବ୍ରତ ଦାଶ, ରବୀନ୍ଦ୍ର ମହାପାତ୍ର, ଅଜିତ କୁଅଁରଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ ।

### ନିମ୍ନମାନର ପେଭର ବ୍ଲକ୍ ରାସ୍ତା କାମ

# ବର୍ଷେ ନପୂରୁଣୁ ଜରାଜୀର୍ଣ୍ଣ

**ମ.ରାମପୁର, ୯ ।୬(ସମିସ)**



କଳାହାଣ୍ଡି ଜିଲ୍ଲା ମ.ରାମପୁର ପଞ୍ଚାୟତ ସମିତିରେ ଚାଲିଥିବା ଉନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳୁଛି । ଯେଉଁ ସ୍ଥାନରେ ଲୋକ କି ପଶୁପକ୍ଷୀଙ୍କ ଗତାଗତ ନଥାଏ ସେହି ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କାର ରାସ୍ତା କାମ ଦର୍ଶାଯାଉଛି । ଯାହା ଅନିୟମିତତାକୁ ପଦାରେ ପକାଇଛି । ମ. ରାମପୁର ପଞ୍ଚାୟତ ବିପଣ ଗୃହ ପଛପଟେ ଅର୍ଥାତ ହରିହର ସାଗର ଆଡିରେ । ଶିବ ପଟ୍ଟନାୟକଙ୍କ ଘର ଠାରୁ ଶୌଚାଳୟ ପର୍ଯ୍ୟନ୍ତ କେଉଁ ସ୍ୱାର୍ଥରେ ୨୦ଲକ୍ଷ ଟଙ୍କାର ପେଭର ବ୍ଲକ ରାସ୍ତା କରାଗଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି କାମର ତଦନ୍ତ ହେବା ଆବଶ୍ୟକ । ଅନ୍ୟପକ୍ଷରେ ନିମ୍ନମାନର କାମ ଯୋଗୁଁ ବର୍ଷେ ନପୂରୁଣୁ ଜରାଜୀର୍ଣ୍ଣ ହୋଇଗଲାଣି ପେଭର ବ୍ଲକ ରାସ୍ତା । ଯନ୍ତ୍ରୀମାନଙ୍କ ଜ୍ଞାନକୌଶଳର ଅଭାବ ଯୋଗୁଁ ଉଠି ଯାଉଛି । ମିଥ୍ୟା ବିଲ ହୋଇଥିବା ମଧ ସନ୍ଦେହ କରାଯାଉଛି । ମ.ରାମପୁର ପଞ୍ଚାୟତ ସମିତି ଅଧୀନରେ ହେଉଥିବା ଉନ୍ନୟନ କାର୍ଯ୍ୟର ଭିଜିଲାନ୍ସସ୍ତରୀୟ ତଦନ୍ତ କରାଗଲେ ଅନେକ ଦୁର୍ନୀତି ପଦାକୁ ଆସିପାରିବ ବୋଲି ମତ ପ୍ରକାଶ ପାଇଛି । ସହକାରୀ ଯନ୍ତ୍ରୀ ଓ ଯନ୍ତ୍ରୀମାନେ କାର୍ଯ୍ୟ ଠିକ ସେ ତଦାରଖ କରୁନଥିବାରୁ ଠିକାଦାର ମାନେ ଠକୁଥିବା ଅଭିଯୋଗ ହେଉଛି । ଘରେ ବସି ଚେକ୍ ମେଜର ମେଣ୍ଟ କରି ପକେଟ ଗରମ କରୁଥିବା ମଧ ଅଭିଯୋଗ ହେଉଛି । ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଆମକୁ ନେତାମାନେ ଯେଉଁଠି କହୁଛନ୍ତି ସେଠି କାମ କରୁଛୁ ବୋଲି କହିଛନ୍ତି ।

# ରବି ଧାନକ୍ରୟ କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ



**ବୌଦ୍ଧ, ୯ ।୬(ସମିସ):** ବୌଦ୍ଧ ପାକ୍ସ ପକ୍ଷରୁ ମାଉଲସିଙ୍ଗା ହାଇସ୍କୁଲ ନିକଟ ପଡ଼ିଆରେ ଚାଲିଥିବା ରବି ଧାନ କ୍ରୟ କେନ୍ଦ୍ରର ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା । ଜିଲ୍ଲାପାଳ ଶ୍ରୀ ପଣ୍ଡା ଧାନ କ୍ରୟ କେନ୍ଦ୍ରରେ ପହଞ୍ଚି ଟୋକନ ପାଇ ଧାନ ବିକ୍ରୟ ପାଇଁ ଆସିଥିବା ଚାଷୀଙ୍କ ସହ ଆଲୋଚନା କରିଥିଲେ । ଧାନ କ୍ରୟ କେନ୍ଦ୍ରରେ ଚାଷୀଙ୍କ ପାଇଁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଇବା ଓ ଆସନ୍ନ ବର୍ଷାରୁ ଚାଷୀଙ୍କ ଧାନକୁ ସୁରକ୍ଷିତ ରଖିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଧାନକ୍ରୟ କେନ୍ଦ୍ର ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ସମବାୟ ସମିତି ସମୁହର ଉପ ନିବନ୍ଧକ ଗିରିଶ ଚନ୍ଦ୍ର ପୁରୋହିତ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ବୌଦ୍ଧ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ସତ୍ୟଜିତ କୁମାର ପଣ୍ଡା, ସମ୍ପାଦକ ସତ୍ୟଜିତ କର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

■ ରଥଖଳାରୁ...

## ପ୍ରଥମ ଭୂଇଁ ଫ୍ରେମ ନିର୍ମାଣ ଶେଷ



ପୁରୀ, ୯।୬(ସମିସ): ପାଖେଇ ଆସିଲା ରଥଯାତ୍ରା। ଆଉ ମାତ୍ର ୧୭ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ଚଳଚଞ୍ଚଳ ରଥଖଳା। ମଙ୍ଗଳବାର ତିନିରଥରେ ମୋଟ ୪୪ଟି ଯୋଖା ଫିଟିଙ୍ଗ୍ କରାଯାଇଛି। ରବିବାର କାମ ଶେଷ ହେବା ପୂର୍ବରୁ ଭୋଇ ସେବକମାନେ ତିନି ରଥର ନିର୍ମାଣ ଯୋଖାଗୁଡ଼ିକୁ ନେଇ ପ୍ରତ୍ୟେକ ରଥରେ ଡେରିଥିଲେ। ସୋମବାର ଏହି ଯୋଖାଗୁଡ଼ିକ ଫିଟିଙ୍ଗ୍ କରାଯାଇଛି। ଭୋଇ ସେବକମାନେ ରଥ ଚାଳିକୁ ଗାରେଡ଼ି ପାଇଁ ୧୨ ଫୁଟିଆ ଅସନ କାଠ ଯୋଗାଇଦେଇଛନ୍ତି। ଗୋଟିଏ ରଥରେ ୮ଟି ଲେଖାଏଁ ଗାରେଡ଼ି ଲଗାଯାଇଥାଏ। ଏହାସହ ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ତିନିରଥ ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ ପ୍ରତ୍ୟେକ ରଥର ପ୍ରଥମ ଭୂଇଁ ଫ୍ରେମ ନିର୍ମାଣ ଶେଷ ହୋଇଛି। ଏଥିସହ ଏହି ଫ୍ରେମର ବିଭିନ୍ନ ଅଂଶଗୁଡ଼ିକର ନମ୍ବରିଂ କାର୍ଯ୍ୟ ସରିଛି। ମଙ୍ଗଳବାର ଏହାକୁ ଖୋଲାଯାଇ ସାଇତା ଯାଇ ଦ୍ୱିତୀୟ ଭୂଇଁ ପଡ଼ିବ। ରୂପକାର ସେବକମାନେ ତିନି ରଥ ଦ୍ୱାର ବେଢ଼ାରେ ଲାଗିବା ପାଇଁ ନାଟ ଗୋଡରେ ରାହୁ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ପୋଟଳ ନିର୍ମାଣ ପାଇଁ ଜଂଘା କଣ୍ଟା, ବାଗିଆ କଣ୍ଟା, ଗୋଡ଼ି ଛାଲ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

### ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

# ପୁରୀକୁ ଗଡ଼ିବ ୩୬୫ ସ୍ୱତନ୍ତ୍ର ଟ୍ରେନ୍, ୨୫୦ ବସ୍




ପୁରୀ, ୯।୬(ସମିସ): ରଥଯାତ୍ରା ପାଇଁ ରେଳ ବିଭାଗ ପକ୍ଷରୁ ପୁରୀକୁ ୩୬୫ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଯାତ୍ରୀଙ୍କ ସୁବିଧା ପାଇଁ ଅତିରିକ୍ତ ଟିକଟ୍ କାଉଣ୍ଟର୍ ଖୋଲାଯିବ। ସେହିପରି ପୁରୀକୁ ୨୫୦ ଅଧିକ ବସ୍ ଚଳାଚଳ କରିବ। ବସ୍ ଭଡ଼ାର ରେଟ୍ ଚାର୍ଟ ମଧ୍ୟ ପ୍ରଦର୍ଶିତ ହେବ। ରଥଯାତ୍ରା, ବାହୁଡ଼ା ଏବଂ ସୁନାବେଶ ପାଇଁ ତାଳବଣିଆରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ହେବ। ଏଠାରୁ ମାଗଣା ଅଟୋ ସେବା ଯୋଗାଇ ଦିଆଯିବ। ରଥଯାତ୍ରା ପାଇଁ ଟାଉନ୍ ହଲ୍ ପରିସରରେ ସୋମବାର ଅନୁଷ୍ଠିତ ଦ୍ୱିତୀୟ ସମନ୍ୱୟ ବୈଠକରେ ଏପରି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରି ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଏଜେଣ୍ଡା ଅନୁଯାୟୀ, ପ୍ରଥମେ ରଥକାଠ ଯୋଗାଣକୁ ନେଇ ତଥ୍ୟ ରଖିଥିଲେ ନୟାଗଡ଼ ଡିଏଫ୍‌ଓ। ଆବଶ୍ୟକତା ଅନୁଯାୟୀ, କାଠ ଯୋଗାଇ ଦିଆଯାଇଛି ବୋଲି କହିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଥନିର୍ମାଣ, ରଥଯାତ୍ରା ପାଇଁ ଆବଶ୍ୟକ ସାମଗ୍ରୀ, ଶୃଙ୍ଖଳିତ ନୀତିକାନ୍ତି ସେବକଙ୍କ ସହ ଆଲୋଚନା ଏବଂ ଗୁଣ୍ଡିଚା ମନ୍ଦିର ନବୀକରଣ କାମ ସମ୍ପର୍କରେ ସୂଚନା ଦେଇଥିଲେ। ଜୁନ୍ ୨୬ରୁ ଜୁଲାଇ ୯ ତାରିଖ ମଧ୍ୟରେ ରଥଯାତ୍ରାକୁ ଆସିଥିବା କୌଣସି ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ବ୍ୟକ୍ତିଙ୍କ ପିଛା ୫ ଲକ୍ଷ ଟଙ୍କାର ବୀମା କରାଯାଇଥିବା କହିଥିଲେ।

■ ବସ୍‌ଷ୍ଟାଣ୍ଡରୁ ବଡ଼ଦାଣ୍ଡ ଭକ୍ତଙ୍କୁ ମାଗଣା ଅଟୋରିକ୍ସା ସେବା
■ ତାଲା ପଡ଼ିଥିବା ଆଇସିୟୁ ବେଡ୍ କାର୍ଯ୍ୟକ୍ଷମ ଦାବି
■ ସହରରେ ଅଟୋ ଚାଳକଙ୍କ ମନମାନୀକୁ ନେଇ ଉଦ୍‌ବେଗ

ସେହିପରି ରଥଯାତ୍ରା ସମୟର ଆମ୍ବୁଲାନ୍ସ କରିଡର୍ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ଆଲୋଚନା ବେଳେ ନିଷ୍ପତ୍ତି ନିଆଯାଇଥିଲା। ଏହାବ୍ୟତୀତ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ସଦର ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଶଯ୍ୟାର ବ୍ୟବସ୍ଥା କରାଯିବ। ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିରିକ୍ତ ଶଯ୍ୟା, ଆମ୍ବୁଲାନ୍ସ, ୩୧ ଫାଷ୍ଟଏଡ୍ ସେଣ୍ଟର ହେବ। ଅଂଶୁଘାତର ମୁକାବିଲା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ସହ ୬ଟି ସ୍ୱତନ୍ତ୍ର ବେଡ୍ କରାଯିବ। ତେବେ ସଂକ୍ରାମକ ରୋଗ ଚିକିତ୍ସାଳୟ ପରିସରରେ ତାଲା ପଡ଼ିଥିବା ୨୦ଟି ଆଇସିୟୁ ବେଡ୍‌କୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଥିଲା।

ଅପରପକ୍ଷେ, ରଥଯାତ୍ରାକୁ ଆଉ ମାତ୍ର ୧୭ଦିନ ବାକି ଥିବା ବେଳେ ଏପର୍ଯ୍ୟନ୍ତ ଅଧିକାଂଶ ବିଭାଗର ପ୍ରସ୍ତୁତି ଅଧପନ୍ତରିଆ ପଡ଼ିଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିଶେଷକରି ସ୍ୱାସ୍ଥ୍ୟ, ପରିବହନ, ବିଦ୍ୟୁତ୍, ପୌରସଂସ୍ଥାର କାମକୁ ନେଇ ବେଶ୍ ଉଦ୍‌ବେଗ ପ୍ରକାଶ ପାଇଥିଲା। ବସ୍ ମାଲିକ ଏବଂ ସହର ଭିତରେ ଅଟୋଚାଳକଙ୍କ ମନମାନୀକୁ ନେଇ ମଧ୍ୟ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଥିଲେ।

ଏହି ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ତୁଷାରକାନ୍ତି ବେହେରା, ଆଶ୍ରିତ ପଟ୍ଟନାୟକ, ଓମପ୍ରକାଶ ମିଶ୍ର, ଉପାସନା ମହାପାତ୍ର ଓ ସୁନିଲ କୁମାର ମହାନ୍ତି ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ତଥା ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ଆଇନ ବିଭାଗ ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ବଜ୍ରପାତରେ ଗଲା ୩ ଜୀବନ

### ଫାଟିଗଲା କାନ୍ଥ, ଆଜବେଷ୍ଟସ୍; ୨ ଶିଶୁ ଗୁରୁତର

ପିପିଲି/ ଯାଁଳା/ ରଗଡ଼ି, ୯।୬(ସମିସ): ବଜ୍ରପାତ ଆଜି ରାଜ୍ୟରେ ୩ଜଣଙ୍କ ଜୀବନ ନେଇଛି। ପୁରୀ ଜିଲ୍ଲା ପିପିଲି ଅଞ୍ଚଳରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ଯାଁଳାରେ ଜଣେ ଯୁବକ ଏବଂ ଯାଜପୁର ଜିଲ୍ଲା କୋରୋଇ ଥାନା ଅଞ୍ଚଳରେ ଜଣେ ଟ୍ରକ୍ ଖଲାସୀଙ୍କ ମୃତ୍ୟୁ ଘଟିଛି।

ସୂଚନାନୁଯାୟୀ, ପିପିଲି କୁଳଶେଖର ପାଟଣା ମାଳିବରାହୀ ଗ୍ରାମର ସୁରେଶ ରାୟ(୫୫) ଆଜି ଅପରାହ୍ଣ ପ୍ରାୟ ୩ଟାରେ ଟ୍ରାକ୍ଟର୍ ନେଇ ଜମିକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ସେ ଚାଷଜମିରେ ହିଁ ଟଳି ପଡ଼ିଥିଲେ। ସେ ଧରିଥିବା ଛତାଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ବେଳେ ତାଙ୍କ ଛାତି ଓ ପେଟ ମଧ୍ୟ ସିଝିଯାଇଥିବା ଦେଖିବାକୁ ମିଳିଛି। ଖବର ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ସୁରେଶଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବଜ୍ରପାତରେ ଖୋର୍ଦ୍ଧା ଜିଲ୍ଲା ଗୁପ୍ତପଡ଼ାର ଦୁଃଶାସନ ନାଏକ (୨୮) ପ୍ରାଣ ହରାଇଥିବା ବେଳେ କନ୍ଦଳେଇ ଗ୍ରାମର ବାବୁଲି ଚତରଙ୍କ ପୁଅ ସମା ଚତର (୧୦) ଓ ଜେନା ବଇପାଇଙ୍କ ପୁଅ ସୁନୀଲ ଆହତ ହୋଇଛନ୍ତି। ସୋମବାର ଅପରାହ୍ଣରେ ହଠାତ୍ କାଳବୈଶାଖୀ ପ୍ରଭାବରେ ପାଣି ପବନ ମାଡି ଆସିଥିଲା। ସେହି ସମୟରେ ଦୁଃଶାସନ କୌଣସି କାମରେ କନ୍ଦଳେଇ ଗ୍ରାମକୁ ଆସିଥିଲେ। ଜୋର୍‌ରେ ବର୍ଷା ହେବାରୁ ସେ ଜଣଙ୍କ ବାରଣ୍ଡାରେ ଆଶ୍ରୟ ନେଇଥିଲେ। ଏହି ସମୟରେ ସେଠାରେ ଏକ ବଜ୍ରପାତ ହେବାରୁ ଦୁଃଶାସନ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ଠିକ୍ ୩/୪ ମିନଟ୍ ପରେ ଆଉ ଏକ ବଜ୍ରପାତ ହୋଇଥିଲା। ଏହା ଏତେ ଶକ୍ତିଶାଳୀ ଥିଲା ଯେ ଏଥିରେ ଗାଁର ଜେନା ବଇପାଇଙ୍କ ଘର କାନ୍ଥ ଓ ଆଜବେଷ୍ଟସ୍ ଫାଟି ଯାଇଥିଲା ଏବଂ ଘରେ ଖେଳୁଥିବା ତାଙ୍କ ପୁଅ ସୁନୀଲ ଓ ପଡ଼ୋଶୀ ଘରର ସମା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ମୃତାହତମାନଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡାକ୍ତର ସେଠାରେ ଦୁଃଶାସନଙ୍କୁ ମୃତ ଘୋଷଣା କରିଥିଲେ। ଆହତ ଶିଶୁଦ୍ୱୟ ଏବେ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ଚନ୍ଦକା ଥାନା ପୁଲିସ ଘଟଣାର ତଦନ୍ତ ଚଳାଇଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

ଅନ୍ୟ ଏକ ଘଟଣାକ୍ରମେ କୋରେଇ ଥାନା ଅନ୍ତର୍ଗତ ରଗଡ଼ି ଛକ ନିକଟ ମା' ବାଗେଶ୍ୱରୀ ହୋଟେଲ ନିକଟରେ ଆଜି ଏକ ବଜ୍ରପାତରେ ଜଣେ ଟ୍ରକ୍ ହେଲପରଙ୍କ ମୃତ୍ୟୁ ଘଟିଛି। ସେହିପରି ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଦିନ ପ୍ରାୟ ୨ଟା ବେଳେ ଏହି ଅଘଟଣ ଘଟିଥିଲା। ଖାଇବା ପାଇଁ ହୋଟେଲ ନିକଟରେ ଟ୍ରକ୍ ରଖି ଉଭୟ ସିମେଣ୍ଟ କୁଣ୍ଡରେ ଗାଧୋଉଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। କେନ୍ଦୁଝରରୁ ଲୁହାପଥର ଗୁଣ୍ଡ ଟ୍ରକ୍ ନେଇ ପାରାଦୀପ ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଛି। ମୃତକ ହେଲେ, ଅନୁଗୋଳ ଜିଲ୍ଲା ରେଙ୍ଗାଲି ଡ୍ୟାମ୍ ସାଇଟ୍ ଥାନା ବଜ୍ରକୋଟ ଗ୍ରାମର ଦିଲ୍ଲୀପ ନାୟକ (୨୪)। ଆହତ ଡ୍ରାଇଭର ହେଲେ କେନ୍ଦୁଝର ବାଂଶପାଳ ଥାନା କଲଣ୍ଡା ଗ୍ରାମର ପପୁ ଖୁଣ୍ଟିଆ(୨୭)।

## ବଜ୍ରପାତରେ ଫାଟିଲା ଜଗନ୍ନାଥ ମନ୍ଦିର ଦଧିନଉତି



ଭଦ୍ରକ, ୯।୬(ସମିସ): ଆଜି ମଧ୍ୟାହ୍ନରେ ବଜ୍ରପାତରେ ଭଦ୍ରକ ବ୍ଲକ ହରିପୁର ପଞ୍ଚାୟତ ହରିପୁର ଗ୍ରାମରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ଓ ଶିବ ମନ୍ଦିରରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ସୂଚନାନୁଯାୟୀ, ଶ୍ରୀଜଗନ୍ନାଥ ମନ୍ଦିରର ଦଧିନଉତିର ନିମ୍ନ ଭାଗ ଭାଙ୍ଗିଯାଇଛି। ସେହିଭଳି ଗାଁର ଶିବମନ୍ଦିର ଗର୍ଭଗୃହରେ ଶକ୍ତି ପରିସର ଭାଙ୍ଗି ଯାଇଛି। ମନ୍ଦିରର ସାଜସଜା ପାଇଁ ନିର୍ମିତ ନାଗ, ହାତୀଆଡ଼ି ମଧ୍ୟ ବଜ୍ରପାତରେ ଭାଙ୍ଗି ଯାଇଛି। ଏହାକୁ ନେଇ ସ୍ଥାନୀୟ ଭକ୍ତଙ୍କ ମଧ୍ୟରେ ଦୁଃଖର ଛାୟା ଖେଳିଯାଇଛି। ତୁରନ୍ତ ଏହାର ମରାମତି ଲାଗି ପୂଜକ ରଶ୍ମିରଞ୍ଜନ ମିଶ୍ର, ଗ୍ରାମବାସୀ ସୁରେନ୍ଦ୍ର ପ୍ରସାଦ ବାରିକ ଓ ସିଦ୍ଧେଶ୍ୱର ବାରିକ ପ୍ରମୁଖ ଦାବି କରିଛନ୍ତି।

**ଶିବ ଲିଙ୍ଗର ପରିସର ଫାଟିଲା**

### କପ୍ତିପଦା ଅତିରିକ୍ତ ତହସିଲଦାରଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

# ଶିକ୍ଷକଙ୍କ ସମେତ ୯ ବାଲିମାଫିଆ ଗିରଫ

ବାଲେଶ୍ୱର/କପ୍ତିପଦା, ୯।୬ (ସମିସ): କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ ଆକ୍ରମଣ ଓ ତାଙ୍କ ଗାଡ଼ି ଭଙ୍ଗାରୁଜା ଘଟଣାରେ ପୁଲିସ୍ ବର୍ତ୍ତମାନ ସୁଦ୍ଧା ୯ଜଣ ବାଲିମାଫିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ମଧ୍ୟରେ ଜଣେ ଶିକ୍ଷକ ଥିବା ଜଣାଯାଇଛି। ସେ ହେଲେ, କପ୍ତିପଦା ହାତୀମଣ୍ଡା ପ୍ରାଥମିକ ବିଦ୍ୟାଳୟର ଭବାନନ୍ଦ ନାୟକ। ତାଙ୍କୁ ଆଜି ପୁଲିସ୍ ପୁରୀ ଜିଲ୍ଲା ଅସ୍ତରଙ୍ଗରୁ ଉଠାଇ ଆଣିଛି। ତେବେ ଜଣେ ଶିକ୍ଷକ କିଭଳି ବାଲିମାଫିଆ ପାଲଟିଲେ ଏବଂ ଅତିରିକ୍ତ ତହସିଲଦାରଙ୍କ ଭଳି ଜଣେ ବରିଷ୍ଠ ଅଧିକାରୀଙ୍କୁ ଆକ୍ରମଣ କରିବାକୁ ସାହସ ଜୁଟାଇଲେ, ତାହା ଚର୍ଚ୍ଚାର ବିଷୟ ହୋଇଛି। ଅପରପକ୍ଷେ, ଏହି ଘଟଣାରେ ପୁଲିସ୍ ପୂର୍ବରୁ ୬ ଜଣଙ୍କୁ ଗିରଫ କରିଥିବା ବେଳେ ଗତକାଲି ଟାଟା ଜାମସେଦ୍‌ପୁରରୁ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଦୀପକ ପାଢ଼ୀ ଏବଂ ଅନନ୍ତ ଦାସ ଓରଫ୍ ଅଜୁକୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ ମୟୂରଭଞ୍ଜ, ଝାଡ଼ଖଣ୍ଡ ଓ ପୁରୀର ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବାଞ୍ଚଳ ପୁଲିସ ରେଞ୍ଜ ଡିଆଇଜି ଡ. ସତ୍ୟଜିତ ନାୟକ ଏହି ସୂଚନା ଦେଇଛନ୍ତି।

ଧରାପଡ଼ିଥିବା ଅଭିଯୁକ୍ତମାନଙ୍କ ବିରୋଧରେ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ, ଅତିରିକ୍ତ ତହସିଲଦାରଙ୍କୁ ହତ୍ୟା ଉଦ୍ୟମ, ସରକାରୀ କାମରେ ବାଧା ସୃଷ୍ଟି, ଆଇନଶୃଙ୍ଖଳା ପରିସ୍ଥିତି ନଷ୍ଟ ଓ କ୍ଷୁଣ୍ଣ କରିବା ପାଇଁ ଉଦ୍ୟମ ଭଳି ସଂଗୀନ ଦଫା ଲଗାଯାଇଛି ବୋଲି ଆଇଜି ସୂଚନା ଦେଇଛନ୍ତି। ବାକି ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨ ତାରିଖରେ କପ୍ତିପଦା ଥାନା ସମ୍ମୁଖରେ ଅତିରିକ୍ତ ତହଦସିଲଦାର ଶ୍ରୀ ମାଝୀଙ୍କୁ ଆକ୍ରମଣ କରାଯାଇଥିଲା। ୨୦ରୁ ଊର୍ଦ୍ଧ୍ୱ ବାଲିମାଫିଆ ତାଙ୍କୁ କାର୍‌ରୁ ଘୋଷାଡ଼ି ନେବା ସହ ସାର୍ଟ କଲର୍ ଧରି ମାଡ଼ ମାରିଥିଲେ। ଏହାସହ ତାଙ୍କ ଗାଡ଼ି ମଧ୍ୟ ଭଙ୍ଗାରୁଜା କରିଥିଲେ। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଥିଲା। ଘଟଣାକୁ ଗୁରୁତ୍ୱର ସହ ନେଇ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକଙ୍କ ନିର୍ଦ୍ଦେଶକ୍ରମେ ୪ଟି ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇ ବାଲି ମାଫିଆମାନଙ୍କୁ ଗିରଫ କରାଯିବା ପାଇଁ ଉଦ୍ୟମ କରାଯାଇଥିଲା।

# ଚିକିତ୍ସାଧୀନ ଦନ୍ତା ମୃତ




**ଶିକାରୀ ତୀରରେ ଘାଇଲା ହୋଇଥିଲା**

ଆନନ୍ଦପୁର, ୯।୬(ସମିସ): ଶିକାରୀ ତୀରମାଡ଼ରେ ଗୁରୁତର ହୋଇଥିବା ଏକ ଦନ୍ତାହାତୀ ଆଜି ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ କୋଳିମାଟି ପଞ୍ଚାୟତ କରଡ଼ାବଣି ଅଞ୍ଚଳରେ ଏହି ଅଘଟଣ ଘଟିଛି। ବନ ବିଭାଗ ଅଧିକାରୀ ହାତୀଟିର ବ୍ୟବଚ୍ଛେଦ କରାଇବା ପରେ ଶବକୁ ପୋତି ଦେଇଛନ୍ତି।

ସୂଚନାନୁଯାୟୀ, ହାତୀଦାନ୍ତ ଲୋଭରେ ୧୫ରୁ ୨୦ ଦିନ ତଳେ କେହି ଶିକାରୀ ଦନ୍ତାକୁ ତୀରମାଡ଼ କରିଥିଲା। ସୌଭାଗ୍ୟକୁ ହାତୀଟି ବଞ୍ଚିଯାଇଥିଲେ ହେଁ ଅଞ୍ଚଳରେ ଆହତ ଅବସ୍ଥାରେ ଘୂରି ବୁଲୁଥିଲା। ଖବର ପାଇ ବନ ବଭାଗ ତାକୁ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା ଚଳାଇଥିଲା। ତେବେ ଦନ୍ତା ଦେହରୁ ୬ ଇଞ୍ଚ୍‌ର ଏକ ତୀର ବାହାରିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନ ବିଭାଗ କହିଛି। ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇ କହିଛନ୍ତି। ଘଟଣାସ୍ଥଳରେ ବନ ବିଭାଗ ଅଧିକାରୀ ପହଞ୍ଚି ହାତୀଟିର ମୃତଦେହକୁ ଜବଦ କରି ବ୍ୟବଚ୍ଛେଦ କରିଛନ୍ତି।

## ଆଇଇଡି ବିସ୍ଫୋରଣରେ ଅତିରିକ୍ତ ଏସ୍‌ପି ସହିଦ



ମାଲକାନଗିରି, ୯।୬ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲ୍ଲାର କୋଣ୍ଟାରେ ନକ୍ସଲଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଆଇଇଡି ବିସ୍ଫୋରଣରେ ଅତିରିକ୍ତ ଏସ୍‌ପି ଆକାଶ ରାଓ ଗିରପୁଞ୍ଜେ ସହିଦ ହୋଇଛନ୍ତି। ଏଥିରେ କୋଣ୍ଟା ଥାନା ଇନ୍‌ଚାର୍ଜ (ଟିଆଇ) ଓ ଏସ୍‌ଡିପିଓ ମଧ୍ୟ ଆହତ ହୋଇଛନ୍ତି। ସୁରକ୍ଷା କର୍ମୀଙ୍କ ପାଟ୍ରୋଲିଂ ବେଳେ ଏଭଳି ଅଘଟଣ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ପୁଲିସ୍ ବିଭାଗରେ ଶୋକର ଛାୟା ଖେଳିଯାଇଛି। ଅପରପକ୍ଷେ, ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର୍ କରାଯାଇଛି। ସୂଚନାନୁସାରେ, ଛତିଶଗଡ଼ର ସୁକମା ଜିଲ୍ଲାର କୋଣ୍ଟା ଏରାବୋରା ଅଞ୍ଚଳରେ ପୁଲିସ୍ ଦଳ ପାଟ୍ରୋଲିଂରେ ବାହାରିଥିଲେ। ଏହି ପାଟ୍ରୋଲିଂରେ ଅତିରିକ୍ତ ଏସ୍‌ପି ଆକାଶ ରାଓ ଗିରପୁଞ୍ଜେଙ୍କ ସହ କୋଣ୍ଟା ଥାନା ଇନ୍‌ଚାର୍ଜ ଏବଂ ଏସ୍‌ଡିପିଓ ମଧ୍ୟ ସାମିଲ୍ ଥିଲେ। ପାଟ୍ରୋଲିଂ ଚାଲିଥିବା ବେଳେ କୋଣ୍ଟା ଅଞ୍ଚଳରେ ମାଓବାଦୀମାନେ ଖଞ୍ଜିଥିବା ଆଇଇଡି ହଠାତ୍ ବିସ୍ଫୋରଣ କରିଥିଲା। ଯେଉଁଥିରେ ଅତିରିକ୍ତ ଏସ୍‌ପି ଆକାଶ ରାଓ ଗିରପୁଞ୍ଜେ ଗୁରୁତର ଆହତ ହୋଇଥିଲେ। ସେହିପରି ଏଥିରେ ଅନ୍ୟ ଜଣେ ଯବାନ ଓ ଅଧିକାରୀ ଆହତ ହୋଇଥିଲେ। ସମସ୍ତଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅତିରିକ୍ତ ଏସ୍‌ପି ଶ୍ରୀ ଗିରପୁଞ୍ଜେ ସହିଦ ହୋଇଥିବା ସୂଚନା ମିଳିଛି।

### ମହଙ୍ଗା ପଡ଼ିଲା ଭାଇ-ଭାଉଜଙ୍କ କଳିରେ ମଧ୍ୟସ୍ଥତା

# ସାନ ଭାଇର ଲୁହାଛଡ଼ ମାଡରେ ଭଉଣୀ ମୃତ



ବଣାଇଁ, ୯।୬(ସମିସ): ଭାଇ-ଭାଉଜଙ୍କ ମଧ୍ୟରେ ମଧ୍ୟସ୍ଥତା କରିବା ଭଉଣୀକୁ ମହଙ୍ଗା ପଡ଼ିଲା। ସାନଭାଇର ଲୁହାରଡ୍ ମାଡ଼ରେ ଚାଲିଗଲା ଭଉଣୀର ଜୀବନ। ଏଭଳି ଏକ ଅଭାବନୀୟ ଘଟଣା ବଣାଇଁ ଉପଖଣ୍ଡ ମହୁଲପଡ଼ା ଥାନା ଡଲେଇସରା ପଞ୍ଚାୟତ ଜିନକଲା ଗ୍ରାମରେ ଘଟିଛି। ମୃତ ଯୁବତୀଜଣଙ୍କ ହେଲେ, ମହରଗୀ ମହନ୍ତ। ସୂଚନାନୁଯାୟୀ, ଜିନକଲା ଗ୍ରାମର ସ୍ୱର୍ଗତ ବିଶ୍ୱମ୍ବର ମାହାନ୍ତଙ୍କ ପୁଅ ବିଜୟ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟ ଦିନ ଝଗଡ଼ା ହେଉଥିଲା। ରବିବାର ବିଳମ୍ବିତ ରାତିରେ ମଧ୍ୟ କୌଣସି କାରଣକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ବିଜୟ ନିଜ ସ୍ତ୍ରୀକୁ ଏକ ଲୁହାଛଡ଼ରେ ମାରପିଟ୍ କରିଥିଲେ। ଏହା ଦେଖି ବିଜୟଙ୍କ ବଡ଼ବାପା ଝିଅ ତଥା ସମ୍ପର୍କୀୟ ବଡ଼ ଭଉଣୀ ମହରଗୀ ଝଗଡ଼ା ନ କରିବାକୁ କହିଥିଲେ। ଏଥିରେ ବିଜୟ ଉତ୍ୟକ୍ତ ହୋଇ ଏକ ଲୁହାଛଡ଼ରେ ମହରଗୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ, ଘଟଣାସ୍ଥଳରେ ମହରଗୀ ଟଳିପଡ଼ି ଛଟପଟ ହୋଇଥିଲେ। ବିଜୟ ତାଙ୍କୁ ଚିକିତ୍ସା ଲାଗି ବଣାଇଁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ବଣାଇଁ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସୁରେଶ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

## ରଥଯାତ୍ରା ଲାଗି ନିୟୋଜିତ ହେବେ ୩୦୦ ଡାକ୍ତର

ପୁରୀ, ୯।୬(ସମିସ): ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟସେବା ଏକ ପ୍ରମୁଖ ପ୍ରସଙ୍ଗ। ଦେଶବିଦେଶରୁ ଆସୁଥିବା ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରି ସୁରୁଖୁରୁରେ ଫେରିବେ ତା' ଉପରେ ଗୁରୁତ୍ୱ ଦେଉଛି ପ୍ରଶାସନ। ତେବେ ଚଳିତବର୍ଷ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ୩୦୦ ଡାକ୍ତର ନିୟୋଜିତ ହେବେ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ରଥ ସମନ୍ୱୟ କମିଟି ବୈଠକ ଅବସରରେ ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି, ବର୍ତ୍ତମାନ ଦେଶ ସମେତ ରାଜ୍ୟରେ କୋଭିଡ୍ ସଂକ୍ରମଣ ବ୍ୟାପୁଛି। ହେଲେ ଏହି ଭାରିଆଣ୍ଟ ଏତେଟା ଗୁରୁତର ନୁହେଁ। ତେଣୁ କୋଭିଡ୍ ପାଇଁ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। କିନ୍ତୁ ଯେଉଁମାନଙ୍କଠାରେ କୋଭିଡ୍ ଲକ୍ଷଣ ରହିଛି ସେମାନେ ପୁରୀ ନ ଆସିବା ଭଲ। ଅସୁସ୍ଥ ଥିଲେ ମାସ୍କ ପିନ୍ଧିବା ଆବଶ୍ୟକ। ଅନ୍ୟପକ୍ଷରେ, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁର ବ୍ୟବସ୍ଥା କରାଯାଇଛି।


# ଓଏଏସ୍‌ସ୍ତରରେ ବଡ଼ ଧରଣର ଅଦଳ ବଦଳ

ଭୁବନେଶ୍ୱର, ୯।୬(ସମିସ): ରାଜ୍ୟ ସରକାର ଓଏଏସସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁଯାୟୀ ଦକ୍ଷିଣାଞ୍ଚଳ ଡିଭିଜନ-ବ୍ରହ୍ମପୁର ଆରଡିସି କାର୍ଯ୍ୟାଳୟର ଅତିରିକ୍ତ କମିଶନର ବୀରସେନ ପ୍ରଧାନଙ୍କୁ ଆରଡିସିଙ୍କ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସୁକାନ୍ତ କୁମାର ବେହେରାଙ୍କୁ କେନ୍ଦ୍ରାଞ୍ଚଳ ଆରଡିସିଙ୍କ ସଚିବ ଭାବେ ନିଯୁକ୍ତି ଦିଆ ଯାଇଥିବାବେଳେ ଲିପ୍ସା ଦାସଙ୍କୁ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ, ସିଓନା ମିଶ୍ର ଓ କନକ ଚମ୍ପା ମେହେରଙ୍କୁ ରାଜସ୍ୱ ପାର୍ଷଦ କାର୍ଯ୍ୟାଳୟ-ଭୁବନେଶ୍ୱରସ୍ଥିତ ଅତିରିକ୍ତ ରିଭିଜନ କୋର୍ଟର ଅତିରିକ୍ତ କମିଶନର ଭାବେ ନିଯୁକ୍ତି ମିଳିଛି। ମଞ୍ଜୁଲତା ମଲ୍ଲିକଙ୍କୁ କଟକସ୍ଥିତ ଜମି ରେକର୍ଡ ଓ ବନ୍ଦୋବସ୍ତ କମିଶନଙ୍କ କାର୍ଯ୍ୟାଳୟରେ ଅତିରିକ୍ତ କମିଶନର, ପୀତାମ୍ବର ଭୋଇଙ୍କୁ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ କମିଶନର(ବନ୍ଦୋବସ୍ତ ଓ ଚକବନ୍ଦୀ), ଶାନ୍ତନୁ କୁମାର ମହାନ୍ତିଙ୍କୁ ରାଜ୍ୟ ମଦ ନିଗମର ସାଧାରଣ ପରିଚାଳକ, ଆଶୁତୋଷ ସାମଲଙ୍କୁ କଟକସ୍ଥିତ ଜମି ରେକର୍ଡ ଓ ବନ୍ଦୋବସ୍ତ କମିଶନଙ୍କ କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ଭାବେ ନିଯୁକ୍ତ କରାଯାଇଛି।

ସେହିପରି ଦେବାଶିଷ ପଟ୍ଟନାୟକ(ବି)ଙ୍କୁ କଟକସ୍ଥିତ କେନ୍ଦ୍ରାଞ୍ଚଳ ଆରଡିସିଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତ ମିଳିଥିବା ବେଳେ ରବିନାରାୟଣ ସାହୁଙ୍କୁ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ, ନବକୃଷ୍ଣ ଜେନାଙ୍କୁ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ, ସୁନିଲ କୁମାର କେରକେଟାଙ୍କୁ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ, ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳାଇଙ୍କୁ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ, ବିଜୟାନନ୍ଦ ନାୟକଙ୍କୁ ନୟାଗଡ ଅତିରିକ୍ତ ଜିଲ୍ଲାପାଳ, ଅଭିମନ୍ୟୁ ବେହେରାଙ୍କୁ ଗଞ୍ଜାମ-କୋରାପୁଟ ବନ୍ଦୋବସ୍ତ କାର୍ଯ୍ୟାଳୟ ବ୍ରହ୍ମପୁରର ସେଟେଲମେଣ୍ଟ ଅଫିସର, ସଞ୍ଜୟ କୁମାର ରାଉତଙ୍କୁ ବାଲେଶ୍ୱର ଜିଲାପରିଷଦ ମୁଖ୍ୟ ଜିଲା ଅଧିକାରୀ, ତପନ କୁମାର ନାୟକଙ୍କୁ କୋରାପୁଟ ଅତିରିକ୍ତ ଜିଲାପାଳ ସହିତ ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ମୁନିନ୍ଦ୍ର ହୋନାଙ୍ଗଙ୍କୁ ଗଜପତି ଅତିରିକ୍ତ ଜିଲାପାଳ, ଦିଲ୍ଲୀପ କୁମାର ପ୍ରଧାନଙ୍କୁ ଦେବଗଡ଼ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିତେନ୍ଦ୍ର କୁମାର ନାୟକଙ୍କୁ କେନ୍ଦ୍ରାପଡା ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଯୋଗେଶ୍ୱର ନାୟକଙ୍କୁ ସୁନ୍ଦରଗଡ଼ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜୟ କୁମାର ବେହେରାଙ୍କୁ ଗଞ୍ଜାମ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଧନାଇ ଚରଣ ଟୁଡୁଙ୍କୁ ଭଦ୍ରକ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ବୁଲବୁଲ୍ ବେହେରାଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦର ଏଷ୍ଟାବ୍ଲିସ୍‌ମେଣ୍ଟ ଅଫିସର, କାଜଲ ପ୍ରଧାନଙ୍କୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ-କଟକଙ୍କ ଉପସଚିବ, ଆଶିଷ ରଞ୍ଜନ ସାହୁଙ୍କୁ ଢେଙ୍କାନାଳ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଶରତ ମାଝୀଙ୍କୁ ବଲାଙ୍ଗୀର ମୁନିସପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଶୁଭଶ୍ରୀ ତ୍ରିପାଠୀଙ୍କୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ଉପସଚିବ ଭାବେ ନିଯୁକ୍ତ କରାଯାଇଛି।

# ଶିଶୁକୁ ବସ୍ତୁ ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ: ହାଇକୋର୍ଟ

କଟକ, ୯।୬(ସମିସ): ଜଣେ ଶିଶୁକୁ ଉଭୟ ପିତାମାତାଙ୍କ ସ୍ନେହ ଓ ଭଲ ପାଇବାର ଆବଶ୍ୟକତା ରହିଥାଏ। ତେବେ ପିତାମାତାଙ୍କ ମଧ୍ୟରେ ଥିବା ଅହଂକାର ଓ କ୍ରୋଧ ପାଇଁ ଶିଶୁକୁ ଏକ ନିର୍ଜୀବ ବସ୍ତୁ ଭାବେ ବ୍ୟବହାର କରାଯିବା ଅନୁଚିତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରି କହିଛନ୍ତି। ଏକ ଦାମ୍ପତ୍ୟ କଳହ ତଥା ଛାଡ଼ପତ୍ର ମାମଲା ବିଚାରାଧୀନ ଥିବା ବେଳେ ଜଣେ ପିତାଙ୍କର ନିଜର ଛୋଟ ଶିଶୁପୁତ୍ରକୁ ଭେଟିବା ପାଇଁ ରହିଥିବା ଅଧିକାରକୁ ଅନୁମତି ପ୍ରଦାନ କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି ଓ ଆବେଦନକାରୀ ପତ୍ନୀଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ପ୍ରକାଶିତ ରାୟରେ ହାଇକୋର୍ଟ ଉଲ୍ଲେଖ କରିଛନ୍ତି ଯେ ପିତାମାତାଙ୍କୁ ତାଙ୍କ ସନ୍ତାନ ସହ ଯୋଗଯୋଗ କରିବାକୁ କିମ୍ବା ଭେଟିବାକୁ ମନା କରାଯିବା ଉଚିତ ନୁହେଁ। ପତି-ପତ୍ନୀଙ୍କ ମଧ୍ୟରୁ କାହାକୁ ତାଙ୍କ ସନ୍ତାନ ସହ ସାକ୍ଷାତ କରିବାର ଅଧିକାରରୁ ବଞ୍ଚିତ କରିବା ସମୟରେ ଯୁକ୍ତିଯୁକ୍ତ କାରଣ ଦର୍ଶାଯିବା ଆବଶ୍ୟକ। ଏଣୁ ପ୍ରତିପକ୍ଷ ସ୍ୱାମୀଙ୍କର ତାଙ୍କ ପୁଅକୁ ଭେଟିବାର ଅଧିକାର ପିଲାର ସର୍ବୋପରି ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଇ ସ୍ଥିର କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।



ମାମଲାରୁ ପ୍ରକାଶ, ପ୍ରତିପକ୍ଷ ସ୍ୱାମୀ ତାଙ୍କ ସ୍ତ୍ରୀ (ଏଠାରେ ଆବେଦନକାରୀ)ଙ୍କଠାରୁ ଛାଡ଼ପତ୍ର ପାଇଁ ଏକ ଆବେଦନ ଦାଖଲ କରିଥିଲେ। ଛାଡ଼ପତ୍ର ଆବେଦନ ସହିତ ସେ ତାଙ୍କ ପୁଅର ହେପାଜତ ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ଆବେଦନ ମଧ୍ୟ ଦାଖଲ କରିଥିଲେ। ଛାଡ଼ପତ୍ର ଆବେଦନର ଫଇସଲା ସମୟରେ ସେମାନଙ୍କ ପିଲାର ହେପାଜତ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ନିମ୍ନ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟରେ ତାଳଚେର ସିଭିଲ ଜଜ୍ ପ୍ରତିପକ୍ଷ ପିତାଙ୍କ ପକ୍ଷରୁ ରୁଜୁ ଅନ୍ତରୀଣ ଆବେଦନର ଶୁଣାଣି କରି ତାଙ୍କ ସନ୍ତାନକୁ ଭେଟିବା ଅଧିକାରକୁ ଅନୁମତି ପ୍ରଦାନ କରିଥିଲେ। ପ୍ରତିପକ୍ଷ ପିତା ଭରଣପୋଷଣ ପ୍ରଦାନରେ ଅବହେଳା କରୁଥିବା ଦର୍ଶାଇ ନିମ୍ନ ଅଦାଲତଙ୍କ ଏହି ଆଦେଶ ବିରୋଧରେ ପତ୍ନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ହାଇକୋର୍ଟ ଏହି ଆଧାରକୁ ଗ୍ରହଣ ନକରି ଆବେଦନଟିକୁ ଖାରଜ କରିଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଧୈର୍ଯ୍ୟର ସହ କାମ କରନ୍ତୁ। କ୍ୟାରିୟରରେ ଉନ୍ନତି କରିବେ। ଖର୍ଚ୍ଚାନ୍ତ ହୋଇପାରନ୍ତି।

**ବୃଷ:** ପରିବାର ସଦସ୍ୟଙ୍କ ସହାୟତା ଯୋଗୁଁ ଅଟକି ଥିବା କାମକୁ ପୂରା କରିବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବିଦେଶ ଯାତ୍ରା କରିପାରନ୍ତି। ବ୍ୟୟ ଅଧିକ ହେବ। ନୂଆ କାମ ହାତକୁ ଆସିପାରେ।

**ମିଥୁନ:** ସୁସମ୍ବାଦ ମିଳିବ। ଧନପ୍ରାପ୍ତି ଯୋଗ ରହିଛି। ସାମାଜିକ କାର୍ଯ୍ୟ କରିବାରେ ରୁଚି ବଢ଼ିବ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ନୂତନ ଜମି କ୍ରୟ କରିପାରନ୍ତି। ଅତିଥି ସତ୍କାର କରିପାରନ୍ତି।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ। ବନ୍ଧୁଙ୍କ ସହିତ ମଧୁର ବ୍ୟବହାର କରିବେ। ଦୂରସ୍ଥାନ ଯାତ୍ରା କରିପାରନ୍ତି।

**ସିଂହ:** କାମଚାପ ଅଧିକ ରହିବ। ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ। କ୍ୟାରିୟରକୁ ନେଇ ଚିନ୍ତିତ ହୁଅନ୍ତୁନି। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଦିନସାରା ବ୍ୟସ୍ତ ରହିବା କାରଣରୁ ଥକ୍କାପଣ ଅନୁଭବ କରିବେ।

**ତୁଳା:** ଘର ମାହୋଲ ଶାନ୍ତିପୂର୍ଣ୍ଣ ରହିବ। କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ଛାତ୍ରଛାତ୍ରୀ ଖେଳପ୍ରିୟ ହେବେ।

**ବିଛା:** ବିଦ୍ୟାର୍ଥୀମାନେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବା ଦରକାର। ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ। ପ୍ରେମ ବ୍ୟାପାରରେ ଶୁଭ ଖବର ପାଇବେ। ଘର କାମରେ ବ୍ୟସ୍ତ ରହିପାରନ୍ତି।

**ଧନୁ:** ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କଠାରୁ ଦୂରେଇ ରୁହନ୍ତୁ। ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ। ଆଶା କରିଥିବା ଦିଗରୁ ଖୁସି ଖବର ମିଳିବ।

**ମକର:** ଟଙ୍କା ନେଣଦେଣ କାର୍ଯ୍ୟରେ ଅନ୍ୟ ଉପରେ ଅଧିକ ଭରସା କରନ୍ତୁନି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପଡୋଶୀଙ୍କ ସହ ସମ୍ପର୍କ ବଢ଼ିବ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ। ମନକୁ ଆୟତ୍ତରେ ରଖିବା ଭଲ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମୀନ:** କର୍ମକ୍ଷେତ୍ରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ। ପ୍ରେମ ବ୍ୟପାରରେ ଦିନଟି ଭଲରେ ବିତିବ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୪୮: ନ୍ୟୁୟର୍କ ଓ ଚିକାଗୋ ମଧ୍ୟରେ ପ୍ରଥମ ଟେଲିଗ୍ରାଫ୍ ଲିଙ୍କ୍ ଆରମ୍ଭ।
- ୧୯୩୧- ନରୱେ ପୂର୍ବ ଗ୍ରୀନ୍‌ଲ୍ୟାଣ୍ଡ ଉପରେ କବ୍‌ଜା କଲା।
- ୧୯୪୦: ଇଟାଲୀ ବିରୋଧରେ କାନାଡ଼ାର ଯୁଦ୍ଧ ଘୋଷଣା।
- ୧୯୬୭: ସିରିୟା ଓ ଇସ୍ରାଏଲ ମଧ୍ୟରେ ୬ ଦିନିଆ ଯୁଦ୍ଧର ପରିସମାପ୍ତି।
- ୨୦୦୩: ନାସାର ମଙ୍ଗଳଯାନ ରୋଭର ଲଞ୍ଚ୍ କରାଗଲା।

# ବିଶ୍ୱ ଚକ୍ଷୁଦାନ ଦିବସ



ପ୍ରତିବର୍ଷ ଜୁନ୍ ୧୦ ତାରିଖକୁ 'ବିଶ୍ୱ ଚକ୍ଷୁଦାନ ଦିବସ' ଭାବେ ପାଳନ କରାଯାଏ। ଲୋକଙ୍କୁ ନେତ୍ରଦାନ କରିବା ଲାଗି ଉତ୍ସାହିତ କରିବା ହେଉଛି ଏହି ଦିବସ ପାଳନର ଉଦ୍ଦେଶ୍ୟ। ଅନ୍ଧାରରେ ଜୀବନ ଜିଉଁଥିବା ଲୋକଙ୍କ ଜୀବନକୁ ଚକ୍ଷୁଦାନ ଦ୍ୱାରା ଆଲୋକିତ କରିବା ହେଉଛି ଏହି ଦିବସର ଅନ୍ୟତମ ମୂଳ ଲକ୍ଷ୍ୟ। ଚକ୍ଷୁଦାନ ହେଉଛି ସବୁଠୁ ମହତ୍ ତଥା ବଡ଼ ଦାନ। ଆମ ଦେଶରେ ଆଜି ବି ଅନେକ ଲୋକ ଦୁର୍ଘଟଣାବଶତଃ ଦୃଷ୍ଟିଶକ୍ତି ହରାଉଥିବା ବେଳେ ଅନେକ ଜନ୍ମରୁ ଦୃଷ୍ଟିବାଧିତ ହୋଇଥାନ୍ତି।

ତେବେ ଚକ୍ଷୁଦାନ ଦ୍ୱାରା ଜଣେ ଦୃଷ୍ଟିବାଧିତ ଦୃଷ୍ଟିଶକ୍ତି ଫେରିପାଆନ୍ତି। ତା'ସହ ଚକ୍ଷୁଦାନ କରିଥିବା ବ୍ୟକ୍ତି ଜଣକ ତାଙ୍କ ଭିତରେ ଜୀବନ୍ତ ରୁହନ୍ତି। ବୟସ, ଲିଙ୍ଗ, ରକ୍ତବର୍ଗ ଓ ଜାତିଧର୍ମ ନିର୍ବିଶେଷରେ ଯେ କୌଣସି ବ୍ୟକ୍ତି ଚକ୍ଷୁଦାନ କରି ପାରିବେ। ମୃତ୍ୟୁର ୬ ଘଣ୍ଟା ଭିତରେ ମାତ୍ର ୧୦ରୁ ୧୫ ମିନିଟ୍‌ରେ ସ୍ୱଚ୍ଛପଟଳ ସଂଗ୍ରହ କରାଯାଇଥାଏ। ତାକୁ ନେଇ ଅନ୍ୟ ଜଣଙ୍କଠାରେ ପ୍ରତିରୋପଣ କରାଯାଇଥାଏ। ହେଲେ ସାମାଜିକ ଓ ଧାର୍ମିକ ପରମ୍ପରା କିମ୍ବା ଭୟ ଓ ଦ୍ୱନ୍ଦ୍ୱ ଯୋଗୁଁ ଲୋକମାନେ ଚକ୍ଷୁଦାନ ପାଇଁ ଆଗ୍ରହ ପ୍ରକାଶ କରି ନ ଥାନ୍ତି। ତେଣୁ ସମସ୍ତଙ୍କୁ ଚକ୍ଷୁଦାନ ପାଇଁ ଉତ୍ସାହିତ ଓ ସଚେତନ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ମଧୁମେହ, ଆଜ୍‌ମା, ଉଚ୍ଚ ରକ୍ତଚାପ ରୋଗୀ, ହୃଦ୍ ରୋଗୀ ମଧ୍ୟ ଚକ୍ଷୁଦାନ କରିପାରିବେ। କିନ୍ତୁ ଏଡସ୍, ହେପାଟାଇଟିସ୍, ରକ୍ତ କର୍କଟ, ବ୍ରେନ ଟ୍ୟୁମରରେ ପୀଡ଼ିତ ରୋଗୀ ଚକ୍ଷୁଦାନ କରିପାରିବେ ନାହିଁ। ଜଣଙ୍କ ଚକ୍ଷୁଦାନ ଅନ୍ୟ ଦୁଇ ଜଣଙ୍କୁ ଆଲୋକ ଦେଖାଇଥାଏ। ଏହି ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା, ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ପକ୍ଷରୁ କର୍ମଶାଳା, ଆଲୋଚନାଚକ୍ର ମାଧ୍ୟମରେ ଚକ୍ଷୁଦାନ ପାଇଁ ପ୍ରୋତ୍ସାହିତ କରାଯାଏ।

# ଘର କାମ ପାଇଁ ସ୍ୱାମୀଙ୍କଠାରୁ ନିଅନ୍ତି ଟଙ୍କା

## ପୋଷାକ ସଫା ପାଇଁ ୯୨ ହଜାର, ଝାଡୁ ପାଇଁ ହଜାରେ

ଗୃହିଣୀମାନେ ଘରର ପ୍ରତ୍ୟେକ କାମ କରିଥାନ୍ତି। ତା'ସହ ପୂରା ଘରର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥାଏ। ଏହି କ୍ରମରେ ଜଣେ ବିଦେଶିନୀ ଘରେ କରୁଥିବା ପ୍ରତ୍ୟେକ କାର୍ଯ୍ୟ ପାଇଁ ତାଙ୍କ ସ୍ୱାମୀଙ୍କଠାରୁ ଟଙ୍କା ନିଅନ୍ତି। ଝାଡୁ, ପୋଛାଠୁ ଆରମ୍ଭ କରି ଡ୍ରେସ୍ ସଫାସଫି କରିବା ପାଇଁ ସେ ଅଲଗା ଅଲଗା ଟଙ୍କା ନେଉଥିବା କହିଛନ୍ତି। ସାମାଜିକ ଗଣମାଧ୍ୟମରେ ସମ୍ପୃକ୍ତ ମହିଳା ଏହି କଥା ସେୟାର୍ କରିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ସହ ବିତର୍କର ବିଷୟ ପାଲଟିଛି। ସମ୍ପୃକ୍ତ ମହିଳା ନିଜକୁ ଷ୍ଟେ-ଆଟ୍-ହୋମ୍-ମା ବୋଲି କହିଛନ୍ତି। ଏହି କାରଣରୁ ସେ ସ୍ୱାମୀଙ୍କଠାରୁ ଟଙ୍କା ନେଉଛନ୍ତି। ଏହିପରି ଭାବେ ସେ ନିଜକୁ ଘରର ସବୁଠୁ ଆୟକାରୀ ସଦସ୍ୟ ବୋଲି କହନ୍ତି। ପୋଷାକ ସଫା ସହ ଇସ୍ତ୍ରୀ କରିବା ଲାଗି ପ୍ରତି ମାସ ସେ ୯୨ ହଜାର ଟଙ୍କା ନେଇଥାନ୍ତି। ଝାଡୁ ପୋଛା ଲାଗି ପ୍ରତିଦିନ ହଜାରେ ଟଙ୍କା ନିଅନ୍ତି। ତେବେ ମାସକୁ ରୋଷେଇ ପାଇଁ ୩୪ ହଜାର ଟଙ୍କା ନେଉଥିବା ବେଳେ ପିଲାଙ୍କ ପାଇଁ ରୋଷେଇ କରିବାକୁ ଅତିରିକ୍ତ ୧୭ ହଜାର ଟଙ୍କା ମାସକୁ ଅଲଗା ନେଇଥାନ୍ତି। କେବଳ ସେତିକି ନୁହେଁ, ପ୍ରତିଦିନ ଧୂଳି ଝାଡ଼ିବା ପାଇଁ ୯ ହଜାର ଟଙ୍କା, ବେଡସିଟ୍ ସଫା ଓ ଏହାକୁ ବଦଳାଇବା ପାଇଁ ୨୩୦୦ ଟଙ୍କା ନିଅନ୍ତି। ଅନ୍ୟପକ୍ଷରେ କିଛି ଲୋକ ଏହାକୁ ଥଟ୍ଟା ପରିହାସ ବୋଲି କହିଥିବା ବେଳେ ଆଉ କିଛି ଏହାକୁ ମହିଳାଙ୍କର ଘର କାମକୁ ନେଇ ନୂଆ ଓ ରୋଚକୀୟ ଦୃଷ୍ଟିକୋଣ ବୋଲି କହିଛନ୍ତି।



# 'ଧୁରନ୍ଧର'

## ଲିକ୍ ହେଲା ରଣବୀର-ସଞ୍ଜୟଙ୍କ ଲୁକ୍

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଆଗାମୀ ଫିଲ୍ମ 'ଧୁରନ୍ଧର'କୁ ଦର୍ଶକେ ଅପେକ୍ଷା କରିଛନ୍ତି। ଆଦିତ୍ୟ ଧର ଏହାର ନିର୍ଦ୍ଦେଶନା ଦେଇଛନ୍ତି। କିନ୍ତୁ ଫିଲ୍ମ ନିର୍ମାତା ଏଯାଏଁ ଏହାର ଫଟୋ କିମ୍ବା ଭିଡିଓ ଜାରି କରି ନାହାନ୍ତି। ମଝିରେ ମଝିରେ ସୁଟିଂ ସେଟ୍‌ରୁ ଲିକ୍ ହେଉଥିବା ଫଟୋ ଓ ଭିଡିଓ ଦେଖି ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ିଯାଇଛି। ଇତିମଧ୍ୟରେ ରଣବୀର ଓ ସଞ୍ଜୟ ଦତ୍ତଙ୍କ ଏକ ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ରଣବୀର ଲମ୍ବା କେଶ ଓ ଦାଢ଼ି ସହ କଳାରଙ୍ଗର ପୋଷାକ ପିନ୍ଧି ଚାଲି ଚାଲି ଯାଉଥିବାର ଦେଖାଯାଇଛନ୍ତି। ରଣବୀରଙ୍କ ଏହି ଲୁକ୍ 'ପଦ୍ମାବତ୍'ର ଆଲଉଦ୍ଦିନ୍ ଖିଲଜି ଲୁକ୍‌କୁ ମନେ ପକାଇ ଦେଉଛି। ସେହିଭଳି ସଞ୍ଜୟ ଧଳା ରଙ୍ଗର ଏକ କୁର୍ତ୍ତା ପାଇଜାମା ସହ ସାଲ୍ ପିନ୍ଧି ଜଣେ ସମ୍ଭ୍ରାନ୍ତ ଶ୍ରେଣୀର ବୟସ୍କ ଲୋକଙ୍କ ଭଳି ଦେଖାଯାଉଛନ୍ତି। ଏବେ ଏହି ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଯାଏଁ 'ଧୁରନ୍ଧର' ଫିଲ୍ମର ରିଲିଜ୍ ଡେଟ୍ ଘୋଷଣା କରାଯାଇ ନାହିଁ। ଏହା ଚଳିତବର୍ଷ ଶେଷ ଆଡ଼କୁ ରିଲିଜ୍ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଏଥିରେ ରଣବୀର, ସଞ୍ଜୟଙ୍କ ସହ ଆର୍. ମାଧବନ୍, ଅକ୍ଷୟ ଖାନ୍ନା ଓ ଅର୍ଜୁନ୍ ରାମପାଳ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।






## ଏମାସର ଚାଷ

**ଧାନ ଚାଷ ସହ ସବୁଜ ପନିପରିବା ଚାଷ ପାଇଁ ଜୁନ୍ ମାସ ବେଶ୍ ଅନୁକୂଳ। ତେଣୁ ଚାଷୀଭାଇମାନେ ରୋଟାଭେଟର ଦ୍ୱାରା ଗୁଣ୍ଡଚାଷ କରି ଜମିକୁ ସମତୁଲ କରି ଚାଷ କାମ ଆରମ୍ଭ କରିପାରିବେ।**



ପାଳଙ୍ଗ ଶାଗ ବୁଣିବାକୁ ବର୍ତ୍ତମାନ ଉପଯୁକ୍ତ ସମୟ। ଏଥିପାଇଁ ଜମିକୁ ୩ରୁ ୪ଥର ହଳ କରି ଗୋବରଖତ ବ୍ୟବହାର କରି ମାଟିକୁ ସମତଳ କରି ତଳି ପ୍ରସ୍ତୁତ କରି ବିହନ ବୁଣିଲେ, ମାସକ ପରେ ପାଳଙ୍ଗ ଅମଳ ହୋଇଥାଏ।

ଭେଣ୍ଡି ଓ କାକୁଡ଼ି: ଏହି ମାସରେ ଭେଣ୍ଡି ଏବଂ କାକୁଡ଼ି ଚାଷ ଆରମ୍ଭ କରିଲେ ଅକ୍ଟୋବର ମାସପର୍ଯ୍ୟନ୍ତ ଏହାକୁ ଅମଳ କରି ପାରିବେ।

ଏବେ ମକା ଓ ଲଘୁଶସ୍ୟ ଯଥା: ମାଣ୍ଡିଆ, ସୁଆଁ, ବାଜରା, କଙ୍ଗୁ ଆଦି ବୁଣି ପାରିବେ। ଚିନାବାଦାମ ବିହନକୁ ବିଶୋଧନ କରି ଓ ଜୀବାଣୁ କଲଚର ଦ୍ୱାରା ଉପଚାର କରି ବୁଣନ୍ତୁ। ଜମି ପ୍ରସ୍ତୁତ କରି ଅନୁମୋଦିତ ରାଶି ବିହନ ବୁଣନ୍ତୁ। ଜମି ପ୍ରସ୍ତୁତ କରି ନିଗିଡ଼ା ଡିପ ଜମିମାନଙ୍କରେ ହରଡ, ମୁଗ, ବୁଡ଼ଙ୍ଗ ବିହନ ଧାଡ଼ିରେ ବୁଣିବା ସବୁଠୁ ଭଲ।

ବର୍ଷାଦିନିଆ ପନିପରିବା ପାଇଁ ତଳିଘେରା କରି ତଳି ପକାନ୍ତୁ। ଭେଣ୍ଡି, କଖାରୁ କାକୁଡ଼ି, କଲରା, ଜହ୍ନି, ଛଚିନ୍ଦ୍ରା, ବୁଡ଼ଙ୍ଗ, ଶାଗ ଆଦି ପନିପରିବା ସହ ଫଳ ଗଛର ଚାରା ଲଗାନ୍ତୁ। ସେହିପରି ପଲିହାଉସ୍ ମଧ୍ୟରେ ବାଇଗଣ, ଲଙ୍କା ଏବଂ ଟମାଟୋ ଚାଷ ଆରମ୍ଭ କରିପାରିବେ।

ଧାନ ବିହନ ଚୟନ କରି ଏହାକୁ ବିଶୋଧନ କରି ତଳି ପକାଇବାକୁ ଉପଯୁକ୍ତ ସମୟ।

## ବର୍ଷା ପୂର୍ବରୁ ପ୍ରାଣୀଙ୍କ ଟିକାକରଣ ଜରୁରି

**ପାଣିପାଗ ଅନିୟମିତତା ଯୋଗୁଁ ମଣିଷ ପରି ପ୍ରାଣୀ ସମ୍ପଦ ପ୍ରଭାବିତ ହୁଅନ୍ତି। ଏହାଦ୍ୱାରା ପ୍ରାଣୀଙ୍କ ଶାରୀରିକ ସ୍ୱଭାବରେ ପରିବର୍ତ୍ତନ ସହ ସେମାନେ ରୋଗାକ୍ରାନ୍ତ ହୋଇଥାନ୍ତି। ଆଗକୁ ବର୍ଷାଦିନ ଥିବାରୁ ଗାଈ, ମଇଁଷି, ବାଛୁରୀ, ଛେଳି ଓ ମେଣ୍ଢାଆଦିଙ୍କ କ୍ଷେତ୍ରରେ ଗଳାଫୁଲା ବା ଚଢ଼ିଫୁଲା, ବଜବଜିଆ ରୋଗ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଚାଷୀଭାଇମାନେ ଏଥିପ୍ରତି ସତର୍କ ରହି ବର୍ଷା ପୂର୍ବରୁ ପ୍ରାଣୀଙ୍କର ଟିକାକରଣକୁ ଗୁରୁତ୍ୱ ଦେବା ଆବଶ୍ୟକ।**

ଏହି ସମୟରେ ପ୍ରାଣୀଙ୍କ ଶରୀରରେ ଗଳାଫୁଲା ସମସ୍ୟା ଅଧିକ ଦେଖାଯାଏ। ଏହି ରୋଗ ହେଲେ, ପ୍ରାଣୀଙ୍କ ତଣ୍ଟି ଫୁଲିଯିବା ଭଳି ଲକ୍ଷଣ ଦେଖାଯାଏ। ଏଥିରେ ପ୍ରାଣୀଙ୍କ ମୃତ୍ୟୁ ଆଶଙ୍କା ଅଧିକ ଥାଏ। ଠିକ୍ ସେହିପରି ବଜବଜିଆ ରୋଗରେ ଆକ୍ରାନ୍ତ ପ୍ରାଣୀଙ୍କ ଖୁର ହୋଇଥାଏ, ଫଳେ ଆଉ ଗୋଡ ମାଂସରେ ପାଣି ଜମି ଯିବା ସହ କାର୍ଯ୍ୟ କରିବା ଓ ଦୁଗ୍ଧ ଉତ୍ପାଦନ ହ୍ରାସ ପାଇବା ଲକ୍ଷଣ ଦେଖାଯାଏ।

ତେଣୁ ଚାଷୀଭାଇମାନେ ରୋଗ ହେବା ପୂର୍ବରୁ ଚିକିତ୍ସକଙ୍କ ପରାମର୍ଶରେ ଟିକା ଦେବା ଜରୁରି। ଏହାସହିତ ପ୍ରାଣୀଙ୍କୁ ସୁଷମଖାଦ୍ୟ, ଭିଟାମିନ୍, ମିନେରାଲ ଏବଂ ପ୍ରଚୁର ସବୁଜ ଘାସ ଖାଇବାକୁ ଦେବା ଉଚିତ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପିଇବାକୁ ସ୍ୱଚ୍ଛ ଜଳ ଯୋଗାଇ ପାରିବେ। ବର୍ଷା ସମୟରେ ଯେଉଁ ସ୍ଥାନରେ ଖାଲ ରହିଥିବ ତାହାକୁ ପୋତିଦେବା ଜରୁରି। ଏହାଦ୍ୱାରା ମଶାମାଛି କି ଡାଆଁଶ କମ୍ ହୋଇଥାଏ।





# କୃଷିର ଉନ୍ନତି ପାଇଁ ଚାଷୀ ଗଢ଼ିଲେ ସଂଗଠନ

**ଚାଷୀମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା, ସେମାନଙ୍କୁ ବ୍ୟବସାୟିକ କ୍ଷେତ୍ରରେ ମଜଭୁତ କରିବା ସହିତ ନୂଆ ନୂଆ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର କରି ଲାଭବାନ ହେବା ଦିଗରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଏମିତି ଏକ ସଫଳ ସଂଗଠନ ହେଉଛି 'ପାଲଲହଡ଼ା କୃଷକ ଉତ୍ପାଦକ ସଂଗଠନ'। ଚାଷୀଙ୍କ ମିଳିତ ପ୍ରୟାସରେ ଏହି ସଂଗଠନ ସରକାରୀ ଓ ଅନ୍ୟାନ୍ୟସ୍ତରରୁ ସହାୟତା ନେଇ କ୍ଷୁଦ୍ର ତଥା ନାମମାତ୍ର ଚାଷୀଙ୍କୁ ସେବା ଯୋଗାଇ ଦେଉଛନ୍ତି। ଏହା ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରି ଶ୍ରେଷ୍ଠ ସଂଗଠନ ଭାବେ ପୁରସ୍କୃତ ହୋଇଛି।**

ଏହି ସଂଗଠନଟି ୨୦୨୧ ମସିହା ଜୁନ୍ ମାସରେ ପଞ୍ଜୀକୃତ ହୋଇଥିଲା। ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ପାଲଲହଡ଼ା ବ୍ଲକ ଅଧିନସ୍ଥ ୧୫ଟି ଗ୍ରାମ, ୭୫୦ ଜଣ ଭାଗୀଦାରୀ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ମହିଳା କୃଷକ ସଦସ୍ୟ ଓ ପ୍ରତିଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀଙ୍କ ସହାୟତାରେ ୨୨୪୦ ଏକର ଅଞ୍ଚଳକୁ ବିସ୍ତାର କରିବାର ସାମର୍ଥ୍ୟ ଦେଖାଇଛି। 'କୃଷକ ଉତ୍ପାଦକ ସଂଗଠନ ପାଇଁ ଉତ୍କର୍ଷ କେନ୍ଦ୍ର' ମାଧ୍ୟମରେ କୃଷିବିଜ୍ଞାନ କେନ୍ଦ୍ର, ଅନୁଗୁଳ ପକ୍ଷରୁ ମଧ୍ୟ ପ୍ରଯୁକ୍ତି ବିଦ୍ୟା ସହାୟତା ପାଇପାରିଛି।

**ସରକାରୀସ୍ତରରେ ସହାୟତା:** ସରକାରୀସ୍ତରରେ ଏହି ସଂଗଠନ ବିଭିନ୍ନ ବ୍ୟବସାୟିକ କାର୍ଯ୍ୟକଳାପ ପାଇଁ ନବକିସାନ ପକ୍ଷରୁ ୫ ଲକ୍ଷ ଟଙ୍କାର କ୍ରେଡିଟ୍ ସହାୟତା ଏବଂ ନାବାର୍ଡ ପକ୍ଷରୁ ସମର୍ଥନ ହାସଲ କରିଛି। ସଂଗଠନର ପ୍ରତିନିଧିମାନେ ଅନେକ ଜିଲ୍ଲା ଓ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଆର୍ଥିକ ପ୍ରଗତିରେ ସଫଳତା ହାସଲ କରିଛନ୍ତି। ଆଗାମୀ ବର୍ଷଗୁଡ଼ିକରେ ୧କୋଟିରୁ ଅଧିକ ବ୍ୟବସାୟ କରିବା ସହ କ୍ଷୁଦ୍ର ତଥା ନାମମାତ୍ର ଚାଷୀଙ୍କୁ ସେବା ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରିଛି।

**କ୍ରୟ ବିକ୍ରୟ ଓ ପ୍ରକ୍ରିୟାକରଣକୁ ଗୁରୁତ୍ୱ:** ଏହି ସଂଗଠନ ମାଧ୍ୟମରେ ଧାନ, ତରଭୁଜ, ପନିପରିବା, ଆମ୍ବ, ଡାଲି ଜାତୀୟଫସଲ, ସାର ଇତ୍ୟାଦି ବିକ୍ରୟ କରାଯାଇଥାଏ। ଧାନ ପ୍ରକ୍ରିୟାକରଣ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ସଂଗଠନ ପାଲଲହଡ଼ା ବ୍ଲକରେ ଏକ 'ଧାନ ପ୍ରକ୍ରିୟାକରଣ ଯନ୍ତ୍ର' ହସ୍ତଗତ କରିଛି। କୃଷକ ଉତ୍ପାଦକ ସଂଗଠନ, ନାବାର୍ଡ ଏବଂ କୃଷକ ଉତ୍ପାଦକ ସଂଗଠନ ପାଇଁ ଉତ୍କର୍ଷ କେନ୍ଦ୍ର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଚାଷୀଙ୍କୁ ସଂଗଠନଲାଭ ବିଷୟରେ ବୁଝାଇବା ଓ ଏଥିରେ ଅଂଶଗ୍ରହଣ କରିବାକୁ ଏହି ସଂଗଠନ ପ୍ରୋତ୍ସାହିତ କରିଥାଏ।

କୃଷକ ଉତ୍ପାଦକ ସଂଗଠନରୁ କୃଷି ସାମଗ୍ରୀ କିଣିବାର ଲାଭ ଏବଂ ଖରିଫ ଋତୁ ପୂର୍ବରୁ ବିଭିନ୍ନ ଗାଁରେ ଏହି ସଂଗଠନ ସହିତ ସାର ଏବଂ ଅନ୍ୟାନ୍ୟ ସାମଗ୍ରୀର ଉପଲବ୍ଧତା ବିଷୟରେ ସଚେତନତା ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। ସ୍ଥାନୀୟ ବେପାରୀଙ୍କ ସହିତ ଏହି ସଂଗଠନ ଏକ ସହାୟତା ପ୍ରଦାନକାରୀ ସଂସ୍ଥା ଭାବେ କାର୍ଯ୍ୟରତ। ଆନ୍ତଃଜିଲ୍ଲା କାରବାର ପାଇଁ ଚାଷୀଙ୍କୁ ଉତ୍ପାଦର ସ୍ଥାନୀୟ ବଜାରଠାରୁ ୨୦% ଅଧିକ ମୂଲ୍ୟ ଦେଉଛି ଏହି ସଂଗଠନ। ଇ-ନାମ ମାଧ୍ୟମରେ ଟମାଟୋ ଏବଂ ଅନ୍ୟ ପନିପରିବା ବିକ୍ରି କରାଯିବା ସହ ଆଗକୁ ଏହା କାଜୁ ଏବଂ କଦଳୀ ବ୍ୟବସାୟରେ ନିୟୋଜିତ ହେବ।

**ଶ୍ରେଷ୍ଠ ସଂଗଠନ ଭାବେ ପୁରସ୍କୃତ:** କୃଷି ସାମଗ୍ରୀ/ସାର, ବିହନ ଉତ୍ପାଦନ, ପ୍ରକ୍ରିୟାକରଣ, କଣ୍ଟ୍ରାକ୍ଟିଂ, ଅମଳ ପରବର୍ତ୍ତୀ ପରିଚାଳନା, ଚାଷୀଙ୍କୁ ବୈଷୟିକ ସହାୟତା ପ୍ରଦାନ ଭଳି ବିଭିନ୍ନ ପ୍ରକାର କାର୍ଯ୍ୟକଳାପମାନ ପ୍ରଦର୍ଶନ କରିସାରିଛି ଏହି ସଂଗଠନ। କୃଷି ଉତ୍ପାଦକ ସଂଗଠନ ସଂରକ୍ଷଣର ସୁବିଧା ଏବଂ ଯୋଗାଣ ବ୍ୟବସ୍ଥା ସହିତ ଉନ୍ନତ ଭିତ୍ତିଭୂମି ସୃଷ୍ଟି, ଇଣ୍ଟିଗ୍ରେଟେଡ୍ ପ୍ୟାକ୍‌ହାଉସ୍ ଏବଂ ରେଫ୍ରିଜରେଟେଡ୍ ଭ୍ୟାନର ପ୍ରୟୋଗ କରାଯାଇଛି। ଆଗକୁ ଏହା ମାଞ୍ଜି ଏବଂ କ୍ଷୁଦ୍ର ଶସ୍ୟ ଜାତୀୟ ଫସଲ ଉତ୍ପାଦନ କରିବାର ଯୋଜନା ରଖିଛି। ଏହି ସଂଗଠନଟି ନାବାର୍ଡ, କୃଷି ବିଜ୍ଞାନକେନ୍ଦ୍ର ଅନୁଗୁଳ ଏବଂ ଓୟୁଏଟି ଦ୍ୱାରା ପ୍ରଶଂସିତ ହେବା ସହିତ ଓୟୁଏଟିର ୬୩ତମ ପ୍ରତିଷ୍ଠା ଦିବସରେ ଶ୍ରେଷ୍ଠ ସଂଗଠନ ଭାବେ ପୁରସ୍କୃତ ହୋଇପାରିଛି।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଏକ ଏକର ମକା ଚାଷ ପାଇଁ ୬ କିଗ୍ରା ବିହନ ଦରକାର ହୁଏ। ଫଲ୍ ଆର୍ମି ୱର୍ମ କୀଟ ପରିଚାଳନା ପାଇଁ ବିହନ ବୁଣିବା ଆଗରୁ ଏକ କେଜି ବିହନରେ ୪ ମିଲି ସିଆନଟ୍ରାନିଲିପ୍ରୋଲ୍ ୧୯.୮% +ଥିୟାମିଥୋକ୍ସାମ୍ ୧୯.୮% ଏଫ୍‌ଏସ୍ କୀଟନାଶକରେ ମିଶାଇ ବିହନ ବିଶୋଧନ କରନ୍ତୁ।
- ହରଡ଼ର ଅଧିକ ଅମଳକ୍ଷମ କିସମ ଗୁଡ଼ିକ ହେଲା ପିଆରଜି-୧୭୬, ପିଆରଜି-୩୩୫, ଲିଏଲ-ଅହରଡ଼-୧, ଟି-ଅହରଡ଼ ଇତ୍ୟାଦି। ଉନ୍ନତ ଓ ଡେରିରେ ଅମଳ ହେଉଥିବା କିସମ ଗୁଡ଼ିକ ହେଲା ଆଶା, ଲକ୍ଷ୍ମୀ, ମାରୁତି, ବିଜିଆରଡି-୫୯, ପଦ୍ମ-୨-୭, ଭିଟି-୪୦୪ ଇତ୍ୟାଦି।
- ଆଖୁ ଫସଲରେ ଏକ କାଣ୍ଡ ବିନ୍ଧା ପୋକର ପରିଚାଳନା ପାଇଁ ନିୟମିତ ଜଳସେଚନ କରନ୍ତୁ। ପୋକ ଓ ଅଣ୍ଡାପୁଞ୍ଜକୁ ହାତରେ ନଷ୍ଟ କରି ଆକ୍ରାନ୍ତ ଗିଲକୁ କାଟିଦିଅନ୍ତୁ।
- ସପେଟା ଗଛରେ ଡୁଡ଼ିବିନ୍ଧା ପୋକର ଦମନ ପାଇଁ ସାଇପରମେଥ୍ରିନ୍ ୧୦ ଗ୍ରାମ୍ ଏକର ପ୍ରତି ୧୫ ଦିନ ଅନ୍ତରରେ ଦୁଇଥର ପ୍ରୟୋଗ କରନ୍ତୁ।
- କଦଳୀ ଗଛରେ ଗୁଣ୍ଡିପୋକର ପରିଚାଳନା ପାଇଁ ଏକର ପ୍ରତି ୧୦ଟି କସମୋଲୁର ଥିବା ସଙ୍ଗ ଆକର୍ଷକ ଯନ୍ତ୍ର ଲଗାନ୍ତୁ।

## ଅନ୍ତର୍ଜାତୀୟ କ୍ରିକେଟ୍: ଘରୋଇ ଭେନ୍ୟୁରେ ପରିବର୍ତ୍ତନ

# ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ବାରବାଟୀରେ

ନୂଆଦିଲ୍ଲୀ, ୯।୬ (ଏଜେନ୍ସି): ଭାରତରେ ଚଳିତବର୍ଷ ହେବାକୁ ଥିବା ଅନ୍ତର୍ଜାତୀୟ କ୍ରିକେଟ ଭେନ୍ୟୁରେ ବିସିସିଆଇ ପରିବର୍ତ୍ତନ କରିଛି । ଏହା ଫଳରେ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ, ଦିନିକିଆ ଓ ଟି-୨୦ ଭେନ୍ୟୁରେ କିଛି ଅଦଳ ବଦଳ ହୋଇଛି ଓ ଆଉ କିଛି ଭେନ୍ୟୁ ସ୍ଥାନାନ୍ତରିତ ହୋଇଛି । ଅଷ୍ଟ୍ରେଲିଆ ବିପକ୍ଷ ମହିଳା ସିରିଜ୍ ଓ ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ଟୁର୍ ମଧ୍ୟ ଏହି ପରିବର୍ତ୍ତନ ଯୋଗୁଁ ପ୍ରଭାବିତ ହୋଇଛି ।

କିନ୍ତୁ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଚଳିତବର୍ଷ ଡିସେମ୍ବର ୯ ତାରିଖ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ଟି-୨୦ ଭେନ୍ୟୁ ଅପରିବର୍ତ୍ତିତ ରହିଛି । ଏଣୁ ବାରବାଟୀ ଏହି ଅନ୍ତର୍ଜାତୀୟ ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ଖେଳାଯିବ ବୋଲି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଥିବା ପରିବର୍ତ୍ତିତ ଖେଳସୂଚୀରୁ ଜଣାଯାଇଛି । ଚଳିତବର୍ଷ ଫେବୃଆରୀ ୯ରେ ଇଂଲଣ୍ଡ ସହ ଭାରତ ଏଠାରେ ଏକ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲା । ଘୋଷିତ ଖେଳସୂଚୀ ଅନୁଯାୟୀ ଭାରତ ସହ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବାକୁ ୱେଷ୍ଟଇଣ୍ଡିଜ୍ ଅକ୍ଟୋବରରେ ଆସିବ । ଏହା ପରେ ନଭେମ୍ବର ୧୪ରୁ ଡିସେମ୍ବର ୧୯ ମଧ୍ୟରେ ଦକ୍ଷିଣ ଆଫ୍ରିକା ଭାରତ ଗସ୍ତରେ ଆସି ୨ ଟେଷ୍ଟ ୩ ଦିନିକିଆ ଓ ୫ ଟି-୨୦ ମ୍ୟାଚ୍ ଖେଳିବ । ସେହିପରି ଅଷ୍ଟ୍ରେଲିଆର ବରିଷ୍ଠ ମହିଳା କ୍ରିକେଟ ଦଳର ଭେନ୍ୟୁରେ ମଧ୍ୟ ପରିବର୍ତ୍ତନ କରାଯାଇଛି ।

### ପରିବର୍ତ୍ତିତ ଖେଳସୂଚୀ

| ତାରିଖ | ମ୍ୟାଚ | ଭେନ୍ୟୁ |
|---|---|---|
| **ୱେଷ୍ଟଇଣ୍ଡିଜ୍ ଟୁର-୨ ଟେଷ୍ଟ** | | |
| ୦୨ରୁ ୦୬।୧୦ | ପ୍ରଥମ ଟେଷ୍ଟ | ଅହମ୍ମଦାବାଦ |
| ୧୦ରୁ ୧୪।୧୦ | ଦ୍ୱିତୀୟ ଟେଷ୍ଟ | ନୂଆଦିଲ୍ଲୀ |
| **ଦ.ଆଫ୍ରିକା ଟୁର- ୨ ଟେଷ୍ଟ** | | |
| ତାରିଖ | ମ୍ୟାଚ | ଭେନ୍ୟୁ |
| ୧୪ରୁ ୧୮।୧୧ | ପ୍ରଥମ ଟେଷ୍ଟ | କୋଲକାତା |
| ୨୨ରୁ ୨୬।୧୧ | ଦ୍ୱିତୀୟ ଟେଷ୍ଟ | ଗୌହାଟୀ |
| **୩ ଦିନିକିଆ** | | |
| ନଭେମ୍ବର ୩୦ | ପ୍ରଥମ ଦିନିକିଆ | ରାଞ୍ଚି |
| ଡିସେମ୍ବର ୦୩ | ଦ୍ୱିତୀୟ ଦିନିକିଆ | ରାୟପୁର |
| ଡିସେମ୍ବର ୦୬ | ତୃତୀୟ ଦିନିକିଆ | ବିଶାଖାପାଟଣା |
| **୫ ଟି-୨୦** | | |
| ଡିସେମ୍ବର ୦୯ | ପ୍ରଥମ ଟି-୨୦ | କଟକ |
| ଡିସେମ୍ବର ୧୧ | ଦ୍ୱିତୀୟ ଟି-୨୦ | ମୁଲାନପୁର |
| ଡିସେମ୍ବର ୧୪ | ତୃତୀୟ ଟି-୨୦ | ଧର୍ମଶାଳା |
| ଡିସେମ୍ବର ୧୭ | ଚତୁର୍ଥ ଟି-୨୦ | ଲକ୍ଷ୍ନୌ |
| ଡିସେମ୍ବର ୧୯ | ପଞ୍ଚମ ଟି-୨୦ | ଅହମ୍ମଦାବାଦ |

**ଟେଷ୍ଟ ମ୍ୟାଚ୍ ଭେନ୍ୟୁ :** ଏହି ପରିବର୍ତ୍ତନରେ ଟେଷ୍ଟ କ୍ରିକେଟ ଭେନ୍ୟୁରେ ପ୍ରଭାବ ପକାଇଛି । ପୂର୍ବରୁ ଘୋଷିତ ସୂଚୀରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପୂର୍ବରୁ କୋଲକାତାରେ ଖେଳାଯିବାକୁ ଥିଲା । ଏହା ଏବେ ନୂଆଦିଲ୍ଲୀରେ ଖେଳାଯିବ । ସେହିପରି ନୂଆଦିଲ୍ଲୀରେ ଦକ୍ଷିଣ ଆଫ୍ରିକା ସହ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ଏବେ କୋଲକାତା ଇଡେନ ଗାର୍ଡେନ୍ସରେ ଅନୁଷ୍ଠିତ ହେବ । ଏହି ପରିବର୍ତ୍ତନ ବ୍ୟତୀତ ଉଭୟ ଦେଶ ମଧ୍ୟରେ ଖେଳାଯିବାକୁ ଥିବା ସିରିଜ୍‌ରେ ଆଉ କୌଣସି ପରିବର୍ତ୍ତନ କରାଯାଇନାହିଁ ।

**ମହିଳା ଦିନିକିଆ ସିରିଜ୍; ଚେନ୍ନାଇରୁ ଚଣ୍ଡିଗଡ**

ଅଷ୍ଟ୍ରେଲିଆର ବରିଷ୍ଠ ମହିଳା କ୍ରିକେଟ ଦଳ ଭାରତ ସହ ଦିନିକିଆ ସିରିଜ୍ ଖେଳିବାକୁ ଭାରତ ଆସିବ । ଏହି ସିରିଜ୍‌ର ମ୍ୟାଚ୍ ଗୁଡିକ ଚେନ୍ନଇରେ ଖେଳାଯିବାର ଥିଲା । କିନ୍ତୁ ପିଚ୍ ଓ ପଡ଼ିଆ ନିର୍ଦ୍ଧାରିତ ସମୟରେ ପ୍ରସ୍ତୁତି ହୋଇ ନ ପାରିବାରୁ ଏହାକୁ ଚଣ୍ଡିଗଡରେ ପିସିଏ ଦ୍ୱାରା ନିର୍ମାଣ୍ କରାଯାଇଥିବା ନୂଆ କ୍ରିକେଟ ଷ୍ଟାଡିୟମ୍ ମୁଲାନପୁରକୁ ସ୍ଥାନାନ୍ତରିତ ହୋଇଛି । ଏଠାରେ ପ୍ରଥମ ଦୁଇଟି ମ୍ୟାଚ୍ ଓ ନୂଆଦିଲ୍ଲୀରେ ତୃତୀୟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ସ୍ଥିର କରାଯାଇଛି ।

**ରାଜକୋଟରେ ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ଦିନିକିଆ**

ଦକ୍ଷିଣ ଆଫ୍ରିକା-ଏ' ଦଳର ଗସ୍ତସୂଚୀରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ଏହି ସିରିଜ୍‌ର ଦୁଇଟିଯାକ ଅନ୍‌ଅଫିସିଆଲ ଟେଷ୍ଟ ଭେନ୍ୟୁରେ ପୂର୍ବପରି ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସି ଗ୍ରାଉଣ୍ଡରେ ଖେଳାଯିବ । କିନ୍ତୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଭେନ୍ୟୁକୁ ବଦଳାଇ ଦିଆଯାଇଛି । ପୂର୍ବରୁ ଏହି ଭେନ୍ୟୁ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯିବାର ଥିଲା । କିନ୍ତୁ ପରିବର୍ତ୍ତିତ ଭେନ୍ୟୁ ଅନୁଯାୟୀ ଏହି ମ୍ୟାଚଗୁଡିକ ଏବେ ରାଜକୋଟର ସୌରାଷ୍ଟ୍ର କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ଖେଳାଯିବ ।

---

**ଗ୍ରାଣ୍ଡସ୍ଲାମ୍ ଫାଇନାଲ୍**

# ଅପରାଜେୟ ଆଲ୍‌କାରାଜ୍



ପ୍ୟାରିସ, ୯।୬ (ଏଜେନ୍ସି): ଦୀର୍ଘ ୫ ଘଣ୍ଟା ୨୯ ମିନିଟ୍‌ର ଲଢ଼େଇ ପରେ ଶେଷରେ ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ୪-୬, ୬-୭ (୪/୭), ୬-୪, ୭-୬ (୭/୩), ୭-୬ (୭/୧୦) ସେଟ୍‌ରେ ବିଶ୍ୱର ଏକ ନମ୍ବର ଖେଳାଳି ଇଟାଲୀର ଜାନିକ ସିନ୍ନରଙ୍କୁ ପରାସ୍ତ କରି ଫ୍ରେଞ୍ଚ ଓପନ୍ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି । ଓପନ୍ ଏରାରେ ଫ୍ରେଞ୍ଚ ଓପନ୍‌ରେ ଏହା ସବୁଠୁ ଦୀର୍ଘକାଳୀନ ଫାଇନାଲ ମ୍ୟାଚ୍ ହେବାର ରେକର୍ଡ ହୋଇଛି । ୧୯୮୨ରେ ୱିଲାଣ୍ଡର ଓ ଭିଲାସ୍‌ଙ୍କ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ୪ ଘଣ୍ଟା ୪୨ ମିନିଟ୍ ଧରି ଖେଳାଯାଇଥିଲା । ୨୨ ବର୍ଷୀୟ ଆଲ୍‌କାରାଜଙ୍କ ମଧ୍ୟ ଏହା ୫ମ ଗ୍ରାଣ୍ଡସ୍ଲାମ ଟ୍ରଫି । ପୂର୍ବରୁ ସେ ଦୁଇଥର ୱିମ୍ବଲଡନ (୨୦୨୩ ଓ ୨୦୨୪) ଓ ୨୦୨୨ରେ ୟୁଏସ୍ ଓପନ୍ ଜିତିଥିଲେ ।

ଫ୍ରେଞ୍ଚ ଓପନ ଜିତିବା ଅବସରରେ ଆଲ୍‌କାରାଜ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ରୋଜର ଫେଡରରଙ୍କ ପରେ ପ୍ରଥମ ଖେଳାଳି ଭାବେ ଆଲ୍‌କାରାଜ୍ ନିଜର ପ୍ରଥମ ୫ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ଚାମ୍ପିଅନ ହେବାରେ ସୌଭାଗ୍ୟ ଲାଭ କରିଛନ୍ତି । ଅର୍ଥାତ୍ ଆଲ୍‌କାରାଜ ବର୍ତ୍ତମାନ ସୁଦ୍ଧା ୫ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିବାବେଳେ ସମସ୍ତ ଲଢ଼େଇରେ ବିଜୟୀ ହୋଇ ଚାମ୍ପିଅନ ହୋଇଛନ୍ତି । ଫଳରେ ଗ୍ରାଣ୍ଡସ୍ଲାମ ଫାଇନାଲରେ ଆଲ୍‌କାରାଜ ଅପରାଜେୟ ରହିଛନ୍ତି । ଫେଡରର ତାଙ୍କର ପ୍ରଥମ ୭ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ଅପରାଜୟ ରହିଥିଲେ । ସେହିଭଳି ୨୨ ବର୍ଷ ବୟସ ମଧ୍ୟରେ ୫ଟି ଗ୍ରାଣ୍ଡସ୍ଲାମ ଜିତିବାରେ ଜୋର୍ନ ବୋର୍ଗ (୨୧ ବର୍ଷ) ଓ ରାଫେଲ ନାଡାଲ (୨୨ ବର୍ଷ)ଙ୍କ ପରେ ଆଲ୍‌କାରାଜ ବିଶ୍ୱର ୩ୟ ଖେଳାଳି ହୋଇଛନ୍ତି । ଫେଡରର, ନାଡାଲ ଓ ନୋଭାକ ଜୋକୋଭିଚ୍‌ଙ୍କ ପରେ ଆଲ୍‌କାରାଜ ବିଶ୍ୱର ୪ର୍ଥ ଖେଳାଳି ଭାବେ ଚଳିତ ଶତାବ୍ଦୀରେ କ୍ରମାଗତ ୪ ବର୍ଷ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବାର ରେକର୍ଡ କରିଛନ୍ତି । ସେହିଭଳି ଓପନ୍ ଏରାରେ ୮ମ ଖେଳାଳି ଭାବେ ସେ ଫ୍ରେଞ୍ଚ ଓପନ୍ ଟାଇଟଲ୍ ବଜାୟ ରଖିବାର ସଫଳତା ପାଇଛନ୍ତି ।

**ବୟସ ୨୨**
**୫ରୁ ୫ ଟାଇଟଲ୍**

---

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

# ଭାରତର କ୍ରମାଗତ ୨ୟ ପରାଜୟ

ଆମଷ୍ଟେଲଭିନ, ୯।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପ ପର୍ଯ୍ୟାୟରେ ଭାରତୀୟ ପୁରୁଷ ହକି ଦଳ କ୍ରମାଗତ ୨ୟ ପରାଜୟବରଣ କରିଛି । ସୋମବାର ସନ୍ଧ୍ୟାରେ ସ୍ଥାନୀୟ ୱାଗେନର ହକି ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୨-୩ ଗୋଲରେ ଅଲିମ୍ପିକ ଚାମ୍ପିଅନ ଘରୋଇ ନେଦରଲାଣ୍ଡସ ନିକଟରୁ ପରାସ୍ତ ହୋଇଛି । ଭାରତ ପକ୍ଷରୁ ଅଭିଷେକ ଓ ୟୁଗରାଜ ସିଂହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ । ମ୍ୟାଚ୍ ଶେଷ ହେବାକୁ ୩ ମିନିଟ୍ ବାକିଥିବାବେଳେ ଜିପ୍ ଜାନସେନ ନେଦରଲାଣ୍ଡସ ପାଇଁ ବିଜୟସୂଚକ ୩ୟ ଗୋଲ୍‌ଟି ଦେଇଥିଲେ । ପୂର୍ବରୁ ରବିବାର ରାତିରେ ଭାରତ ଏହି ୟୁରୋପ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ମଧ୍ୟ ଘରୋଇ ନେଦରଲାଣ୍ଡସଠାରୁ ୨-୧ ଗୋଲ୍‌ରେ ହାରିଥିଲା । ଭାରତ ପରବର୍ତ୍ତୀ ମ୍ୟାଚରେ ବୁଧବାର ଆର୍ଜେଣ୍ଟିନାକୁ ଭେଟିବାର କାର୍ଯ୍ୟସୂଚୀ ରହିଛି । ଚଳିତ ପ୍ରୋ ଲିଗ୍‌ରେ ଭାରତ ବର୍ତ୍ତମାନ ସୁଦ୍ଧା ୧୦ ମ୍ୟାଚ୍ ଖେଳି ୫ଟି ଲେଖାଏ ବିଜୟ ଓ ପରାଜୟ ସହ ୧୫ ପଏଣ୍ଟ ପାଇ ଟେବଲ୍‌ର ୪ର୍ଥ ସ୍ଥାନରେ ରହିଛି ।

---

**● କୋଟିଆନ୍, କାମ୍ବୋଜ୍‌ଙ୍କ ଦମ୍‌ଦାର ବ୍ୟାଟିଂ**

# ଭାରତ ଏ - ଇଂଲଣ୍ଡ ଲାୟନ୍ସ ମ୍ୟାଚ୍ ଡ୍ର'

ନର୍ଥଆମ୍ପଟନ, ୯।୬ (ଏଜେନ୍ସି): ଦୁଇ ବୋଲିଂ ଅଲରାଉଣ୍ଡର ତନୁସ କୋଟିଆନ ଓ ଅଂଶୁଲ କାମ୍ବୋଜଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ଭାରତ-ଏ ବନାମ ଇଂଲଣ୍ଡ ଲାୟନ୍ସ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଡ୍ର' ରହିଛି । ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ଭାରତ-ଏ' ୨୧ ରନ୍‌ରେ ଆଗୁଆ ରହିବା ପରେ ଚତୁର୍ଥ ଦିନ ଖେଳରେ ଦମ୍‌ଦାର ବ୍ୟାଟିଂ କରି ଘରୋଇ ଦଳକୁ ନିରାଶ କରିଥିଲା । ଭ୍ରମଣକାରୀ ଦଳର ୪ଜଣ ଖେଳାଳି ଲୋକେଶ ରାହୁଲ (୫୧), ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ୮୦, କୋଟିଆନ ୯୦ ଓ କାମ୍ବୋଜ ୫୧ ରନ୍ କରିବା ଫଳରେ ମ୍ୟାଚ୍‌ର ଚତୁର୍ଥ ତଥା ଶେଷ ଦିନରେ ଭାରତ-ଏ' ୭ ୱିକେଟ ହରାଇ ୪୧୭ ରନ୍ ସଂଗ୍ରହ କରିବା ପରେ ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା । ଫଳରେ ଇଂଲଣ୍ଡ ଲାୟନ୍ସ ଆଗରେ ବାକିଥିବା ୩୯ ଓଭରରେ ମ୍ୟାଚ୍ ଜିତିବାକୁ ୪୩୯ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହି ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ଲାୟନ୍ସ ୩୨ ରନ୍‌ରେ ୩ ୱିକେଟ ହରାଇବା ପରେ ମ୍ୟାଚ୍ ଡ୍ର ରଖିବା ଲାଗି ଉଭୟ ଦଳ ରାଜି ହୋଇଯାଇଥିଲେ । ଏହା ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍ ମଧ୍ୟ ଡ୍ର ରହିଛି । ପୂର୍ବରୁ ଉଭୟ ଦଳ ମଧ୍ୟରେ କାଣ୍ଟରବରୀରେ ଖେଳାଯାଇଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ହାରଜିତ୍ ବିନା ଫଇସଲାରେ ଶେଷ ହୋଇଥିଲା ।

ଭାରତ-ଏ'ର ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା ବେଳକୁ ସ୍ପିନ ଅଲରାଉଣ୍ଡର କୋଟିଆନ ୧୦୮ଟି ବଲ୍‌ରୁ ୧୦ ଚୌକା ଓ ୧ ଛକା ସହ ୯୦ ଓ ପେସ୍ ଅଲରାଉଣ୍ଡର କାମ୍ବୋଜ ୮୬ ବଲ୍‌ର ସାମ୍ନା କରି ୫ ଚୌକା ଓ ୧ ଛକା ସହ ୫୧ ରନ୍ କରି ଅପରାଜିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୀତୀଶ କୁମାର ରେଡ୍ଡି ୪୨ ଓ ଶାର୍ଦ୍ଦୁଳ ଠାକୁର ୩୪ ରନ୍ କରିବା ଫଳରେ ଭାରତ-ଏ ଶେଷ ୩ଟି ୱିକେଟ ପାର୍ଟନରସିପ୍‌ରେ ୨୫୭ ରନ୍ ଉଠାଇଥିଲା । ଯାହା ଫଳରେ ଭାରତ-ଏ ଏକ ବିଶାଳ ସ୍କୋର କରିବାକୁ ସମର୍ଥ ହୋଇଥିଲା । ଭାରତ-ଏ'ର ଦ୍ୱିତୀୟ ଇନିଂସରେ ଜର୍ଜ ହିଲ୍ ୩ଟି, କ୍ରିସ୍ ୱକ୍ସ ଓ ଏଡ୍‌ୱାର୍ଡ ଜ୍ୟାକ୍ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଭାରତ-ଏ ୩୪୮ ଓ ଇଂଲଣ୍ଡ ଲାୟନ୍ସ ୩୨୭ ରନ୍ କରିଥିଲା ।

---

# ଲର୍ଡ୍ସରେ ଅଷ୍ଟ୍ରେଲିଆ ଦଳକୁ ମିଳିଲାନି ପ୍ରବେଶ ଅନୁମତି

ଲର୍ଡ୍ସ, ୯।୬ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମ୍ୟାଚ୍ ବୁଧବାରଠାରୁ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି । ତେବେ ଏହି ଫାଇନାଲ ମ୍ୟାଚ୍ ପୂର୍ବରୁ ଏକ ବିବାଦୀୟ ଘଟଣା ସାମ୍ନାକୁ ଆସିଛି । ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ମୁତାବକ, ଚାମ୍ପିଅନ ଅଷ୍ଟ୍ରେଲିଆ ଦଳକୁ ଲର୍ଡ୍ସ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ ଅନୁମତି ଦି ଆଯାଇ ନ ଥିଲା । ଯେହେତୁ ସେଠାରେ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳ ଅଭ୍ୟାସ କରୁଥିଲା ତେଣୁ ଅଷ୍ଟ୍ରେଲିଆ ଦଳକୁ ପ୍ରବେଶ ଲାଗି ମନା କରାଯାଇଥିଲା । ଗ୍ରାଉଣ୍ଡସ ଅଧିକାରୀଙ୍କ ପକ୍ଷରୁ କୁହାଯାଇଥିଲା ଯେ, ଫାଇନାଲ ମ୍ୟାଚ୍ ଲାଗି ଭିତରେ ପ୍ରସ୍ତୁତି ଚାଲିଛି ।

---

## ସର୍ବଭାରତୀୟ ସୈନିକ ସ୍କୁଲ ଫୁଟ୍‌ବଲ ଉଦ୍‌ଘାଟିତ

ଭୁବନେଶ୍ୱର, ୯।୬ (ସମିସ): ସର୍ବଭାରତୀୟ ସୈନିକ ସ୍କୁଲ ଆନ୍ତଃଗ୍ରୁପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସୋମବାରଠାରୁ ଏଠାରେ ଆରମ୍ଭ ହୋଇଛି । ଭୁବନେଶ୍ୱର ସୈନିକ ସ୍କୁଲ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ସୈନିକ ସ୍କୁଲର ୨୪ଟି ଦଳ ଅଂଶଗ୍ରହଣ କରିଛନ୍ତି । ଏଥିରେ ୩ଟି ବିଭାଗରେ ମ୍ୟାଚ୍ ଖେଳାଯିବ । ୧୫ ବର୍ଷରୁ କମ୍ ବାଳକ ଏବଂ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ମ୍ୟାଚ୍ ଅନୁଷ୍ଠିତ ହେବ । ପ୍ରତିବର୍ଗରେ ଚାମ୍ପିଅନ ଦଳ ଆଗାମୀ ସୁବ୍ରତ କପ୍ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଭୁବନେଶ୍ୱର ସୈନିକ ସ୍କୁଲର ଅଧ୍ୟକ୍ଷ କର୍ଣ୍ଣେଲ ପଙ୍କଜ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ଆଇସିସି ହଲ୍ ଅଫ୍ ଫେମ୍‌ରେ ଧୋନି



ଲଣ୍ଡନ, ୯।୬ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କୁ 'ଆଇସିସି ହଲ୍ ଅଫ୍ ଫେମ୍'ରେ ସାମିଲ କରାଯାଇଛି । ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସୋମବାର ଲଣ୍ଡନରେ ଆୟୋଜିତ ଏକ କାର୍ଯ୍ୟକ୍ରମ ଅବସରରେ ଧୋନିଙ୍କୁ ଏହି ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଧୋନିଙ୍କ ସମେତ ବିଶ୍ୱର ୭ଜଣ କିଂବଦନ୍ତୀ କ୍ରିକେଟର୍‌ଙ୍କୁ ସୋମବାର ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା । ଧୋନିଙ୍କ ପୂର୍ବରୁ ସୁନିଲ ଗାଭାସ୍କର, ବିଶନ ସିଂହ ବେଦୀ, କପିଳ ଦେବ, ଅନିଲ କୁମ୍ବଲେ, ରାହୁଲ ଦ୍ରାବିଡ, ସଚିନ ତେନ୍ଦୁଲକର, ବିନୁ ମଙ୍କଡ, ଡାଏନା ଏଡୁଲଜି, ବୀରେନ୍ଦ୍ର ସେହ୍ୱାଗ ଓ ନୀତୁ ଡେଭିଡ୍ ଭାରତୀୟ ଭାବେ ଏହି ସମ୍ମାନର ଅଧିକାରୀ ରହିଥିଲେ । ୨୦୦୪ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିବା ଧୋନି ଭାରତ ପାଇଁ ୩୫୦ ଦିନିକିଆ, ୯୦ ଟେଷ୍ଟ ଓ ୯୮ ଟି-୨୦ ଖେଳି ୧୭ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି । ସେ ୱିକେଟ୍ ପଛରେ ୩୦୦ରୁ ଊର୍ଦ୍ଧ୍ୱ ଡିସ୍‌ମିସାଲ ମଧ୍ୟ କରିଛନ୍ତି । ଏହାବାଦ୍ ତାଙ୍କ ନେତୃତ୍ୱରେ ଭାରତ ଟି-୨୦ ବିଶ୍ୱକପ୍ (୨୦୦୭), ଦିନିକିଆ ବିଶ୍ୱକପ୍ (୨୦୧୧) ଓ ଚାମ୍ପିଅନ୍ସ ଟ୍ରଫି (୨୦୧୩) ଜିତିଥିଲା ।

---

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

# ଅଭିଷେକଙ୍କୁ ୫ ୱିକେଟ; କଟକ-ବି ବିଜୟୀ



କଟକ, ୯।୬ (ସମିସ): ଓସିଏ ଆନୁକୂଲ୍ୟରେ ଆୟୋଜିତ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର ଏକ ମ୍ୟାଚ୍‌ରେ କଟକ-ବି ୧୫୮ ରନରେ ମାଲକାନଗିରିକୁ ପରାସ୍ତ କରିଛି । ରେଭେନ୍ସା ଗ୍ରାଉଣ୍ଡ-୧ରେ ଏହି ମ୍ୟାଚ୍ ଖେଳାଯାଇଥିଲା । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଟକ-ବି ରଞ୍ଜନ ସାମଲ(୮୧) ଏବଂ ଅଭିଷେକ କାଳିଆ(୫୩)ଙ୍କ ଅର୍ଦ୍ଧଶତକୀୟ ପାଳି ସହାୟତାରେ ସମସ୍ତ ୱିକେଟ ହରାଇ ୨୪୯ ରନ କରିଥିଲା । ଜବାବରେ ମାଲକାନଗିରି ମାତ୍ର ୯୧ ରନରେ ଅଲଆଉଟ ହୋଇଥିଲା । କଟକ-ବି'ର ଅଭିଷେକ ସେନାପତି ୧୫ରନ ବିନିମୟରେ ୫ଟି ୱିକେଟ ଦଖଲ କରିବା ସହ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ରେଭେନ୍ସା ଗ୍ରାଉଣ୍ଡ-୨ରେ ସମ୍ବଲପୁର-ଏ ୧୦୧ ରନରେ କଳାହାଣ୍ଡିକୁ ହରାଇଛି । ଅର୍ମାନ ବୋହିଦାରଙ୍କ ୯୦ ରନର ଇନିଂସ୍ ବଳରେ ସମ୍ବଲପୁର-ଏ ୨୦୨ ରନ କରିଥିଲା । ଜବାବରେ କଳାହାଣ୍ଡି ୧୦୧ ରନରେ ଅଲଆଉଟ ହୋଇଥିଲା । ବିଜୟୀ ଦଳର ସେଖ ତନଭୀର ୧୦ ରନ ବିନିମୟରେ ୪ଟି ୱିକେଟ ଦଖଲ କର ଶ୍ରେଷ୍ଠ ଖେଳାଳି ହୋଇଥିଲେ । ଦିବସରେ ଖେଳାଯାଇଥିବା ଅନ୍ୟ ଦୁଇ ମ୍ୟାଚ୍‌ରେ ସୁନ୍ଦରଗଡ଼ ୨ ୱିକେଟରେ ବଲାଙ୍ଗିରକୁ ଏବଂ ମୟୂରଭଞ୍ଜ ୬୩ ରନରେ ଗଜପତିକୁ ହରାଇଥିଲା । କେନ୍ଦ୍ରାପଡା-ଜଗତସିଂହପୁର ଏବଂ ଅନୁଗୋଳ-ଦେବଗଡ଼ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଛି ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS